# ପୁନଃ ମାପଚୁପ ପାଇଁ ଦାବି ତେଜୁଛି

ଯାଜପୁର,୨୧।୭(ହର୍ଷବର୍ଦ୍ଧନ ବେହେରା)



ଯାଜପୁର ଜିଲାର କଳିଙ୍ଗନଗରରେ ନବେ ଦଶକରୁ ବିପୁଳ ପରିମାଣରେ ସରକାରୀ ଓ ସାଧାରଣ ପ୍ରଜାଙ୍କ ଜମି ଅଧିଗ୍ରହଣ କରାଯାଇଛି। ଲୋକଙ୍କ ଜମିରେ ଏକାଧିକ ବଡ ଶିଳ୍ପ କାରଖାନା ପ୍ରତିଷ୍ଠା ହୋଇଛି । କିନ୍ତୁ ଜମିହରାମାନେ ସର୍ବହରା ହୋଇ ନିଯୁକ୍ତି କିମ୍ବା ଅତିରିକ୍ତ କ୍ଷତିପୂରଣ ପାଇଁ ଅନଶନ, ଧାରଣା, ଆନ୍ଦୋଳନ କରୁଥିଲେ ବି ସରକାର କର୍ଣ୍ଣପାତ କରୁନାହାନ୍ତି । ଏହିକ୍ରମରେ କଳିଙ୍ଗନଗର ଶିଳ୍ପାଞ୍ଚଳର ଦାନଗଦି ତହସିଲ ଅନ୍ତର୍ଗତ ଯଖପୁରା ଗ୍ରାମବାସୀ ଭିସିଆଇ କେମିକାଲ ପ୍ରାଇଭେଟ ଲିଃ ଏବଂ ଅନ୍ୟ କମ୍ପାନୀଗୁଡିକୁ ଇଡ୍‌କୋ ଜରିଆରେ ମିଳିଥିବା ଜମିର ଅତିରିକ୍ତ କ୍ଷତିପୂରଣ ବାବଦକୁ ଏକର ପ୍ରତି ୪ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଦାବି କରିଛନ୍ତି। କିନ୍ତୁ ଅଞ୍ଚଳବାସୀଙ୍କ ଦାବିକୁ ଭିସିଆଇ କର୍ତ୍ତୃପକ୍ଷ ଅଣଦେଖା କରି ଚାଲିଛନ୍ତି। ଏନେଇ କ୍ଷତିଗ୍ରସ୍ତ ଜମିହରା ପରିବାରବର୍ଗ କୋର୍ଟରେ ଦ୍ୱାରସ୍ଥ ହୋଇଛନ୍ତି। ଅନ୍ୟପକ୍ଷେ ଭିସିଆଇ ଉକ୍ତ ଜମିରେ କାରଖାନା ପ୍ରତିଷ୍ଠା କରିବା ବଦଳରେ ମୋରମ ଲୁଟ୍ କରି ମାଲାମାଲ ହୋଇଛି। ଅଞ୍ଚଳବାସୀଙ୍କ ଅଭିଯୋଗ ପରେ ସାଟେଲାଇଟ୍ ମାପଚୁପ କରି ଲଘୁ ଖଣି ବିଭାଗ ପକ୍ଷରୁ ମାତ୍ର ୩୭ ଲକ୍ଷ ଟଙ୍କା ଜରିମାନା ଆଦାୟ କରିବାକୁ ନିର୍ଦ୍ଦେଶ ହୋଇଛି। ତେବେ ପ୍ରାୟ ୨୦ କୋଟି ଟଙ୍କାର ମୋରମ ଲୁଟ୍ ହୋଇଥିବା କ୍ଷତିଗ୍ରସ୍ତ ଅଞ୍ଚଳବାସୀ ଅଭିଯୋଗ କରିବା ସହ ଏହାର ପୁନଃ ମାପଚୁପ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିବେ ବୋଲି ସୂଚନା ମିଳିଛି।

ଯାଜପୁର ଜିଲାର ଦାନଗଦି ତହସିଲ ଅନ୍ତର୍ଗତ କଳିଙ୍ଗନଗର ଇଣ୍ଡଷ୍ଟ୍ରିଆଲ ଅଞ୍ଚଳସ୍ଥିତ ଯଖପୁରା ଏବଂ କଟେରୀଗାଁରେ ୧.୦ ଏଲ୍‌ଟିପିଏ କ୍ଷମତା ବିଶିଷ୍ଟ ଗ୍ରୀନ ଫିଲ୍ଡ କୋଲଟାର ଡିଷ୍ଟିଲେଶନ ପ୍ରକଳ୍ପ ପାଇଁ ପ୍ରସ୍ତାବ ରହିଛି। ଗତ ୧୯।୧୧।୨୦୨୩ରେ ଦାନଗଦି ଭବନଠାରେ ଅନୁଷ୍ଠିତ ସର୍ବସାଧାରଣ ଶୁଣାଣିରେ ଜନକଲ୍ୟାଣ, ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟ ଏବଂ ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଇ କମ୍ପାନୀ ପ୍ରତିଷ୍ଠା କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। କିନ୍ତୁ ଜନସାଧାରଣଙ୍କ ଦ୍ୱାରା ଉତ୍ଥାପିତ

## ଭିସିଆଇର ମୋରମ ଲୁଟ୍, ଜମିର କ୍ଷତିପୂରଣ ଦାବି ପ୍ରସଙ୍ଗ

■ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିବେ ଅଞ୍ଚଳବାସୀ

ସ୍ଥାନୀୟ ନିଯୁକ୍ତି ଦାବିକୁ ଅଣଦେଖା କରାଯାଉଛି। ଏହିକ୍ରମରେ କ୍ଷତିଗ୍ରସ୍ତ ପ୍ରଜା ଅସନ୍ତୋଷ ପ୍ରକାଶ କରି ତତ୍କାଳୀନ ମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ଦ୍ୱିତୀୟ ଇସ୍ପାତ୍ କାରଖାନା ନିର୍ମାଣ ପାଇଁ ୧୯୯୨ରେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଜମି ଅଧିଗ୍ରହଣ ହୋଇଥିଲା। ପରନ୍ତୁ ଦ୍ୱିତୀୟ ଇସ୍ପାତ୍ କାରଖାନା ନିର୍ମାଣ ନ ହେବାରୁ ଉକ୍ତ ଅଧିଗ୍ରହଣ ଜମି ଦୀର୍ଘ ବର୍ଷ ଧରି ପଡି ରହିଲା। ପରେ ବିଭିନ୍ନ ଘରୋଇ କାରଖାନାଗୁଡିକୁ ସରକାର ଖଣ୍ଡ ଖଣ୍ଡ କରି ଅଧିଗୃହୀତ ଜମି ଦେଇ ଚାଲିଛନ୍ତି। କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଏକର ପ୍ରତି ୪ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ପ୍ରଦାନ କରାଯାଇଛି। କିନ୍ତୁ କଟେରୀଗାଁ, ଦଶମାଣିଆ, ଯଖପୁରା ମୌଜାରେ ଥିବା ଜମିରେ କୌଣସି କାରଖାନା ନିର୍ମାଣ ନ ହେବାରୁ ଚାଷୀମାନେ ଚାଷ କରି ଗୁଜୁରାଣ ମେଣ୍ଟାଉଛନ୍ତି। ବର୍ତ୍ତମାନ ଭିସିଆଇ ଏବଂ ଅନ୍ୟାନ୍ୟ କମ୍ପାନୀଗୁଡିକୁ ଇଡ୍‌କୋ ଉକ୍ତ ଜମି ଉପରେ କାରଖାନା ନିର୍ମାଣ କରିବା ପାଇଁ ଅନୁମତି ଦେଇଛନ୍ତି। ତେଣୁ ଯୋଗ୍ୟତା ଅନୁସାରେ ନିଯୁକ୍ତି ଏବଂ ଉପଯୁକ୍ତ କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ କାରଖାନା ନିର୍ମାଣକୁ ବିରୋଧ କରିବୁ ବୋଲି କ୍ଷତିଗ୍ରସ୍ତ ଚାଷୀ ଆଦିକାନ୍ତ ରାଉତ, ମନୋଜ କୁମାର ରାଉତ, ବାବାଜି ଚରଣ ସାମଲ, କୈଳାସ ଚନ୍ଦ୍ର ଜେନା, ବେଣୁଧର ରାଉତରାୟ, ହୃଦାନନ୍ଦ ରାଉତ, ଜୟନ୍ତ କୁମାର ରାଉତ, ଶରତ କୁମାର ରାଉତ, ସହଦେବ ସାମଲ, ବନମାଳି ସାମଲ, ଭାଗିରଥି ସାମଲ, ଶଙ୍କର ମଲିକ, ଚନ୍ଦ୍ରକାନ୍ତ ଜେନା, ମଦନମୋହନ ଜେନା ପ୍ରମୁଖ ଦାବି କରି ଆସୁଛନ୍ତି। ଏହାବାଦ୍ ଜମି ହରାଇଥିବା ବିସ୍ଥାପିତଙ୍କୁ ବଂଶାନୁକ୍ରମେ ନିଯୁକ୍ତି, ସରକାରୀ ଜମିକୁ ୨୦ ବର୍ଷରୁ ଊର୍ଦ୍ଧ୍ୱ ଜବରଦଖଲ ହୋଇଥିବା ଜମିକୁ ଭୂ-ଅର୍ଜନ ଆଇନ ୧୮୯୪ରେ ଅନ୍ତର୍ଭୁକ୍ତ କରାଯାଇ ଏକର ପିଛା ୫ଲକ୍ଷ ଟଙ୍କା ଅନୁକମ୍ପା ରାଶି ଯୋଗାଇ ଦେବାକୁ ଦାବି ହେଉଛି । ଏହାକୁ ମଧ କୌଣସି ସରକାରୀ ଅଧିକାରୀ ଶୁଣିବାକୁ ନାରାଜ । ଜୋର ଜବରଦସ୍ତ ଜମି ଅଧିଗ୍ରହଣ ପାଇଁ କଳିଙ୍ଗନଗର ଗୁଳିକାଣ୍ଡ ଘଟଣା ଭଳି ବର୍ବରତା ଉଦାହରଣ ରହିଛି। ଆଗାମୀ ଦିନରେ ଜମିର ଉପଯୁକ୍ତ ମୂଲ୍ୟ ପ୍ରଦାନ ସହ ନିଯୁକ୍ତି ନ ମିଳିଲେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଭିସିଆଇ କ୍ଷତିଗ୍ରସ୍ତ ପ୍ରଜାମାନେ ଚେତାବନୀ ଦେଇଛନ୍ତି।

ଏ ସଂକ୍ରାନ୍ତରେ ଲଘୁ ଖଣି ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କ ପଚାରିବାରୁ ସେ କହିଛନ୍ତି, ଭିସିଆଇ ଉପରେ ଆଇନ ଅନୁଯାୟୀ ଜରିମାନା ଅର୍ଥ ଧାର୍ଯ୍ୟ ହୋଇଛି। ତେବେ ଏଯାଏ ଭିସିଆଇ ଟଙ୍କାଟିଏ ବି ଜରିମାନା ପଇଠ କରିନାହିଁ। ତେଣୁ ଆଗାମୀ ଦିନରେ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ।

# ଧର୍ମଶାଳା ପୂର୍ବତନ ବିଧାୟକଙ୍କ ମନ୍ତବ୍ୟକୁ ଭାଜପାର ନିନ୍ଦା



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତାମାନେ।

କାଏମା,୨୧।୭ (ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଜାରକାସ୍ଥିତ କୁମାରୀ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଆଇନଶୃଙ୍ଖଳା ଏବଂ ପ୍ରଶାସନ ସ୍ଥାଣୁ ପାଲଟିଥିବା ନେଇ ଗଣମାଧ୍ୟମରେ ଯେଉଁ ପ୍ରତିକ୍ରିୟା ଦେଇଛନ୍ତି ତାହାକୁ ନିନ୍ଦା କରାଯାଇଛି। ପୂର୍ବତନ ବିଧାୟକଙ୍କ ଏଭଳି ମନ୍ତବ୍ୟକୁ ଭାଜପା ନେତା ସର୍ବେଶ୍ୱର ବେହୁରା, ଉପେନ୍ଦ୍ର କର, ଚନ୍ଦ୍ରକାନ୍ତ ପଣ୍ଡିତ ଓ ସବ୍ୟସାଚୀ ସୁନ୍ଦର ରାୟ ପ୍ରମୁଖ ଦୁର୍ଭାଗ୍ୟ ଜନକ ବୋଲି କହିଛନ୍ତି। ଏଥିସହିତ ପୂର୍ବତନ ବିଧାୟକଙ୍କ ସମୟର ୨ ସମ୍ବେଦନଶୀଳ ଘଟଣାକୁ ଲୋକ ଲୋଚନକୁ ଅଣାଯାଇଛି। ବିଜେଡି ସରକାର ସମୟରେ ଆଇନଶୃଙ୍ଖଳା ଭୁଶୁଡ଼ି ପଡ଼ିବା ସହିତ ଆଇନ ସବୁବେଳେ ବାଟ ଭାଙ୍ଗି ଚାଲିଯାଇଥିଲା ବୋଲି କୁହାଯାଇଛି। ସେ ସମୟରେ ବୋମା ମାଡ଼ଠାରୁ ଆରମ୍ଭ କରି ଖଣି ମୃତ୍ୟୁକୁ ଚାପି ଦେବା ଭଳି ଘଟଣା ଘଟିଥିଲା। ପୋଲିସ ହାତ ବାରିସି ସାଜିଥିଲା। ସର୍ବେଶ୍ୱରଙ୍କ ଉପରେ ୨୦୨୧ରେ ବୋମା ମାଡ଼ ହେବା ପରେ ତାଙ୍କ ସ୍ତ୍ରୀଙ୍କ ଅଭିଯୋଗକୁ ଗ୍ରହଣ ନ କରି ବିଳମ୍ବ ହୋଇଥିବା ପୋଲିସ ଦର୍ଶାଇ ନିଜ ଆଡୁ ମାମଲା ଗ୍ରହଣ କରିବା କ'ଣ ଆଇନ ଶୃଙ୍ଖଳା ବୋଲି ପ୍ରଶ୍ନକରାଯାଇଛି। ସେହିପରି ଡଙ୍କାରୀ ଖଣି ଦୁର୍ଘଟଣାରେ ମୃତକମାନଙ୍କୁ ନ୍ୟାୟ ମିଳିଲା କି। ସେ ଘଟଣାରେ ପୋଲିସ କାହାକୁ ଗିରଫ କରିଛି ବୋଲି ପ୍ରଶ୍ନ କରି ପୂର୍ବତନ ବିଧାୟକଙ୍କୁ ଭାଜପା ନେତାମାନେ ଘେରିଛନ୍ତି। ଏହି ସମ୍ମିଳନୀରେ ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ ପୂର୍ବତନ ବିଧାୟକ ବିଲେଇ ଭଳି ଲୁଚି ଲୁଚି କ୍ଷୀର ପିଉଛନ୍ତି। ଯଦି ସତ ସାହାସ ଅଛି ଖୋଲା ମଞ୍ଚରେ ବସନ୍ତୁ, ଆଲୋଚନାରେ ଭାଗ ନିଅନ୍ତୁ। ତାଙ୍କ ସମୟରେ କେତେ ବାଟ ଭାଙ୍ଗି ଆଇନ ଯାଇଛି ତା'ର ଉଦାହରଣ ତାଙ୍କ ପାଖରେ ଅଛି। ଲୋକେ ଆଗାମୀ ଦିନରେ ତାଙ୍କୁ ଗାଁରେ ପୁରେଇ ଦେବେ ନାହିଁ ବୋଲି ହିମାଂଶୁ କହିଛନ୍ତି। ଭାଜପା ସାଧାରଣ ଲୋକଙ୍କ ଦଳ ଏବଂ ନୂତନ ସରକାର ସାଧାରଣ ଲୋକଙ୍କ ସମସ୍ୟା ସମାଧାନ ପାଇଁ ତତ୍ପର। ମାଫିଆ, ଅରାଜକତାକାରି ଏବଂ ଲୁଟେରାଙ୍କୁ ସାବାଡ଼ କରିବା ପାଇଁ ଭାଜପା ପ୍ରତିଶ୍ରୁତି ବଦ୍ଧ ବୋଲି ସର୍ବେଶ୍ୱର ପ୍ରକାଶ କରିଛନ୍ତି।

# ପରିବାରରେ ଗଣ୍ଡଗୋଳ, ମାରପିଟ କରି ଯୁବକ ଗିରଫ

ପାଣିକୋଇଲି୨୧।୭(ବିକାଶ ମଲ୍ଲିକ): ନିଜ ପରିବାର ମଧ୍ୟରେ ନିଶାସକ୍ତ ହୋଇ ଗଣ୍ଡଗୋଳ କରିବା ଓ ପରିବାର ଲୋକଙ୍କୁ ମାରପିଟ କରିବା ଏବଂ ନିଜେ ଆତ୍ମହତ୍ୟା କରିବାର ନାଟକ ରଚିବା ଅଭିଯୋଗରେ ପାଣିକୋଇଲି ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ସୁଜିତ ସାହୁ। ପାଣିକୋଇଲି ଥାନା ଜହ୍ନା ଗ୍ରାମର ଅଞ୍ଜନ ସାହୁଙ୍କ ଅଭିଯୋଗ ମୁତାବକ, ତାଙ୍କ ସାନଭାଇ ବବୁଲ ଓରଫ୍ ସୁଜିତ ୩ ବର୍ଷ ହେବ ଘରେ ଓ ପରିବାରରେ ଅଶାନ୍ତି ସୃଷ୍ଟି କରୁଛନ୍ତି। ନିଶାସକ୍ତ ହୋଇ ସବୁବେଳେ ପରିବାର ଲୋକଙ୍କୁ ଗାଳି ଗୁଲଜ ସହ ମାରପିଟ ମଧ୍ୟ କରୁଛନ୍ତି। ଗତ ରଥଯାତ୍ରା ଦିନ ତାଙ୍କ ମା' ମନେକାଙ୍କୁ ଘରେ ପୁରାଇ ଚାବି ପକାଇ ଦେଇଥିଲେ। ଗ୍ରାମବାସୀଙ୍କ ଦ୍ୱାରା କବାଟ ଭାଙ୍ଗି ସେ ଉଦ୍ଧାର ହୋଇଥିଲେ। ଏବେ ସେ ବାରମ୍ବାର ଗଣ୍ଡଗୋଳ କରୁଛନ୍ତି ବୋଲି ଅଞ୍ଜନ ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ପୋଲିସ ଏକ ମାମଲା ନଂ.୩୫।୨୪ ରୁଜୁ କରିଛି।



ଗୋଳେଇପୁର ପଞ୍ଚାୟତ ହାଟସାହି ଗ୍ରାମର ଗୋପାଳ ସାହି ରାସ୍ତାକୁ ଗାଁ ଲୋକେ ନିର୍ମାଣ କରୁଛନ୍ତି।

# ଶୁଣିଲାନି ପ୍ରଶାସନ, ଗ୍ରାମବାସୀ କଲେ ରାସ୍ତା ନିର୍ମାଣ

ପାଣିକୋଇଲି,୨୧।୭(ବିକାଶ ମଲ୍ଲିକ)

କୋରେଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ହାଟସାହି ଗ୍ରାମର ଗୋପାଳ ସାହି ରାସ୍ତାକୁ ଗାଁ ଲୋକେ ନିର୍ମାଣ କରିଛନ୍ତି। ରାସ୍ତା କରିବାକୁ ୧୫ ବର୍ଷ ଧରି ଗ୍ରାମବାସୀ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ହେଲେ କେହି ଶୁଣି ନ ଥିଲେ। ସମାନ୍ୟ ବର୍ଷାରେ ରାସ୍ତାରେ ପାଣି ଜମିବା ସହ କାଦୁଅ ହୁଏ। ଏଥିପାଇଁ ୩୦ରୁ ଊର୍ଦ୍ଧ୍ୱ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଗ୍ରାମର ରମେଶ ଦାସ, ଅଶୋକ ଦାସ. ଆଲୋକ ଦାସ, ହରେକୃଷ୍ଣ ସାହୁ, ବିଦ୍ୟାଧର ଦାସ, ଗଦାଧର ଦାସ, ଗଣେଶ ମଲିକ ଓ ବୁଲୁ ମଲିକ ପ୍ରମୁଖ ନିଜସ୍ୱ ଅର୍ଥରେ ରାସ୍ତା ନିର୍ମାଣ କରି ସମାଜ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।

# ଟାଟା ଷ୍ଟିଲ ପକ୍ଷରୁ ସ୍ତନ କର୍କଟ ସଚେତନତା କାର୍ଯ୍ୟକ୍ରମ



ଟାଟା ଷ୍ଟିଲ୍ ପକ୍ଷରୁ ସ୍ତନ କର୍କଟ ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ମହିଳା ଓ ପୁରୁଷ।

ଯାଜପୁର,୨୧।୭(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା କଳିଙ୍ଗନଗର ଟାଟା ଷ୍ଟିଲ ଓ ନୀଳାଚଳ ଷ୍ଟିଲର କମ୍ୟୁନିଟି ସଦସ୍ୟ ଏବଂ ମହିଳା କର୍ମଚାରୀମାନଙ୍କୁ ନେଇ ସ୍ତନ କର୍କଟ ସମ୍ପର୍କରେ ଏକ ସଚେତନତା ଶିବିର ଟାଟା ଷ୍ଟିଲ ମେଡିକା ହସ୍ପିଟାଲରେ ଅନୁଷ୍ଠିତ ହୋଇଯାଇଛି। ଜାମସେଦପୁରସ୍ଥିତ ଟାଟା ମୁଖ୍ୟ ଡାକ୍ତରଖାନା (ଟିଏମ୍‌ଏଚ୍)ର କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ପରାଗ ରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଅଧିବେଶନରେ ଦାନଗଦି ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ଏଏନ୍‌ଏମ୍, ଆଶା କର୍ମୀ ପ୍ରମୁଖ ୩୦୦ରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ । ବିଶିଷ୍ଟ କର୍କଟ ବିଶେଷଜ୍ଞ ଡାକ୍ତର ପରାଗ ସ୍ତନ କର୍କଟ ମୁକାବିଲାରେ ସଚେତନତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରାରମ୍ଭିକ ଚିହ୍ନଟ ଚିକିତ୍ସା ଫଳାଫଳରେ ଯଥେଷ୍ଟ ଉନ୍ନତି ଆଣିଥାଏ ବୋଲି ସେ କହିଥିଲେ ଏବଂ ମହିଳାମାନଙ୍କୁ ନିୟମିତ ସ୍କ୍ରିନିଂ ଏବଂ ଆତ୍ମ-ପରୀକ୍ଷାକୁ ପ୍ରାଥମିକତା ଦେବାକୁ ଅନୁରୋଧ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ ମେଡିକାଲ ହସ୍ପିଟାଲର ମେଡିକାଲ ସୁପରିଟେଣ୍ଡେଣ୍ଟ ଡାକ୍ତର ସୁଧାଂଶୁ ଶେଖର ସୁତାର, ଟାଟା ଷ୍ଟିଲ ମେଡିକା ହସ୍ପିଟାଲର ଏଜିଏମ୍ ଅପରେଶନ ମାନବେନ୍ଦ୍ର ରାୟ ଏବଂ ଟାଟା ଷ୍ଟିଲ ମେଡିକା ହସ୍ପିଟାଲ ଓ ଟାଟା ଷ୍ଟିଲର ବରିଷ୍ଠ ଡାକ୍ତରମାନେ ଉପସ୍ଥିତ ଥିଲେ । ଟାଟା ମୁଖ୍ୟ ଚିକିତ୍ସାଳୟ ଓ ଟାଟା ଷ୍ଟିଲ ମେଡିକା ହସ୍ପିଟାଲ ଦ୍ୱାରା ମିଳିତ ଉଦ୍ୟମରେ ଅନୁଷ୍ଠି ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମହିଳାମାନଙ୍କୁ ସ୍ତନ କର୍କଟ ବିଷୟରେ ଜ୍ଞାନ ପ୍ରଦାନ କରାଯାଇଥିଲା । କର୍କଟର ପ୍ରାରମ୍ଭିକ ଲକ୍ଷଣ ଚିହ୍ନଟ ଏବଂ ଉପଲବ୍ଧ ଚିକିତ୍ସା ବ୍ୟବସ୍ଥା ବିଷୟରେ ସଚେତନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।

# ସୁଙ୍ଗୁଡ଼ା ପଞ୍ଚାୟତ ପକ୍ଷରୁ ଚଣ୍ଡିଖୋଲ ଛକ ସଫେଇ

ଚଣ୍ଡିଖୋଲ/ବଡ଼ଚଣା,୨୧।୭ (ପ୍ରଦୀପ୍ତ କୁମାର ପୃଷ୍ଟି/ ଦିଲୀପ କୁମାର ମହାନ୍ତି)




ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବିଧାୟକ ଏବଂ ଅନ୍ୟମାନେ।

୩ ଜାତୀୟ ରାଜପଥର ସଙ୍ଗମସ୍ଥଳ ଚଣ୍ଡିଖୋଲ ଛକ ଏକ ବ୍ୟସ୍ତ ବହୁଳ ବ୍ୟବସାୟ ସ୍ଥାନ ଭାବରେ ପରିଚିତ। ଏଠାରୁ ଶହଶହ ଯାତ୍ରୀ ଓଡ଼ିଶାର ବିଭିନ୍ନ ସ୍ଥାନକୁ ଯିବାଆସିବା କରିଥାନ୍ତି। ମାତ୍ର ଏଠାକାର ପରିବେଶ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର। ଚାରିଆଡ଼େ କୁଡ଼କୁଡ଼ ଅଳିଆ ଆବର୍ଜନା। ପରିବା ଦୋକାନ, ଜଳଖିଆ ଦୋକାନ ଓ ହୋଟେଲରୁ ବାହାରୁଥିବା ବର୍ଜ୍ୟବସ୍ତୁ ଦ୍ୱାରା ପରିବେଶ ଦୂଷିତ ହେଉଛି। ଏହାକୁ ଆଖିଆଗରେ ରଖି ରବିବାର ସ୍ୱଚ୍ଛ ଭାରତ ମିଶନ ଆନୁକୂଲ୍ୟରେ ସୁଙ୍ଗୁଡ଼ା ପଞ୍ଚାୟତ ତରଫରୁ ଚଣ୍ଡିଖୋଲ ବଜାର ସଫେଇ କରାଯାଇଛି। ସୁଙ୍ଗୁଡ଼ ସରପଞ୍ଚ ଅଞ୍ଜୁଲତା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବଡ଼ଚଣା ବିଧାୟକ ଅମର ନାୟକ ଯୋଗଦେଇ ସଫେଇ କାର୍ଯ୍ୟ କରିବା ସହ ଆଗାମୀ ଦିନରେ ଚଣ୍ଡିଖୋଲ ଛକର ସୌନ୍ଦର୍ଯ୍ୟ କରଣ ସହ ସ୍ୱଚ୍ଛ ପରିବେଶ ପ୍ରତି ଧ୍ୟାନ ଦିଆଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଅସିତ କୁମାର ବଳବନ୍ତରାୟ, ସମିତିସଭ୍ୟା ସ୍ନିଗ୍ଧାରାଣୀ ସ୍ୱାଇଁ, ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ ସଭାପତି ପୁଷ୍ପରାଜ ନାୟକ, ପୂର୍ବତନ ସଭାପତି ସନ୍ତୋଷ ରାଉତ, ପୂର୍ବତନ ସରପଞ୍ଚ ଅକ୍ଷୟ ସ୍ୱାଇଁ, ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନ ସଭାପତି ଦେବରାଜ ବେହେରା, ସମ୍ପାଦକ ପ୍ରକାଶ ଦାସ, ପ୍ରମୋଦ ଜେନା, କିଶୋର ପଲେଇ ଦେବଯାନୀ ପ୍ରଧାନ, ନାଏବ ସରପଞ୍ଚ ସୁଜିତ ଜେନା, ପବିତ୍ର ରାଉତ, ପଞ୍ଚାୟତ ଉନ୍ନୟନ ଅଧିକାରୀ ସନ୍ଧ୍ୟାରାଣୀ ମଲ୍ଲିକ, ପୂର୍ବତନ ଜିଲା ପରିଷଦ ସଭ୍ୟ, ଯୋଗେନ୍ଦ୍ର ନାଥ ନାୟକ ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲୋକନାଥ ସେନାପତିଙ୍କ ସମେତ, ଆଶା କର୍ମୀ, ଏମ୍‌ବିକେ, ସିଆର୍‌ପି ଏବଂ ଏସ୍‌ଏଚ୍‌ଜି ମହିଳାମାନେ ଯୋଗଦେଇ ସଫେଇ କାର୍ଯ୍ୟରେ ସହଯୋଗ କରିଥିଲେ।

# ଫେକର ପକ୍ଷରୁ ଚାରା ବଣ୍ଟନ

ଯାଜପୁର,୨୧।୭(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଫେରୋ ଆଲୋଏଜ କର୍ପୋରେଶନ (ଫେକର) ପକ୍ଷରୁ ଭଦ୍ରକ ଜିଲାର ଓଲାଙ୍ଗ ଏବଂ ରାଣ୍ଡିଆର ଗ୍ରାମ ପଞ୍ଚାୟତରେ ଅବସ୍ଥିତ ଦୁଇଟି ବିଦ୍ୟାଳୟରେ ୨୦୦ଟି ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ ପରିବେଶ ସ୍ଥାୟିତ୍ୱରେ ଚାରା ରୋପଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ସଚେତନ କରିବା ସହିତ ପରିବେଶ ସୁରକ୍ଷା ଉପରେ ଆଲୋକପାତ କରାଯାଇଥିଲା।

## ଯାଜପୁର ରୋଡ୍-ଧାମରା ରେଳପଥ ସଂଗ୍ରାମ ପରିଷଦ

# ଜନ ଜାଗରଣ ଅଭିଯାନ ଶୁଭାରମ୍ଭ




ଯାଜପୁର ଟାଉନ,୨୧।୭
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଯାଜପୁର ରୋଡ୍-ଧାମରା ରେଳପଥ ସଂଗ୍ରାମ ପରିଷଦର ସଂଯୋଜକ ପଦ୍ମାକର ଗୁରୁଙ୍କ ସଂଯୋଜନାରେ ଯାଜପୁର ଟାଉନ ମିଶନ ଶକ୍ତିଭବନରେ 'ଜନ ଜାଗରଣ ଅଭିଯାନ' ଆରମ୍ଭ ହୋଇଛି। ପରିଷଦର ଅଧ୍ୟକ୍ଷ ତଥା ପ୍ରାକ୍ତନ ରାଜ୍ୟସଭା ସଦସ୍ୟ ରାମଚନ୍ଦ୍ର ଖୁଣ୍ଟିଆ ଏହାର ଶୁଭାରମ୍ଭ କରିଛନ୍ତି।

ଖୁଣ୍ଟିଆ ୩ ଜିଲାର ସଚେତନ ନାଗରିକଙ୍କ ସମର୍ଥନ ଲାଗି ଜନଜାଗରଣ ଅଭିଯାନର ଆବଶ୍ୟକତା ଅତ୍ୟନ୍ତ ପ୍ରଣୀଧାନ ବୋଲି ମତବ୍ୟକ୍ତ କରିଛନ୍ତି। ଚଳିତ ବଜେଟ୍‌ରେ କେନ୍ଦ୍ର ସରକାର ଅର୍ଥ ମଞ୍ଜୁର କରି ଡିସେମ୍ବର ଭିତରେ କାର୍ଯ୍ୟ ଶୁଭାରମ୍ଭ କରିବାକୁ ପରିଷଦ ପକ୍ଷରୁ ଦୃଢ଼ ଦାବି କରାଯାଇଛି। ଏହି ଅଭିଯାନରେ ପରିଷଦର ଉପାଧ୍ୟକ୍ଷ ମନୋଜ ରାଉତ, ଉପଦେଷ୍ଟା ଶ୍ରୀଧର ନାୟକ, ଯାଜପୁର ପୂର୍ବତନ ନଗରପାଳ ଭବପ୍ରସାଦ ଦାସ, ଆଲୋକ ବେହେରା, ଯାଜପୁର ପୌରପରିଷଦର ଉପନଗରପାଳ ସନ୍ତୋଷ ମଲ୍ଲିକ, ଭିତରକନିକା ଉନ୍ନୟନ ପରିଷଦର ସଭାପତି ସୁଶାନ୍ତ ରାଉତ, ଆଳି-ରାଜକନିକା ସଂଗ୍ରାମ ପରିଷଦ ଅଧ୍ୟକ୍ଷ ସତ୍ୟପ୍ରିୟ ସାମଲ, ବିରଜାକ୍ଷେତ୍ର ବିକାଶ ପରିଷଦ ସଭାପତି ତପନ ମହାରଣ୍ୟ ଶର୍ମା, ଶ୍ରମିକ ନେତା ଅକ୍ଷୟ ଜେନ, ପ୍ରାଧ୍ୟାପକ ଉଦୟ କୁମାର ପରିଡ଼ା, ଇନ୍‌ଟାକ୍‌ର ଯାଜପୁର ସଭାପତି ଅନିଲ କୁମାର ମହାନ୍ତି, ଅଭିମନ୍ୟୁ ମିଶ୍ର ଓ ମିଡିଆ ସଂଯୋଜକ ଆଦିତ୍ୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଖୁବ୍‌ଶୀଘ୍ର ଖୁଣ୍ଟିଆଙ୍କ ନେତୃତ୍ୱରେ ଏକ ୧୧ ଜଣିଆ ପ୍ରତିନିଧିମଣ୍ଡଳୀ ମୁଖ୍ୟମନ୍ତ୍ରୀ, ରେଳମନ୍ତ୍ରୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଓ ରେଳବୋର୍ଡ ଅଧ୍ୟକ୍ଷଙ୍କୁ ସାକ୍ଷାତ୍ କରି ନୂତନ ରେଳପଥର ବ୍ୟୟବରାଦ ଓ ଶୁଭାରମ୍ଭ ଲାଗି ଭୁବନେଶ୍ୱର ଏବଂ ଦିଲ୍ଲୀଗସ୍ତ କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପରିଷଦର ଆବହକ ସନ୍ତୋଷ ନନ୍ଦ ଧନ୍ୟବାଦ ଦେଇଥିଲେ। ପ୍ରକାଶ ଥାଉ କି, ଯାଜପୁର ରୋଡ୍-ଧାମରା ରେଳପଥ ପ୍ରକଳ୍ପ ତଥ୍ୟ ଡିପିଆର୍‌କୁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ପଙ୍କୱାଲ୍ ରେଳବୋର୍ଡ ଅଧ୍ୟକ୍ଷଙ୍କୁ ପ୍ରେରଣ କରିଛନ୍ତି। ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲାର ଅନ୍ୟୁନ ୧୨ଲକ୍ଷ ଲୋକଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି।

# ବ୍ୟାସନଗର ସହର ରାସ୍ତା ଓସାରିଆ କରିବାକୁ ଗୁରୁତ୍ୱାରୋପ

ଯାଜପୁର,୨୧।୭(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାର ଅନ୍ୟତମ ସହର ତଥା କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ବ୍ୟାସନଗରର ପରିସୀମା ଓ ଲୋକସଂଖ୍ୟା ଦିନକୁ ଦିନ ବଢି ଚାଲିଛି। ତେଣୁ ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ପାଣିକୋଇଲି-ରଗଡ଼ି-ତୁଳତୀ ଓ ଯାଜପୁର ରୋଡ଼ ନହକା ଛକ-ତାହାରପୁର-ଖଇରା ରାସ୍ତାକୁ ଜିଲା ଖଣିଜ ନ୍ୟାସ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ପାଣ୍ଠି ବିନିଯୋଗ କରି ଦୁଇଥାକିଆ ୬୦ ଫୁଟ ରାସ୍ତା ନିର୍ମାଣ କରିବାକୁ ଦାବି ହୋଇଛି। ଏହାବାଦ କୋରେଇ ବିଧାୟକଙ୍କୁ ଡିଏମ୍‌ଏଫ୍ ସଭ୍ୟ ଭାବେ ଗ୍ରହଣ କରିବାକୁ ଆଇନଜୀବୀ ଜିତେନ୍ଦ୍ର ପ୍ରତିହାରି ଜିଲାପାଳ ନିଖିଳ ପବନ କଲ୍ୟାଣଙ୍କୁ ଏକ ଚିଠା ପ୍ରସ୍ତାବ ଦେଇଛନ୍ତି।

ଜିଲାପାଳଙ୍କୁ ଦେଇଥିବା ଚିଠା ପ୍ରସ୍ତାବରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ଖଣିଜ ପଦାର୍ଥ ଉତ୍ତୋଳନ ଏବଂ ବିନିଯୋଗ ଦ୍ୱାରା ପ୍ରତ୍ୟେକ ଓ ପରୋକ୍ଷ ଭାବେ ପ୍ରଭାବିତ ସୁକିନ୍ଦା ଓ କୋରାଇ ଅଞ୍ଚଳର ରାସ୍ତା ଯୋଗାଯୋଗ, ପରିବାର ପ୍ରତିପୋଷଣ, ସ୍ୱାସ୍ଥ୍ୟ ତଥା ଦକ୍ଷତା ବିକାଶ ନିମନ୍ତେ ସେପରି କିଛି ଉଲ୍ଲେଖଯୋଗ୍ୟ ପଦକ୍ଷେପ ଏଯାଏ ହୋଇ ପାରିନାହିଁ। ପ୍ରଧାନମନ୍ତ୍ରୀଙ୍କ ଖଣିଜ କ୍ଷେତ୍ର ବିକାଶ ଯୋଜନା ଅନ୍ତର୍ଗତ କୋରେଇ ଓ ସୁକିନ୍ଦା ନିର୍ବାଚନମଣ୍ଡଳୀର ବେକାର ଯୁବତୀଯୁବକଙ୍କ ରୋଜଗାର ନିମନ୍ତେ କୌଣସି କାର୍ଯ୍ୟକ୍ରମ ହୋଇନାହିଁ। ତେଣୁ ଉନ୍ନତ ଯୋଗାଯୋଗ ବ୍ୟବସ୍ଥା କରାଗଲେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଆସନ୍ତା ୧୦ ବର୍ଷ ମଧ୍ୟରେ ସ୍ଥାନୀୟ ଯୁବତୀଯୁବକ କର୍ମ ନିଯୁକ୍ତି ସୁଯୋଗ ପାଇ ପାରିବେ। କଳିଙ୍ଗନଗର ଶିଳ୍ପାଞ୍ଚଳରେ ଡାଉନ ଷ୍ଟ୍ରିମ୍ ଶିଳ୍ପ ମାଧ୍ୟମରେ ୪୦ରୁ ଊର୍ଦ୍ଧ୍ୱ ନୂତନ କାରଖାନା ପ୍ରତିଷ୍ଠା ଲକ୍ଷ୍ୟ ରହିଛି। ଏଥିରେ ପ୍ରାୟ ୫୦୦୦ କର୍ମ ନିଯୁକ୍ତି ସୁଯୋଗ ସମ୍ଭାବନା ରହିଛି। ଏହି କ୍ରମରେ ଏଠାରେ ପ୍ରାୟ ୪୦ ହଜାର ପରିବାରଙ୍କ ନିମନ୍ତେ ଗୃହ ନିର୍ମାଣର ଆବଶ୍ୟକତା ପଡିବ। ତେଣୁ ପାଣିକୋଇଲି ଟ୍ରମା କେୟାର ସେଣ୍ଟର ଛକଠାରୁ ତୁଳତୀ-ରଗଡ଼ି ରାସ୍ତା ଏବଂ ଯାଜପୁର ରୋଡ଼ ନହକା ଛକ ଜାତୀୟ ରାଜପଥ ଗଳିପୋଲ, ତାହାରପୁର କୋଗାଁ-ଖଇରା ପର୍ଯ୍ୟନ୍ତ ରାସ୍ତାକୁ ୨ ଥାକିଆ ତଥା ୬୦ ଫୁଟ ଓସାର କରିବାକୁ ଉକ୍ତ ଚିଠା ପ୍ରସ୍ତାବରେ ଅନୁରୋଧ କରାଯାଇଛି। ଉପରୋକ୍ତ ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ଶିଳ୍ପାଞ୍ଚଳକୁ ସାଧାରଣ ଗମନାଗମନର ଏକ ବଳିଷ୍ଠ ମାଧ୍ୟମ ହୋଇପାରିବ। ଏହାବାଦ୍ ଦାନଗଦି ନିକଟରେ ଏକ ବିଶ୍ୱ ଦକ୍ଷତା ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବା ସହିତ ଏକ ବୃହତ୍ ସ୍ୱାସ୍ଥ୍ୟ ଓ ଆଶୁ ଚିକିତ୍ସା ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଦିଆଯାଇଛି। ଉକ୍ତ ପ୍ରସ୍ତାବର ନକଲ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ସୁକିନ୍ଦା ବିଧାୟକ ପ୍ରଦୀପ ବଳସାମନ୍ତ ଓ କୋରାଇ ବିଧାୟକ ଆକାଶ ଦାସ ନାୟକଙ୍କୁ ବି ପ୍ରଦାନ କରାଯାଇଛି।



ରାସ୍ତା ଅଣଓସାରିଆ ଯୋଗୁ ଭିଡ଼ ଜମିଛି।

## ସଂକ୍ଷେପରେ

### ସୁନା ଗହଣା ଚୋରି ଅଭିଯୋଗ

ଏରସମା,୨୧।୭ (ଦୀପ୍ତି ଖଣ୍ଡୁଆଳ)

ଏରସମା ଥାନା ପଦ୍ମପୁର ପଞ୍ଚାୟତ ଅନ୍ତର୍ଗତ ବଡ଼ ବେଲାରି ଗ୍ରାମରୁ ଶନିବାର ରାତିରେ ଚୋରି ହୋଇଛି। ଏନେଇ ରବିବାର ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଶନିବାର ବିଳମ୍ବିତ ରାତିରେ ଶଙ୍କର୍ଷଣ ବିଜୁଳିଙ୍କ ବୋଉ ଶୋଇଥିବା ଘର ପଛପଟୁ ବନ୍ଦ କରି ନ ଥିଲେ। ଏହାର ସୁଯୋଗ ନେଇ କେତେଜଣ ଦୁର୍ବୃତ୍ତ ତାଙ୍କ ଘରେ ପଶି ଏକ ଟ୍ରଙ୍କ ନେଇଯାଇଥିଲେ। ତାକୁ ନେଇ ନିକଟସ୍ଥ ଜମିରେ ଭାଙ୍ଗି ସେଥିରେ ଥିବା ଅର୍ଥ, ଗହଣା ନେବା ପାଇଁ ଉଦ୍ୟମ କରିଥିଲେ। ଟ୍ରଙ୍କ ଭଙ୍ଗା ଶବ୍ଦ ଶୁଣି ପରିବାର ଲୋକେ ଉଠି ପାଟି କରିବାରୁ ଦୁର୍ବୃତ୍ତମାନେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ମାତ୍ର ସାଥିରେ ଥିବା ୬୫,୦୦୦ ଟଙ୍କା ସହ ସୁନା ଗହଣା ଚୋରି କରି ନେଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏହାପରେ ଏସଆଇ ସନ୍ତୋଷ ପ୍ରଧାନ ସନ୍ଧାନି କୁକୁର ଦ୍ୱାରା ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କାହାରିକୁ ଗିରଫ କରାଯାଇ ନଥିଲା।

### ଖଣ୍ଡାରେ ଆକ୍ରମଣ କରି ବାଇକ୍ ଲୁଟ୍

କୁଜଙ୍ଗ,୨୧।୭(ମନୋଜ ପ୍ରଧାନ)

ପାରାଦୀପ ଲକ୍ ଥାନା ଅଧୀନ କୁଜଙ୍ଗ ବ୍ଲକର ବିଶ୍ୱାଳିଗଡା ନିକଟରେ ଶନିବାର ରାତିରେ ଖଣ୍ଡାରେ ଆକ୍ରମଣ କରି ବାଇକ୍ ଲୁଟି ନିଆଯାଇଛି। ଏନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ. ୨୯୫/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ମଙ୍ଗରାଜପୁର ପଞ୍ଚାୟତ ଉଛବନନ୍ଦପୁର ଗାଁର ତପନ ସ୍ୱାଇଁ ପ୍ରାୟ ରାତି ୧୧ଟା୩୦ ମିନିଟରେ ୫ ନମ୍ବର (କ) ଜାତୀୟ ରାଜପଥରେ ବାଇକ୍‌ରେ ଘରକୁ ଫେରୁଥିଲେ। ପାରାଦୀପ ଲକ୍‌ଥାନା ଅଧୀନ ବିଶ୍ୱାଳିଗଡା ନିକଟରେ ୨ ଜଣ ଦୁର୍ବୃତ୍ତ ତପନଙ୍କୁ ଅଟକାଇ ଖଣ୍ଡାରେ ଆଘାତ କରି ବାଇକ୍ ନେଇ ଫେରାର ହୋଇଯାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ସିସିଟିଭି ଫୁଟେଜ୍ ଯାଞ୍ଚ କରିଛି। ସେଥିରେ ଘଟଣା ବେଳର ଦୃଶ୍ୟ କଏଦ୍ ହୋଇଥିବା ଜଣାପଡ଼ିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନେ ଧରାପଡ଼ିବେ ବୋଲି ଥାନା ଅଧିକାରୀ କୁଳମଣି ସେଠୀ କହିଛନ୍ତି।

### ଗାଡ଼ିଆରେ ବୁଡ଼ି ଯୁବକ ମୃତ

ପାଟଣା,୨୧।୭ (ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ପଞ୍ଚାୟତ ନିହ୍ନୁଆ ଗ୍ରାମରେ ରବିବାର ଗାଡ଼ିଆରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଗ୍ରାମର ବିଦ୍ୟାଧର ମୁଣ୍ଡା(୪୭)। ସେ ବିଲ ମଝିରେ ଥିବା ଏକ ଗାଡ଼ିଆକୁ ଗାଧୋଇବାକୁ ଯାଇଥିବା ବେଳେ ବୁଡ଼ିଯାଇଥିଲେ। ଘର ଲୋକ ଖୋଜାଖୋଜି କରି ପରେ ଗାଡ଼ିଆରେ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଶବଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତୁରୁମୁଙ୍ଗା ଥାନାରେ ଏକ ମାମଲା ରୁଜୁ ହୋଇଛି।

# ବଣବୁଦା ଘେରରେ ୪ ଶାଖା କେନାଲ: ଅନିଶ୍ଚିତତାରେ ଚାଷକାର୍ଯ୍ୟ

■ ୨୦୦ ହେକ୍ଟର ଚାଷଜମି ପ୍ରଭାବିତ ଆଶଙ୍କା
■ ଆନ୍ଦୋଳନ ପାଇଁ କୃଷକ ସଙ୍ଗଠନର ଚେତାବନୀ

ରଘୁନାଥପୁର,୨୧।୭(ରାଜେନ୍ଦ୍ର ନାରାୟଣ ସିଂହ)


ପରିତ୍ୟକ୍ତ ଅବସ୍ଥାରେ ଥିବା ଶାଖା କେନାଲ।

ରଘୁନାଥପୁର ବ୍ଲକ ତଅାଁରା ପଞ୍ଚାୟତ ଅନ୍ତର୍ଗତ ସାଳିଜଙ୍ଗାଠାରୁ ଛପଡା ପଞ୍ଚାୟତ ନେଉଳିଆ ପୀତାମ୍ବରପୁର ପର୍ଯ୍ୟନ୍ତ ଜଳସେଚିତ ଜମିକୁ ପାଣି ମଡ଼ାଇବା ପାଇଁ ୪ଟି ଶାଖା କେନାଲ ରହିଛି। ସେଗୁଡ଼ିକ ଏବେ ବଣବୁଦାରେ ପରିପୂର୍ଣ୍ଣ ହୋଇ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଜୁଲାଇ ଶେଷହେବାକୁ ଅଳ୍ପଦିନ ବାକି ଥିବାବେଳେ ଉକ୍ତ ଶାଖା କେନାଲଗୁଡ଼ିକର କୋଡି ସଫେଇ କରାଯାଇନାହିଁ। ଫଳରେ ଚାଷକାର୍ଯ୍ୟ ବ୍ୟାଘାତ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏଥିଯୋଗୁ ୯ଟି ରାଜସ୍ୱ ଗ୍ରାମର ୨୦୦ ହେକ୍ଟରରୁ ଊର୍ଦ୍ଧ୍ୱ ଚାଷଜମି ପ୍ରଭାବିତ ହେବା ନେଇ ଜଗତ୍‌ସିଂହପୁର ଜିଲା କୃଷକ ସଙ୍ଗଠନର ସମ୍ପାଦକ ଇଂ.ବାବାଜୀ ଚରଣ ଜେନା ଅଭିଯୋଗ କରିଛନ୍ତି।

ଜଳ ସମ୍ପଦ ବିଭାଗ ବାଲିଆ ସବ୍‌ଡିଭିଜନ ତଥା ରେଡୁଆ ବାଲିକୁଦା ସେକ୍ସନ କନିଷ୍ଠ ଯନ୍ତ୍ରୀଙ୍କ ଅଧୀନରେ ୭ନଂ. ଜଳସେଚିତ କେନାଲ ରହିଛି। ଏହି କେନାଲର ସାଳିଜଙ୍ଗା ହନୁମାନ ମନ୍ଦିରରୁ କଳାଧାରୀ ପର୍ଯ୍ୟନ୍ତ ୨ କିମି ଦୂରତ୍ୱ ୭ ନଂ. ସି ଶାଖା କେନାଲ, ଟ୍ରେନ ଲାଇନ ପାଖରୁ ଚିକିଣିଆ ପର୍ଯ୍ୟନ୍ତ ୧ କିମି ଦୂରତ୍ୱ ୭ ନଂ. ସି୧ ଶାଖା କେନାଲ, ଗୋପାଳପୁରଠାରୁ ନେଉଳିଆ ପର୍ଯ୍ୟନ୍ତ ଦେଢ କିମି ଦୂରତ୍ୱ ୭ନଂ. ଡି ଶାଖା କେନାଲ ଓ ଜଇପୁର ମାଇନର କେନାଲ ଜରିଆରେ ଗହୀରରେ ଥିବା ଚାଷଜମିକୁ ପାଣି ମାଡିଥାଏ। ୭ ନଂ. ମୁଖ୍ୟ କେନାଲର ସଫେଇ କାର୍ଯ୍ୟ ଶେଷ ହୋଇଥିବାବେଳେ ଏଥିରୁ ବାହାରିଥିବା ଶାଖା କେନାଲଗୁଡିକୁ ଅଣଦେଖା କରାଯାଇଛି। ଅନିୟମିତ ବର୍ଷା ଚାଷ ଉପଯୋଗୀ ହେଉ ନ ଥିବାବେଳେ ଚାଷଜମିକୁ ଜଳସେଚନ ସୁବିଧା ଥାଇ ଏହାକୁ ସଫେଇ କରି ଉପଯୁକ୍ତ ସମୟରେ ଚାଷୀଙ୍କ କ୍ଷେତକୁ ପାଣି ଯୋଗାଇଦେବା କ୍ଷେତ୍ରରେ ସମ୍ପୃକ୍ତ ବିଭାଗ ଫେଲ ମାରିଛି ବୋଲି କୃଷକ ସଙ୍ଗଠନର ସମ୍ପାଦକ ଇଂ. ଜେନା ଜିଲାପାଳ ଓ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଉ ନ ଥିବାରୁ ଇଂ ଜେନା କ୍ଷୋଭ ପ୍ରକାଶ କରିଛନ୍ତି। ଏନେଇ ଚାଷୀ ପାର୍ଥଶାଖା ପାଲଟା ସିଂହ, ପ୍ରଭାକର ମହାପାତ୍ର, ରବୀନ୍ଦ୍ରନାଥ ମହାପାତ୍ର, ଶକୁନ୍ତଳା ପରିଜା, ଗଙ୍ଗାଧର ଜେନା ଓ ପ୍ରଫୁଲ୍ଲ ମହାପାତ୍ର ପ୍ରମୁଖ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଓ ଠିକାଦାରଙ୍କ ଖାମଖିଆଲ ମନୋଭାବକୁ ଦାୟୀ କରିଛନ୍ତି। ତୁରନ୍ତ ସେମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଆବଶ୍ୟକ ସ୍ଥଳେ ଚାଷୀଙ୍କ ସ୍ୱାର୍ଥ ପାଇଁ କୃଷକ ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଇଂ.ଜେନା ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଯନ୍ତ୍ରୀ ଲିପନ ସ୍ୱାଇଁଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଧା ସେ ଫୋନ ଉଠାଇ ନ ଥିଲେ।

# ମତ୍ସ୍ୟଜୀବୀଙ୍କ ଜାଲରେ ଲାଗିଲା ମୃତଦେହ

ପାରାଦୀପ/କୁଜଙ୍ଗ, ୨୧।୭ (ଶରତ ରାଉତ/ମନୋଜ ପ୍ରଧାନ)

ପାରାଦୀପ ସାମୁଦ୍ରିକ ଥାନା ଅନ୍ତର୍ଗତ ଜଟାଧାର ମୁହାଣ ଅଞ୍ଚଳରେ ରବିବାର ସନ୍ଧ୍ୟାରେ ମତ୍ସ୍ୟଜୀବୀଙ୍କ ଜାଲରେ ଜଣେ ଯୁବକଙ୍କ ଗଳିତ ମୃତଦେହ ଲାଗିଛି। ତାଙ୍କୁ ୩୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ତାଙ୍କ ପରିଚୟ ମିଳିପାରିନାହିଁ। ସେ ଏକ ଜିନ୍ସପ୍ୟାଣ୍ଟ ଓ ଗଞ୍ଜି ପିନ୍ଧିଛନ୍ତି। ଖବରପାଇ ଜଟାଧାରମୁହାଣ ସାମୁଦ୍ରିକ ଥାନା ପୋଲିସ ମୃତଦେହ ଜବତ କରି ବିଜୁ ମେମୋରିଆଲ ହସ୍ପିଟାଲରେ ସଂରକ୍ଷିତ ରଖିଛି। ଡିଙ୍କିଆ ନୂଆଗାଁ ଗ୍ରାମର ଜନୈକ ମତ୍ସ୍ୟଜୀବୀ ଅପରାହ୍ନରେ ସମୁଦ୍ରରେ ଜାଲ ପକାଇ ମାଛ ଧରୁଥିବା ବେଳେ ତାଙ୍କ ଜାଲରେ ଏହି ମୃତଦେହ ଲାଗିଥିଲା। ଯେଉଁ ଜାଗାରୁ ମୃତଦେହ ମିଳିଛି ସେଠାରେ ଏକ କମ୍ପାନୀ ପକ୍ଷରୁ ଡ୍ରେଜିଂ କାମ ଚାଲିଛି। ସମ୍ପୃକ୍ତ କମ୍ପାନୀ ସେହି ଅଞ୍ଚଳରେ ପାଚେରି ବୁଲେଇ ସାରିଲାଣି। ଏଭଳି ସ୍ଥିତିରେ ସେଠାକୁ ମୃତଦେହ କିପରି ଆସିଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହା ହତ୍ୟା ନା ଆତ୍ମହତ୍ୟା ତାହା ତଦନ୍ତସାପେକ୍ଷ। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁ ସମ୍ପର୍କରେ ଅଧିକ ତଥ୍ୟ ମିଳିପାରିବ ବୋଲି ଥାନାଧିକାରିଣୀ ସୁଜାତା ବେହେରା କହିଛନ୍ତି।

# ‘ସ୍ଥାଣୁ ପାଲଟିଛି ଦୁର୍ନୀତି ନିବାରଣ ବିଭାଗ’


ବୈଠକରେ ଯୋଗ ଦେଇଥିବା ଦୁର୍ନୀତି ନିବାରଣ ଅଭିଯାନର ସଦସ୍ୟମାନେ।

ରଘୁନାଥପୁର,୨୧।୭(ରାଜେନ୍ଦ୍ର ନାରାୟଣ ସିଂହ)

**ଜୁଲାଇ ୩୦ରେ ଦୁର୍ନୀତି ନିବାରଣ ଅଭିଯାନର ଗଣ ଅଭିଯୋଗ**

ରଘୁନାଥପୁର ବଜାରସ୍ଥିତ ମଦନମୋହନ ମଠରେ ରବିବାର ଦୁର୍ନୀତି ବିରୋଧୀ ଅଭିଯାନ ଜଗତ୍‌ସିଂହପୁର ପକ୍ଷରୁ ଆବାହିକା ବିଜୟଲକ୍ଷ୍ମୀ ମହାପାତ୍ରଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗାନ୍ଧିବାଦୀ ନେତା ସୁରେନ ରାଉତ ପୌରୋହିତ୍ୟ କରିଥିଲେ। ନବନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ ସଦସ୍ୟ ଦେବୀପ୍ରସାଦ ମହାରଣା,ସମାଜିକ କର୍ମୀ ଗୋବିନ୍ଦ ଓଝା, ସରିତ୍ ମହାପାତ୍ର, ହେମନ୍ତ କୁମାର ସାହୁ, ଧ୍ରୁବଚନ୍ଦ୍ର ସେନାପତି, ମନୋରମା ନାଥ, ବାବାଜୀ ଚରଣ ସାହୁ ପ୍ରମୁଖ ଏହି ବୈଠକରେ ଯୋଗଦେଇଥିଲେ। ଜଗତ୍‌ସିଂହପୁର ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ଏବେ ଦୁର୍ନୀତିର ଦୁର୍ଗ ପାଲଟିଛି। ଏନେଇ ସାଧାରଣ ଜନତା ଶାରୀରିକ, ମାନସିକ, ଆର୍ଥିକ ଭାବେ କ୍ଷତିଗ୍ରସ୍ତ ହେଉଛନ୍ତି। ଦୁର୍ନୀତି ନିବାରଣ ବିଭାଗ ସ୍ଥାଣୁ ପାଲଟିଯାଇଛି। ପରୋକ୍ଷ ଭାବେ ଏହା ଦୁର୍ନୀତି ବୃଦ୍ଧିରେ ସହାୟକ ସାଜିଛି ବୋଲି ବୈଠକରେ ମତ ପ୍ରକାଶ ପାଇଛି। ଫଳରେ ବିକାଶ ବାଧାପ୍ରାପ୍ତ ହେଉଛି। ସରକାରୀ କର୍ମଚାରୀମାନେ ନିଜର ସ୍ୱାର୍ଥ ପାଇଁ ଦୁର୍ନୀତିକୁ ପ୍ରୋତ୍ସାହନ ଦେଉଛନ୍ତି। ଏ ପ୍ରସଙ୍ଗକୁ ସମସ୍ତ ଜନ ସାଧାରଣ ସମୀକ୍ଷା କରିବାର ଆବଶ୍ୟକତା ରହିଛି ବୋଲି ଉପସ୍ଥିତ ସଦସ୍ୟମାନେ ମତବ୍ୟକ୍ତ କରିଥିଲେ। ନିକଟ ଅତୀତରେ ଜଣେ ଗରିବ ଚାଷୀର ୨ ଲକ୍ଷ ଟଙ୍କା ହଡ଼ପ କରିବା ଘଟଣା ଜିଲାରେ ସମବାୟ ଦୁର୍ନୀତି ପଦାରେ ପକେଇ ଦେଇଛି। ପୂର୍ବରୁ ରଘୁନାଥପୁର ବ୍ଲକରେ ଆମ ଗାଁ ଆମ ବିକାଶ ଯୋଜନାରେ ବହୁ କୋଟି ଟଙ୍କାର ଦୁର୍ନୀତି ପ୍ରମାଣିତ ହୋଇଥିଲା। ଏହି ଘଟଣାରେ ବିଡିଓ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ନାମରେ କୋର୍ଟରେ ମାମଲା ଚାଲିଛି। ତେଣୁ ସମବାୟ ସମିତି ଦୁର୍ନୀତି ଏବଂ ଅଙ୍ଗନୱାଡି ଦୁର୍ନୀତି ବିରୋଧରେ ଦୁର୍ନୀତି ବିରୋଧୀ ଅଭିଯାନ ଜଗତ୍‌ସିଂହପୁର ତରଫରୁ ଜୁଲାଇ ୩୦ରେ ଜିଲାପାଳଙ୍କ ନିକଟରେ ଗଣ ଅଭିଯୋଗ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହି ଗଣ ଅଭିଯୋଗରେ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ଜିଲାର ସଚେତନ ନାଗରିକମାନେ ସାମିଲ ହେବାକୁ ଆବାହିକା ବିଜୟ ଲକ୍ଷ୍ମୀ ଆହ୍ୱାନ ଦେଇଛନ୍ତି।

# ବଜାରରେ ଜମିଛି ପାଣି : ନିଷ୍କାସନ ଦାବି

କୁଜଙ୍ଗ,୨୧।୭(ମନୋଜ ପ୍ରଧାନ)



ଜଗତ୍‌ସିଂହପୁର ଜିଲାର କୁଜଙ୍ଗ ବଜାର ପାଇଁ ସ୍ୱତନ୍ତ୍ର ମାଷ୍ଟର ପ୍ଲାନ ପ୍ରସ୍ତୁତ ହୋଇ ନାହିଁ। ଏପରିକି ବଜାର ମଧ୍ୟରୁ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା ହୋଇନାହିଁ। ଏଥିପାଇଁ ଅସରାଏ ବର୍ଷା ହେଲେ ପ୍ରାୟ ୨ ଦିନ ପର୍ଯ୍ୟନ୍ତ ପାଣି ଜମି ରହେ। ତୁରନ୍ତ ଜଳ ନିଷ୍କାସନ ପାଇଁ ବାଟ କରିବାକୁ କୁଜଙ୍ଗ ବଣିକ ସଂଘ ପକ୍ଷରୁ ଦାବି ହୋଇଛି। ସଂଘର ଅଭିଯୋଗ ମୁତାବକ, କୁଜଙ୍ଗ ବଜାରର ମୁଖ୍ୟ ରାସ୍ତା ହେଉଛି ମେଡିକାଲ ରାସ୍ତା। ଏହି ରାସ୍ତାଟି କଟକ ପାରାଦୀପ ରାଜ୍ୟ ରାଜପଥରୁ ବାହାରି ବି.ବି. ହାଇସ୍କୁଲ ପର୍ଯ୍ୟନ୍ତ ଲମ୍ବିଛି। ଏହି ରାସ୍ତାର ଗୁରୁତ୍ୱପୂର୍ଣ୍ଣ ଛକ ହେଉଛି କୋର୍ଟ ଛକ। ଏହା ବିଭିନ୍ନ ଅଞ୍ଚଳକୁ ଯାଇଥିବା ରାସ୍ତାର ସଂଯୋଗ ସ୍ଥଳ। ଏହି ଛକ ଦେଇ ଡାକ୍ତରଖାନା, କୋର୍ଟ, ତହସିଲ କାର୍ଯ୍ୟାଳୟ, ବ୍ଲକ ସମେତ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ବ୍ୟାଙ୍କଗୁଡ଼ିକୁ ଜନସାଧାରଣ ଯାତାୟାତ କରନ୍ତି। ଖାଲି ସେତିକି ନୁହେଁ, ଏହି ଛକର ଗୋଟିଏ ପଟ ତୈଳ ବିଶୋଧନାଗାର ପ୍ରକଳ୍ପକୁ ଓ ବାଲିତୁଠକୁ ଯାଇଥିବା ରାସ୍ତା ହୋଇଥିବାବେଳେ ଏରସମା ସମେତ ପୁରୀ ଜିଲାକୁ ସଂଯୋଗ କରୁଥିବା ରାସ୍ତାର ସଂଯୋଗ ସ୍ଥଳ। ଏହାର ୨ ପାର୍ଶ୍ୱରେ ଥିବା ଜଳ ନିଷ୍କାସନ ପଥ ଓ କୋର୍ଟ ଛକରୁ ଷ୍ଟେଟ ବ୍ୟାଙ୍କ ପର୍ଯ୍ୟନ୍ତ ଡ୍ରେନ ଓ ବିବି ହାଇସ୍କୁଲ ପୋଖରୀ ପର୍ଯ୍ୟନ୍ତ ଥିବା ଡ୍ରେନ ଆଳିଆ ଆବର୍ଜନାରେ ଭର୍ତ୍ତି ହୋଇଯାଇଛି। ଫଳରେ ବଜାରରୁ ବର୍ଷାଜଳ ନିଷ୍କାସନ ହୋଇପାରୁନାହିଁ। ବହୁ ଦିନ ଧରି ପାଣି ଜମି ରହି ପୁତି ଗନ୍ଧମୟ ଓ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ପଚା ପାଣିରେ ଲୋକ ଯାତାୟତ କରି ଚର୍ମ ରୋଗରେ ଆକ୍ରାନ୍ତ ହେଉଛନ୍ତି। ତୁରନ୍ତ ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବଜାର ଓ ଡ୍ରେନ ସବୁ ସଫା କରିବାକୁ କୁଜଙ୍ଗ ବଣିକ ସଂଘ ସଭାପତି ନିରଞ୍ଜନ ସାହୁ ଦାବି କରିଛନ୍ତି। ଏ ସମ୍ପର୍କରେ କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଆଗାମୀ ଏକ ସପ୍ତାହ ମଧ୍ୟରେ ସଫା କରିବାକୁ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# ବିଷାକ୍ତ ମଦ ପିଇ ମୃତ୍ୟୁ ଅଭିଯୋଗ

ତିର୍ତ୍ତୋଲ, ୨୧।୭ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ଥାନା ଅନ୍ତର୍ଗତ ଗୋପାଳପୁର (ଶ) ପଞ୍ଚାୟତ ଅଧୀନ ଶଙ୍ଖେଶ୍ୱର ଗ୍ରାମରେ ଚୋରା ବିଷାକ୍ତ ମଦ ପିଇବାରୁ ଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଏହି ଗ୍ରାମର ପ୍ରମୋଦ କୁମାର ଷଡ଼ଙ୍ଗୀ ବୋଲି ସୂଚନା ମିଳିଛି। ଏନେଇ ସରପଞ୍ଚଙ୍କ ପ୍ରତିନିଧି ପ୍ରଭାସ ବେହେରା ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ସ୍ଥାନୀୟ ଅଞ୍ଚଳରେ ବହୁଳ ମାତ୍ରାରେ ଚୋରା ବିଷାକ୍ତ ମଦ ବିକ୍ରି ହେଉଛି। ଶନିବାର ପ୍ରମୋଦ ଏହି ମଦ ପିଇବା ପରେ ଶଙ୍ଖେଶ୍ୱର ବଜାରରେ ଚେତା ଶୂନ୍ୟ ହୋଇ ପଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରମୋଦଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଆଗାମୀ ଦିନରେ ଅଞ୍ଚଳରୁ ଚୋରା ମଦ କାରବାର ବନ୍ଦ ଲାଗି ଉଦ୍ୟମ କରାଯିବ ବୋଲି ବେହେରା କହିଛନ୍ତି।

# ଆଶାୟୀଙ୍କ କାଗଜପତ୍ର ଯାଞ୍ଚ କଲେ ପୂର୍ବତନ ରାଜସ୍ୱ ସହାୟକ

**ଅଙ୍ଗନୱାଡି ସହାୟିକା ନିଯୁକ୍ତିକୁ ନେଇ ପ୍ରଶ୍ନ ଉଠିଲା**

ନାଉଗାଁ,୨୧।୭(ସୁଧା ବେହୁରା)

ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ସମ୍ମିଳିତ ଶିଶୁ ବିକାଶ ସେବା ଯୋଜନା ପ୍ରକଳ୍ପ କାର୍ଯ୍ୟାଳୟରୁ ବରିଷ୍ଠ ରାଜସ୍ୱ ସହାୟକ ରଞ୍ଜନ ବେହେରା ବଦଳି ହୋଇ ଜଗତ୍‌ସିଂହପୁର ଜିଲା ପରିଷଦ କାର୍ଯ୍ୟାଳୟରେ ଯୋଗ ଦେଇଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟର ପତ୍ର ସଂଖ୍ୟା ନଂ.୨୪୦୩/ ୯।୨।୨୦୨୪ ଆନୁଯାୟୀ, ଏହି ବଦଳି ହୋଇଛି। କିନ୍ତୁ ବେହେରା ପୁରୁଣା କାର୍ଯ୍ୟାଳୟରେ ପହଞ୍ଚି ଅଙ୍ଗନୱାଡି କେନ୍ଦ୍ରରେ ସହାୟିକା ନିଯୁକ୍ତି ପାଇଁ ଆଶାୟୀଙ୍କ କାଗଜପତ୍ର ଯାଞ୍ଚ କରୁଥିବା ଦେଖିବାକୁ ମିଳିଛି। ଏନେଇ ସହାୟିକା ନିଯୁକ୍ତିକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ସିଡିପିଓ କାର୍ଯ୍ୟାଳୟ ଅଧୀନରେ ଥିବା କିଛି ଅଙ୍ଗନୱାଡି କେନ୍ଦ୍ରରେ ସହାୟିକା ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା। ଏହି ଅନୁଯାୟୀ, ଜୁଲାଇ ୧୯ରେ ଆଶାୟୀଙ୍କ ଆବଶ୍ୟକ କାଗଜ ପତ୍ର କାର୍ଯ୍ୟାଳୟରେ ଯାଞ୍ଚ କରିବା ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା। ଏନେଇ ଆଶାୟୀ ସହାୟିକାମାନେ ସେମାନଙ୍କର ଆବଶ୍ୟକ କାଗଜପତ୍ର ଆଣି କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସମ୍ପୃକ୍ତ ରାଜସ୍ୱ ସହାୟକ ବେହେରା ସେମାନଙ୍କ କାଗଜପତ୍ର ଯାଞ୍ଚ କରୁଥିବା ଦେଖିବାକୁ ମିଳିଥିଲା। ଦୀର୍ଘ ୫ମାସ ହେବ ତାଙ୍କର ଏହି କାର୍ଯ୍ୟାଳୟରୁ ଅନ୍ୟତ୍ର ବଦଳି ହୋଇଥିଲେ ମଧ୍ୟ କାହା ନିର୍ଦ୍ଦେଶରେ ଏହି କାର୍ଯ୍ୟାଳୟକୁ ଆସି ଆଶାୟୀ ସହାୟିକାଙ୍କର କାଗଜ ପତ୍ର ଯାଞ୍ଚ କରୁଥିଲେ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। କାର୍ଯ୍ୟାଳୟରେ ଅନ୍ୟ ପ୍ରଶାସନିକ ଅଧିକାରୀ ଥିଲା ବେଳେ ବେହେରା କାଗଜପତ୍ର ଯାଞ୍ଚ କରିବା ତାହା ତଦନ୍ତ ସାପେକ୍ଷ। ଏବିଷୟରେ ସିଡିପିଓ ବାସନ୍ତୀ ମାଇନଙ୍କୁ ପଚାରିବାରେ, କାର୍ଯ୍ୟାଳୟରେ ଆବଶ୍ୟକ କର୍ମଚାରୀ ନ ଥିବାରୁ ବେହେରାଙ୍କୁ କାର୍ଯ୍ୟକରିବା ପାଇଁ ଡାକିଥିବା କହିଥିଲେ।

# ଶିରିଡ଼ିସାଇ ମନ୍ଦିରରେ ଗୁରୁ ପୂର୍ଣ୍ଣିମା ଉତ୍ସବ

କୁଜଙ୍ଗ,୨୧।୭(ମନୋଜ ପ୍ରଧାନ)



କୁଜଙ୍ଗ ସନ୍ତରା କୃଷ୍ଣଚନ୍ଦ୍ରପୁରସ୍ଥିତ ଶିରିଡି ସାଇ ମନ୍ଦିରରେ ପବିତ୍ର ଗୁରୁ ପୂର୍ଣ୍ଣିମା ଉତ୍ସବ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ରବିବାର ପ୍ରାତଃ ୫ ଘଟିକା ସମୟରେ ବାବାଙ୍କ କାକଡ ଆଳତି ପରେ ସକାଳ ୭ ଘଟିକା ସମୟରେ ମହାସ୍ନାନ ଓ ଦିବା ୧୨ଟାରେ ମଧ୍ୟାହ୍ନ ଆଳତିକରାଯାଇଥିଲା। ଗୁରୁପୂର୍ଣ୍ଣିମା ଉପଲକ୍ଷେ ସକାଳୁ ବିଭିନ୍ନ ଆଞ୍ଚଳରୁ ଭକ୍ତ ଉପସ୍ଥିତ ରହି ଗୁରୁବନ୍ଦନା କରିଥିଲେ। ସନ୍ଧ୍ୟାରେ ସାଇ ଭଜନ ସମାରୋହ ଆୟୋଜନ କରାଯାଇଥିଲା।

# ତୃଣମୂଳସ୍ତରରେ କାମ କରିବାକୁ ଆହ୍ୱାନ

**ପାରାଦୀପ ନଗର କଂଗ୍ରେସ ପକ୍ଷରୁ ସମୀକ୍ଷା ବୈଠକ**



ସମୀକ୍ଷା ବୈଠକରେ ଯୋଗଦେଇଥିବା କଂଗ୍ରେସ ନେତୃମଣ୍ଡଳୀ।

ପାରାଦୀପ,୨୧।୭(ଶରତ ରାଉତ)

ପାରାଦୀପ ନଗର କଂଗ୍ରେସ ପକ୍ଷରୁ ରବିବାର ସନ୍ଧ୍ୟାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ନିର୍ବାଚନ ପରେ ଏହା ଥିଲା ପ୍ରଥମ ବୈଠକ।ଏଥିରେ ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ତଥା ପାରାଦୀପ ବିଧାୟକ ପ୍ରାର୍ଥୀ ନିରଞ୍ଜନ ନାୟକ, ଜଗତ୍‌ସିଂହପୁର ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ ଯୋଗଦେଇଥିଲେ। ଗତ ସପ୍ତାହରେ ଦଳ ପକ୍ଷରୁ ନଗର କଂଗ୍ରେସ ସଭାପତି ହୋଇଥିବା କେଦାରନାଥ ବିଶ୍ୱାଳ ସଭା ପରିଚାଳନା କରିଥିଲେ। ଏଥିରେ ଦଳ ଆଗାମୀ ଦିନରେ କିପରି ଲୋକଙ୍କ ପାଖରେ ପହଞ୍ଚି ତାଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିବେ ସେ ନେଇ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ପ୍ରତ୍ୟେକ କର୍ମୀ ନିଷ୍ଠାର ସହ ମିଳିମିଶି କାମ କଲେ ଦଳ ତା’ର ପୂର୍ବ ସ୍ଥିତି ଫେରି ପାଇବ ବୋଲି ନିରଞ୍ଜନ କହିଥିଲେ। ଉକ୍ତ ସଭାରେ ଶତାଧିକ କର୍ମୀ ଯୋଗଦେଇ ଥିଲେ।

# ପରିବା ଦର ନିୟନ୍ତ୍ରଣ ବାହାରେ: ଚିନ୍ତାରେ ଖାଉଟି

■ ଶୀତଳଭଣ୍ଡାର ଖୋଲିବା ଜରୁରୀ
■ ସରକାରୀ ପ୍ରୋତ୍ସାହନ ଅଭାବ
■ ସ୍ଥାୟୀ ସମାଧାନ ହେଉନାହିଁ

ଜଗତ୍‌ସିଂହପୁର, ୨୧।୭ (ପ୍ରମୋଦ କୁମାର ନାୟକ)



ଜଗତ୍‌ସିଂହପୁର ଜିଲାରେ ସମ୍ପ୍ରତି ପରିବା ଦର ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ଏବେ କୌଣସି ପରିବା ଦର ୫୦ ଟଙ୍କା ତଳକୁ ନାହିଁ। ଟମାଟୋ କିଲୋଗ୍ରାମ ପ୍ରତି ଦର ୭୦ ଟଙ୍କାରେ ପହଞ୍ଚିଥିବାବେଳେ ବିନ୍ସ ୧୨୦, ଦେଶୀ କାଙ୍କଡ ୧୪୦, ଭେଣ୍ଡି ୬୦, ଦେଶୀ ପୋଟଳ ୫୦, ଝୁଡ଼ଙ୍ଗ ୬୦, ବାଇଗଣ ୬୦, କଲରା ୭୦, ଜହ୍ନି ୬୦, ଗାଜର ୫୦ ଟଙ୍କାକୁ ବୃଦ୍ଧି ପାଇଲାଣି। ଏପରିକି କଖାରୁ କିଲୋ ପ୍ରତି ଦର ୪୦ ଟଙ୍କାରେ ପହଞ୍ଚିଲାଣି। ଅଦା କିଲୋ ପ୍ରତି ଦର ୩୦୦ ଓ ରସୁଣ ୩୦୦ ଟଙ୍କାରେ ପହଞ୍ଚିଛି।। ବଡ଼ କଥା ହେଲା ଦର ବୃଦ୍ଧି ସତ୍ତ୍ୱେ ବଜାରରେ ଆବଶ୍ୟକ ପରିବା ଉପଲବ୍ଧ ହେଉନାହିଁ। ଦର ବୃଦ୍ଧି ଯୋଗୁ ଯେଉଁମାନେ କିଲୋଗ୍ରାମ ହିସାବରେ ପରିବା କିଣୁଥିଲେ ସେମାନେ ଏବେ ୨୫୦ରୁ ୫୦୦ ଗ୍ରାମ ନେଉଛନ୍ତି। ୫୦୦ ଟଙ୍କାରେ ବ୍ୟାଗ ଭରୁନି। ଏନେଇ ଯଦିଓ ସାଧାରଣରେ ଚିନ୍ତା ପ୍ରକଟ କରାଯାଉଛି କିନ୍ତୁ ଏହାର କୌଣସି ସ୍ଥାୟୀ ସମାଧାନ ହେଉନାହିଁ ।

ପ୍ରତିବର୍ଷ ପରିବା ଦରରେ ଅସମାନତା କଥା ସରକାର ଜାଣିଛନ୍ତି। ଆଗାମୀ ଦିନରେ ପରିବା ମଣ୍ଡି ଖୋଲାଯିବ ବୋଲି ବିଭାଗୀୟ ମନ୍ତ୍ରୀ ସୂଚନା ଦେଇଛନ୍ତି। କିନ୍ତୁ ଏହାର ରୂପରେଖ କ’ଣ ରହିବ ଏବଂ କାର୍ଯ୍ୟକାରୀ ହେବାକୁ କେତେଦିନ ଲାଗିବ ତାହା ଏବେଠୁ କହିବା କଷ୍ଟକର। ଏ ପରିସ୍ଥିତିରେ ପରିବା ଦର ନିୟନ୍ତ୍ରଣକୁ ନ ଆସିବା ଚିନ୍ତାଜନକ। ଏ ସମ୍ପର୍କରେ କେତେଜଣ ଚାଷୀଙ୍କ କହିବା କଥା ହେଲା, ଜଗତ୍‌ସିଂହପୁର ଏକ କୃଷିପ୍ରଧାନ ଜିଲା। ଏ ଜିଲାର ଜମି ଉର୍ବର ହୋଇଥିବାରୁ ପରିବା ଚାଷ ପାଇଁ ଅନୁକୂଳ। ହେଲେ ଆବଶ୍ୟକ ସରକାରୀ ପ୍ରୋତ୍ସାହନ ଅଭାବରୁ ଚାଷୀ କ୍ଷତିରେ ପଡୁଛନ୍ତି। ବିଶେଷକରି ଜିଲାରେ ଥିବା ସରକାରୀ ଶୀତଳ ଭଣ୍ଡାରଗୁଡିକ ବନ୍ଦ ହୋଇଯାଇଛି। ବେସରକାରୀ ଶୀତଳ ଭଣ୍ଡାର ସଂଖ୍ୟା ନଗଣ୍ୟ। ଏଥିଯୋଗୁ ଚାଷୀ ଉତ୍ପାଦିତ ପରିବା ସଂରକ୍ଷଣ କରିପାରୁନାହିଁ। ଉତ୍ପାଦନ ସମୟରେ ନଷ୍ଟ ହୋଇଯିବା ଭୟରେ ଶସ୍ତାରେ ବିକିବାକୁ ବାଧ ହେଉଛି। ସାର, କୀଟନାଶକ ଆଦିର ଦର ଅଧିକ। ଖର୍ଚ୍ଚାନ୍ତ ସହ ବହୁ ପରିଶ୍ରମ କରି ଚାଷୀ ପରିବା ଉତ୍ପାଦନ କରୁଛି। କିନ୍ତୁ ଉଚିତ ମୂଲ୍ୟ ମିଳିବା ତ ଦୂରର କଥା ଅନେକ ସମୟରେ ମୂଳଧନ ନ ପାଇଁ ନିରାଶ ହୋଇପଡୁଛି। ତା’ଭିତରେ ଅନେକ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ଦାଉ ସାଧୁଛି। ଅନ୍ୟପଟେ ବିକ୍ରି ପାଇଁ ଉତ୍ତମ ବଜାର ବ୍ୟବସ୍ଥା ନାହିଁ। ସରକାର ଯେପରି ଧାନ ପାଇଁ ମଣ୍ଡି ଖୋଲୁଛନ୍ତି ସେହିପରି ପରିବା ମଣ୍ଡି କଲେ ଚାଷୀ ଚାଷ ଆଡକୁ ଆକର୍ଷିତ ହୁଅନ୍ତେ ବୋଲି ଦାବି ହୋଇଆସୁଛି।

ସରକାର ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ମିଶନ ଶକ୍ତିର କାୟା ବୃଦ୍ଧି ହୋଇଥିବା କହି ଡିଣ୍ଡିମ ପିଟୁଛନ୍ତି। କିନ୍ତୁ ସେମାନଙ୍କ ମାଧ୍ୟମରେ କିପରି ପରିବା ଉତ୍ପାଦନ ବୃଦ୍ଧି ସାଙ୍ଗକୁ ଉତ୍ତମ ବଜାର ଖୋଲାଯାଇପାରିବ ସେନେଇ ପ୍ରୋତ୍ସାହିତ କରୁନାହାନ୍ତି। ଏଭଳି ହେଲେ କେତେକାଂଶରେ ସୁଫଳ ମିଳିପାରନ୍ତା। ଏହା ବାଦ୍ ଜିଲାରେ ସରକାରୀ ଓ ବେସରକାରୀ ଭାବେ ବହୁ ସଂଖ୍ୟକ ଶୀତଳ ଭଣ୍ଡାର ଖୋଲିବା ଉଚିତ। ଏଥିପାଇଁ ବିଦ୍ୟୁତ ଦର କୋହଳ କରାଗଲେ ଶୀତଳ ଭଣ୍ଡାର ସଂଖ୍ୟା ଆପେ ଆପେ ବଢ଼ିଯିବ। ଏଥିସହ ସହଜରେ ବୀମା ସୁବିଧା ଓ ପରିବା ଚାହିଦା ବୃଦ୍ଧି ପାଇଁ ପ୍ରୋସେସିଂ ୟୁନିଟ୍‌କୁ ପ୍ରୋତ୍ସାହନ ଦେବାକୁ ପଡିବ। ବିକ୍ରି ପାଇଁ ଯୋଜନାବଦ୍ଧ ଖସଡ଼ା ପ୍ରସ୍ତୁତ କରିବା ଦରକାର। କେବଳ ପରିବା ଚାଷ କରିଦେଲେ ହେବନାହିଁ। ମାନ ବୃଦ୍ଧି ପାଇଁ ଆବଶ୍ୟକ କୌଶଳ ଓ ବୈଷୟିକ ଜ୍ଞାନ ଆଦିର ପ୍ରୟୋଗ ଉପରେ ଗୁରୁତ୍ୱ ଦିଆଯିବା କଥା। ସେହିପରି ପରିବା ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ରିହାତି ସୁବିଧା ଦିଆଯିବା ଆବଶ୍ୟକ। କେତେ ପରିମାଣର ଅମଳ କଲେ କେତେ ରିହାତି ମିଳିବ ତାର ଏକ ଚାର୍ଟ ପ୍ରସ୍ତୁତ କରାଯିବା ଉଚିତ। ଏସବୁ ଦିଗ ପ୍ରତି ଧ୍ୟାନ ଦିଆଗଲେ ଲୋକେ ଚାଷ ଆଡକୁ ଆକର୍ଷିତ ହୋଇପାରନ୍ତେ। ଏହାଦ୍ୱାରା ବାସ୍ତବ ଲକ୍ଷ୍ୟ ପୂରଣ ହେବା ସାଙ୍ଗକୁ ପରିବା ଦରରେ ଦେଖାଦେଇଥିବା ଅସମାନତା ଦୂର ହୋଇପାରିବ ବୋଲି ଯୁକ୍ତି କରାଯାଇଛି ।

## ସଂକ୍ଷେପରେ

### ଆମ ପୋଲିସ ସମିତି ବୈଠକ

**ଖଣ୍ଡପଡ଼ା,୨୧।୭(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ଥାନାରେ ଆମ ପୋଲିସ ସମିତି ବୈଠକ ରବିବାର ଏସ୍‌ଡିପିଓ ବିମଳ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟତଃ ଖଣ୍ଡପଡ଼ାଥାନା ଅଞ୍ଚଳର ଆଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା। ରାତ୍ରକାଳୀନ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ଅବସରରେ ଖଣ୍ଡପଡ଼ାରେ ଅନୁଷ୍ଠିତ ଘୋଷଯାତ୍ରା ଓ ବାହୁଡ଼ା ଯାତ୍ରା ଶାନ୍ତିଶୃଙ୍ଖଳାର ସହ ପରିଚାଳନାରେ ସକ୍ରିୟ ସହଯୋଗ କରିଥିବା ଖଣ୍ଡପଡ଼ା ସହର ସମେତ ଖଳିସାହି ଓ ମର୍ଦ୍ଦରାଜପୁର ଅଞ୍ଚଳର ୪୦ ଜଣ ସ୍ୱେଚ୍ଛାସେବୀଙ୍କୁ ନୟାଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ପ୍ରଶଂସାପତ୍ର ଦିଆଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ଥାନାଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁ, ଏସ୍‌ଆଇ ଉପେନ୍ଦ୍ର କୁମାର ଦିଗଲ, ଏସ୍‌ଆଇ ମନସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ଚାଉଳ ନ ପାଇ ଫେରୁଛନ୍ତି ହିତାଧିକାରୀ

**ଚିଙ୍କିଟି, ୨୧।୭ (ପ୍ରକାଶ ଚନ୍ଦ୍ର ସାହୁ)**

ଚିକିଟି ବ୍ଲକ ଅନ୍ତର୍ଗତ ଚାନ୍ଦପୁର ପଞ୍ଚାୟତ ଅଧୀନରେ ଥିବା ବିଭିନ୍ନ ଗ୍ରାମର ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀମାନେ ଦୀର୍ଘ ତିନି ଦିନ ହେଲା ଚାଉଳ ନ ପାଇ ଫେରୁଥିବା ଦେଖିବାକୁ ମିଳୁଛି। ପ୍ରତ୍ୟେକ ଦିନ ହିତାଧିକାରୀମାନେ କାମଧନ୍ଦା ଛାଡ଼ି ଚାଉଳ ପାଇଁ ଆସୁଛନ୍ତି, କିନ୍ତୁ ଚାଉଳ ବଣ୍ଟନକାରୀ ଆସୁନଥିବାରୁ ହିତାଧିକାରୀମାନେ ବାଧହୋଇ ଖାଲି ହାତରେ ଫେରୁଛନ୍ତି। ଏଣୁ ଯୋଗାଣ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି।

### ଅଚାନକ ମେଡିକାଲ ଗସ୍ତ କଲେ ବିଧାୟକ



**ଚିଙ୍କିଟି, ୨୧।୭ (ପ୍ରକାଶ ଚନ୍ଦ୍ର ସାହୁ)**

ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ରବିବାର ସକାଳେ ଅଚାନକ ସୁମାଣ୍ଡି ମେଡିକାଲ ଗସ୍ତ କରିଥିଲେ। ଦୀର୍ଘଦିନ ହେଲା ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅନୁପସ୍ଥିତ ରହୁଥିବା ଅଭିଯୋଗ ହୋଇଆସୁଥିଲା। ବିଧାୟକ ଏହାର ସତ୍ୟାସତ୍ୟ ଜାଣିବା ପାଇଁ ମେଡିକାଲରେ ଆଜି ଅଚାନକ ଭାବେ ପହଞ୍ଚିଥିଲେ। ସେଠାରେ ସିକ୍ୟୁରିଟି ଗାର୍ଡକୁ ଛାଡ଼ିଲେ ଅନ୍ୟ କେହି କର୍ମଚାରୀ ନଥିବା ଦେଖି ଆଶ୍ଚର୍ଯ୍ୟ ହୋଇ ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଜଣାଇଥିଲେ। ସୁମାଣ୍ଡି ମେଡିକାଲକୁ ଡାକ୍ତର ଆସୁନଥିବାରୁ ରୋଗୀସେବା ବିପର୍ଯ୍ୟସ୍ତ ହେଉଛି। ଏଣୁ ଏହାର ତଦନ୍ତ କରିବା ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ। କିଛିଦିନ ତଳେ ବିଧାୟକ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଚାନକ ପରିଦର୍ଶନରେ ଯାଇଥିବା ବେଳେ ଦୁଇ ଜଣ ଡାକ୍ତର ଅନୁପସ୍ଥିତ ରହିଥିବା ଜାଣିବାକୁ ପାଇଥିଲେ।

### ଅଡ଼ବାରେ ଗୁରୁପୂର୍ଣ୍ଣିମା ଉତ୍ସବ

**ମୋହନା,୨୧।୭ (ମନ୍ମଥ ମିଶ୍ର)**

ଗଜପତି ଜିଲା ଅଡ଼ବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଶିଶୁ ମନ୍ଦିର ପରିଚାଳନା ସମିତି ସମ୍ପାଦକ ତଥା ଅଡ଼ବା ହରଭଙ୍ଗି ଜଳସେଚନ ପ୍ରକଳ୍ପ ସହକାରୀ ନିର୍ବାହୀ ଯନ୍ତ୍ରୀ ନିରଞ୍ଜନ ସାହୁ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଗଜପତି ଜିଲା ପ୍ରଚାର ପ୍ରମୁଖ ବାବୁଲା ସେଠୀ ଯୋଗଦେଇ ମହାନ ଗ୍ରନ୍ଥ ବ୍ୟାସଦେବଙ୍କ ଜନ୍ମ ଓ ଗୁରୁ ପୂର୍ଣ୍ଣିମାର ମହତ୍ତ୍ୱ ଉପରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କାର୍ଯ୍ୟକର୍ତ୍ତା ଦିବାକର ପ୍ରଧାନ, ଶିଶୁ ମନ୍ଦିର ଗୁରୁଜୀ ନାରାୟଣ ପାଣିଗ୍ରାହୀ, ରୂପେଶ ଦେବଗୋସ୍ୱାମୀ, ପ୍ରମୁଖ ଉପସ୍ଥିତ ଥିଲେ।

# ଫତେଗଡ଼ରେ ଆମ ପୋଲିସ ସମିତି ବୈଠକ

**ଭାପୁର,୨୧।୭(ଭରତ କୁମାର ବେହେରା)**




ପୋଲିସ ସମିତି ବୈଠକରେ ଏସ୍‌ଡିପିଓ, ଥାନା ଅଧିକାରୀ ଓ ଅନ୍ୟମାନେ।

ନୟାଗଡ଼ ଜିଲା ଫତେଗଡ଼ ପୋଲିସ ପକ୍ଷରୁ ଆମ ପୋଲିସ ସମିତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଫତେଗଡ଼ ଥାନାଧିକାରୀ ପଞ୍ଚାନନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ଏସ୍‌ଡିପିଓ ବିମଳ କୁମାର ବାରିକ ଯୋଗଦେଇଥିଲେ। ଏହି ବୈଠକରେ ଭାପୁର ବ୍ଲକର ବୁଦ୍ଧିଜୀବୀ, ଭାପୁର ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ରହି ଫତେଗଡ ଥାନା ଅଞ୍ଚଳର ସମସ୍ୟା ଉପରେ ଆଲୋଚନା କରିଥିଲେ। ଆମେ ନିଜେ ଆମର ସୁରକ୍ଷା ନେଲେ ପୋଲିସ ସମିତିର ଆବଶ୍ୟକତା ନାହିଁ ବୋଲି ମତ ପ୍ରକାଶ ପାଇଥିଲା। ଜନ ଗହଳି ସ୍ଥାନରେ ଅଯଥା ପାର୍କିଂ ନ କରିବା,ଦିନକୁ ଦିନ ସାଇବର ଅପରାଧ ବଢ଼ି ଚାଲିଥିବାରୁ ଏଥିପ୍ରତି ସଚେତନ ହେବା,ଗାଁ ଗହଳିରେ ଚାଲିଥିବା ଅସାମାଜିକ କାର୍ଯ୍ୟ ଉପରେ ପୋଲିସକୁ ସୂଚନା ଦେବା, ବିଭିନ୍ନ ସ୍ଥାନରେ ଚାଲୁଥିବା ଚୋରି, ଡକାୟତି ଓ ରାହାଜାନି ରୋକାଯିବା ପାଇଁ ପାଟ୍ରୋଲିଂ କଡ଼ାକଡ଼ି କରିବା , ଫତେଗଡ଼ ଥାନା ଅଞ୍ଚଳର ଗାଁ ଗହଳିରେ ଧଳାଜହର, ଗଞ୍ଜେଇ,ଚୋରା ମଦ କାରବାର ଉପରେ ରୋକ ଲଗାଇବା ଉପରେ ଉପସ୍ଥିତ ବୁଦ୍ଧିଜୀବୀ ମତପ୍ରକାଶ କରିଥିଲେ। ସେଥିପାଇ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଏକ ଟିମ ଗଠନ କରିଥିବା ସୂଚନା ଦେଇଥିଲେ। ଗୀତିକାନ୍ତ ପଣ୍ଡା, ଶୁଭେନ୍ଦ୍ର କୁମାର ପଟ୍ଟନାୟକ, ପ୍ରଭାତ କୁମାର ବରାଡ ପ୍ରମୁଖ ଭାପୁର ଅଞ୍ଚଳରୁ ନିଶା କାରବାର ଉପରେ ଅଙ୍କୁଶ ଲଗାଇ ପାରିଲେ ଭାପୁର ବ୍ଲକରେ ଶାନ୍ତି ବଜାୟ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଏହାସହ ଗୋ ଚାଲାଣ ଉପରେ ଅଙ୍କୁଶ ଲଗାଇବା ପାଇ ମତବ୍ୟକ୍ତ କରିଥିଲେ। ଫତେଗଡ ଅଞ୍ଚଳର ସ୍ଥାନୀୟ ସମସ୍ୟା, ପୋଲିସ ଓ ଜନସମ୍ପର୍କ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଯେକୌଣସି ସମୟରେ ଫତେଗଡ ଥାନାଧିକାରୀ ଓ ସବ୍‌ଇନ୍ସପେକ୍ଟରଙ୍କ ସହ ଯୋଗାଯୋଗ କରି ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଏଥିସହ ଭାପୁର ସଦର ସହକୁମାରେ ପବିତ୍ର ରଥଯାତ୍ରାରେ ସ୍ୱେଚ୍ଛାସେବୀ ମାନଙ୍କ ସ୍ୱେଚ୍ଛାକୃତ ସେବା ନିମନ୍ତେ ନୟାଗଡ ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନଙ୍କ ପକ୍ଷରୁ ୩୨ଜଣ ସାମାଜିକ କର୍ମୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଫତେଗଡ ଥାନାର ସମସ୍ତ ପୋଲିସ କର୍ମଚାରୀ ସହଯୋଗ ରହିଥିବା ବେଳେ ଏଏସ୍‌ଆଇ ଅଶୋକ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# କେସି କ୍ଲବର ପ୍ରତିଷ୍ଠା ଦିବସ ସମାରୋହ

**ନୟାଗଡ଼,୨୧।୭(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲାର ସର୍ବପୁରାତନ ଅନୁଷ୍ଠାନ କେ.ସି.କ୍ଲବର ୯୮ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ରାମକୃଷ୍ଣ ରଥଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲା ବାର୍ କାଉନସିଲ ସଭାପତି ବୃନ୍ଦାବନ ପଣ୍ଡା ଯୋଗଦାନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଜିଲାର ବରିଷ୍ଠ ଅଧିବକ୍ତା ମନୋରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମାଜିକ କର୍ମୀ ତଥା କ୍ଲବର ପୁରୁଖା ସଦସ୍ୟ ପ୍ରମୋଦ ପଟ୍ଟନାୟକ ଯୋଗଦେଇ ଆଉ୨ ବର୍ଷ ପରେ କ୍ଲବ ଶହେ ତମ ପ୍ରତିଷ୍ଠା ଦିବସ ପାଳନ କରିବାକୁ ଯାଉଥିବା ପ୍ରକାଶ କରିଥିଲେ। ଏହି ଉପଲକ୍ଷେ ଏକ ୧୦୦ତମ ଜୁବିଲି ପାଳନ କମିଟି ଗଠନ କରିବା ସହିତ ଏବେଠାରୁ କାର୍ଯ୍ୟ ଆରମ୍ଭ କରିବା ପାଇଁ ପଟ୍ଟନାୟକ ପ୍ରସ୍ତାବ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ କ୍ଲବର ବରିଷ୍ଠ ସଦସ୍ୟ ତଥା ଅବସରପ୍ରାପ୍ତ ପୋଲିସ ଅଧିକାରୀ ପ୍ରଶାନ୍ତ ପଟ୍ଟନାୟକ ଯୋଗଦାନ କରି କ୍ଲବର ପୁରାତନ ଇତିହାସ ସମ୍ପର୍କରେ ବର୍ଣ୍ଣନା କରିଥିବା ବେଳେ ଆଗାମୀ ଦିନରେ କ୍ଲବ ପକ୍ଷରୁ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। କ୍ଲବ ସଭାପତି ଭାଗୀରଥି ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମ୍ପାଦକ ସଂଗ୍ରାମ କେଶରୀ ଗୁମାନସିଂ କ୍ଲବର ଆଭିମୁଖ୍ୟ ଏବଂ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରତିଷ୍ଠା ଦିବସ ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସଭା ପ୍ରାରମ୍ଭରେ ଅତିଥିମାନେ କ୍ଲବର ପ୍ରତିଷ୍ଠାତା ନୟାଗଡ଼ର ତତ୍କାଳୀନ ରାଜାସାହେବ ସ୍ୱର୍ଗତ କୃଷ୍ଣଚନ୍ଦ୍ର ସିଂ ମାନ୍ଧାତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପ୍ରତିଷ୍ଠା ଦିବସ ସଭାରେ କ୍ଲବର ବରିଷ୍ଠ ସଦସ୍ୟ ରାମକୃଷ୍ଣ ରଥ ମଞ୍ଚ ପରିଚାଳନା ତଥା ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପସଭାପତି ଭବାନୀ ଶଙ୍କର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହ ସମ୍ପାଦକ ଚନ୍ଦନ ମହାପାତ୍ର ଏବଂ କୋଷାଧ୍ୟକ୍ଷ ରିଟୁ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ।




କ୍ଲବର ପ୍ରତିଷ୍ଠା ଦିବସରେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

# ଓଡ଼ିଶା ତିଅର ମତ୍ସ୍ୟଜୀବୀ ମହାସଂଘ ସାଧାରଣ ସମ୍ମିଳନୀ



ସମ୍ମିଳନୀରେ ଅତିଥିମାନଙ୍କ ସହିତ ମତ୍ସ୍ୟଜୀବୀ ମହାସଂଘର ସଦସ୍ୟମାନେ।

**ଛତ୍ରପୁର, ୨୧।୭ (ଦିଲୀପ ସାମଲ)**

ଛତ୍ରପୁର ସ୍ଥିତ ଶିବ କୁମାର ପଟ୍ଟନାୟକ ରିଡିଙ୍ଗ ରୁମ ପରିସରରେ ଓଡିଶା ତିଅର ମତ୍ସ୍ୟଜୀବୀ ମହାସଂଘ ସାଧାରଣ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲା ସଭାପତି ଉଦୟନାଥ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ଆନ୍ଧ୍ର, ଓଡିଶା, ଛତିଶଗଡ଼ ରାଜ୍ୟର ତିଅର ମତ୍ସ୍ୟଜୀବୀମାନେ ଯୋଗ ଦେଇଥିଲେ। ଅତିଥି ଭାବେ ରାଜ୍ୟ ସଭାପତି ନାରାୟଣ ଘଡେଇ, ସାଧାରଣ ସମ୍ପାଦକ କାହ୍ନୁ ଚରଣ ଦାସ, ଗଞ୍ଜାମ ଜିଲା ସମ୍ପାଦକ ରମେଶ ଚନ୍ଦ୍ର ବେହେରା, ରାଜ୍ୟ ଯୁଗ୍ମ ସମ୍ପାଦକ କାଶୀନାଥ ଘଡେଇ, ପଶ୍ଚିମଓଡ଼ିଶା ସଭାପତି ନିତ୍ୟାନନ୍ଦ ବେହେରା, ଚିଲିକା ସଭାପତି ଡମ୍ବରୁଧର ଘଡ଼େଇ, ମଧ୍ୟ ଓଡିଶା ସଭାପତି କୃଷ୍ଣଚନ୍ଦ୍ର ସାହୁ, ରାଜ୍ୟ ଉପସଭାପତି ଅଶୋକ କୁମାର ଘଡ଼େଇ ଓ ସୁବାସ ଚନ୍ଦ୍ର ବେହେରା, ପୂର୍ବତନ ରାଜ୍ୟ ସଭାପତି ଶତ୍ରୁଘ୍ନ ମହାପାତ୍ର , ଉପ ସଭାପତି ସୁବାସ ଚନ୍ଦ୍ର ଦାସ, ନୟାଗଡ଼ ଜିଲା ସଭାପତି ଦେବେନ୍ଦ୍ର ନାଥ ଘଡ଼େଇ, ପଶ୍ଚିମ ଓଡ଼ିଶା ସମ୍ପାଦକ ଛତ୍ରପତି ବେହେରା, ରାଜ୍ୟ ଯୁଗ୍ମ ସମ୍ପାଦକ ନିତ୍ୟାନନ୍ଦ ବେହେରା, ଆଇନଜୀବୀ କୃଷ୍ଣ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମ ବେହେରା, ଦଳ ବେହେରା, ତାଲୁକା ବେହେରାଙ୍କ ସମେତ ସମସ୍ତ ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା। ତିଅର ଜାତିକୁ ଏସସି ମାନ୍ୟତା ପ୍ରଦାନ ଦାବି କରାଯାଇଥିଲା। ତିଅର ଜାତିର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଏବଂ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉକ୍ତ ଦାବିଗୁଡିକ ସରକାରଙ୍କ ନିକଟରେ ଉପସ୍ଥାପନ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ଓଡିଶା ତିଅର ମହାସଂଘର ବହୁ କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ। ସୁରସେନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଯୋଗେନ୍ଦ୍ର ବେହେରା, ଉମାକାନ୍ତ ବେହେରା, ଶତ୍ରୁଘ୍ନ ବେହେରା, ବେଣୁଧର ବେହେରା, ଶ୍ରୀରାମ ବେହେରା ଓ ରୋହିତ ବେହେରାଙ୍କ ସମେତ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ସହଯୋଗ କରିଥିଲେ।

## କାର୍ମେଲ ସିନିୟର ସେକେଣ୍ଡାରି ସ୍କୁଲକୁ ବେଷ୍ଟ ଅଲରାଉଣ୍ଡର ସ୍କୁଲ ଆୱାର୍ଡ

**ଛତ୍ରପୁର,୨୧।୭ (ଦିଲ୍ଲୀପ ସାମଲ)**

ବ୍ୟାଙ୍କକରେ ଆୟୋଜିତ ୧୭ତମ ବିଶ୍ୱ ବିଦ୍ୟାଳୟ ଶିଖର ସମ୍ମିଳନୀରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଉତ୍ସର୍ଗୀକୃତ ଏବଂ ଶିକ୍ଷା କ୍ଷେତ୍ରରେ ଅଦମ୍ୟ ପ୍ରତିବଦ୍ଧତା ପାଇଁ ଛତ୍ରପୁର ସ୍ଥିତ କାର୍ମେଲ ସିନିୟର ସେକେଣ୍ଡାରୀ ସ୍କୁଲକୁ ବେଷ୍ଟ ଅଲରାଉଣ୍ଡର ସ୍କୁଲ ଭାବେ ପୁରସ୍କୃତ କରାଯାଇଛି। ସମ୍ମିଳନୀର ସହ ପ୍ରତିଷ୍ଠାତା ଅକ୍ଷୟ ଆହୁଜା ଯୋଗଦେଇ ସ୍କୁଲର ଅଧ୍ୟକ୍ଷ ସିଷ୍ଟର ଡୋରେଟଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଶିକ୍ଷା ପାଇଁ ଅତୁଳନୀୟ ଅବଦାନ, ଅଭିନବ ଶିକ୍ଷାଦାନ ପ୍ରଣାଳୀ ଏବଂ ଜୀବନକୁ ପରିବର୍ତ୍ତନ କରିବାରେ କାର୍ମେଲ ସ୍କୁଲର ଭୂମିକାକୁ ପ୍ରଶଂସା କରିଥିଲେ। ସ୍କୁଲର ଏହି ସଫଳତା ପାଇଁ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ କର୍ମଚାରୀମାନଙ୍କ ଅକ୍ଳାନ୍ତ ପରିଶ୍ରମ ଏବଂ ନିଷ୍ଠା ଦ୍ୱାରା ଏହା ସମ୍ଭବପର ହୋଇପାରିଛି ବୋଲି ଅଧ୍ୟକ୍ଷ କହିଛନ୍ତି।




ଅଧ୍ୟକ୍ଷ ସିଷ୍ଟର ଡୋରେଟ ପୁରସ୍କାର ଗ୍ରହଣ କରୁଛନ୍ତି।

# ଗୋକୁଳାନନ୍ଦ ପୀଠରେ ଗୁରୁପୂଜନ ଉତ୍ସବ

**ଖଣ୍ଡପଡ଼ା,୨୧।୭ (ଅଜୟ କୁମାର ମହାରଣା)**

ରବିବାର ଗୁରୁ ପୂର୍ଣ୍ଣମୀ ଅବସରରେ ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଧାମୂଳା ଗୋକୁଳାନନ୍ଦ ଜୀଉଙ୍କ ପୀଠର ପ୍ରତିଷ୍ଠାତା ସ୍ୱାମୀ ରାମ ଲକ୍ଷ୍ମଣ ଦାସଙ୍କ ଉଦ୍ଦେଶ୍ୟରେ ପ୍ରତି ବର୍ଷ ପରି ଗୁରୁ ପୂଜନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ପ୍ରଭୁଙ୍କୁ ମଙ୍ଗଳ ଆଳତୀ ଓ ନିତ୍ୟ ପୂଜା ପରେ ପ୍ରାଙ୍ଗଣରେ ଥିବା ଗୁରୁ ସ୍ୱାମୀ ରାମଲକ୍ଷ୍ମଣ ଦାସ ମହାରାଜାଙ୍କ ଶକ୍ତି ପୀଠରେ ନବବସ୍ତ୍ର ପରିଧାନ ପୂର୍ବକ ସ୍ନାନ ତର୍ପଣ ସହ ଗୁରୁ ବନ୍ଦନା କରାଯାଇଥିଲା।। ପ୍ରାତଃ ସମୟରେ ମନ୍ଦିରର ପୂଜାନୀତି ସହ ରାମ ଲକ୍ଷ୍ମଣଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ଗୁରୁପୂଜା, ହୋମ, ନାମ ସଂକୀର୍ତ୍ତନ, ଗୀତା, ଭାଗବତ ପଠନ କରାଯାଇ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସିଧାମୂଳା ସମେତ ନିକଟବର୍ତ୍ତୀ କଟକ ଜିଲାର ବହୁ ଶିଷ୍ୟ ଓ ଭକ୍ତ ଅଂଶ ଗ୍ରହଣ କରିଥିଲେ। ଏଠାରେ ଆୟୋଜିତ ଏକ ସ୍ତୁତିଚାରଣ ସଭାରେ ଯୋଗଦେଇଥିବା ଭକ୍ତମାନେ ସ୍ୱାମିଜୀଙ୍କ ଲିଖିତ ବିଭିନ୍ନ ଉପଦେଶ ମୂଳକ ଲେଖାକୁ ବ୍ୟାଖ୍ୟା କରିଥିଲେ। କାର୍ଯ୍ୟକ୍ରମକୁ ମନ୍ଦିରର ସମ୍ପାଦକ ଚନ୍ଦ୍ର ଶେଖର ସ୍ୱାଇଁ ଓ ପୂଜକ ଅଖିଳ କୁମାର ପାଣି ପରିଚାଳନା କରିଥିଲେ। ସେହିପରି ଖଣ୍ଡପଡ଼ା ସହରର ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଆରଏସ୍‌ଏସ୍ ପକ୍ଷରୁ ଗୁରୁପୂର୍ଣ୍ଣିମା କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗ ଦେଇଥିଲେ।

# ୟୁଥ୍ ଫର୍ ଭିଲେଜ୍ ପାଇଲା ସୋସିଆଲ ଇମ୍ପାକ୍ଟ ଆୱାର୍ଡ




ୟୁଥ୍ ଫର୍ ଭିଲେଜ୍ ସ୍ୱେଚ୍ଛାସେବୀ ସାମାଜିକ ସଙ୍ଗଠନକୁ ସମ୍ବର୍ଦ୍ଧିତ କରୁଛନ୍ତି ଅତିଥି।

**ଗଞ୍ଜାମ,୨୧।୭(ବିଦ୍ୟାଧର ସାହୁ)**

ଗଞ୍ଜାମ ବ୍ଲକର ତାରିଣୀପଲ୍ଲୀ ଭଳି ଏକ ନିପଟ ମଫସଲ ଗ୍ରାମରେ ଗଢ଼ିଉଠିଥିବା ୟୁଥ୍ ଫର୍ ଭିଲେଜ୍ ସ୍ୱେଚ୍ଛାସେବୀ ସାମାଜିକ ସଙ୍ଗଠନକୁ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ମିଳିଛି। ରକ୍ତଦାନ, ଚାରାରୋପଣ, ଯୁବ ନେତୃତ୍ୱ ଓ ବ୍ୟକ୍ତିତ୍ୱର ବିକାଶ, ସ୍ୱାସ୍ଥ୍ୟ, ଶିକ୍ଷା, ସମୁଦ୍ର ବେଳାଭୂମି ସଫେଇ, ସାମୁଦ୍ରିକ ଅଲିଭ ରିଡ୍‌ଲେ କଇଁଛଙ୍କ ସୁରକ୍ଷା, ସ୍ୱଚ୍ଛତା, ଶିଶୁ ପ୍ରତିଭା ଓ ପରିବେଶ ତଥା ଅସହାୟ ଓ ଅନଗ୍ରସର ଶ୍ରେଣୀର ଲୋକଙ୍କ ଅଧିକାର ପାଇଁ ୨୦୧୨ ମସିହାରୁ ସଙ୍ଗଠନ ଅଞ୍ଚଳରେ ସକ୍ରିୟ ଭାବେ କାର୍ଯ୍ୟ କରୁଛି। ସଂଗଠନର ଏହିଭଳି କାର୍ଯ୍ୟ ପାଇଁ ରାଜ୍ୟର ଅଗ୍ରଣୀ ସଂସ୍ଥା 'ୱି ଫର୍ ୟୁ' ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଭୁବନେଶ୍ୱର ସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସୋସିଆଲ ଇମ୍ପାକ୍ଟ ଆୱାର୍ଡ ୨୦୨୪ରେ ସମ୍ମାନିତ କରାଯାଇଛି। ଅନୁଷ୍ଠାନ ପକ୍ଷରୁ ପ୍ରତିଷ୍ଠାତା ଡି. ଦେବହରି ରେଡ୍ଡୀ, ସଭାପତି କୈଳାସ ଚନ୍ଦ୍ର ସେଠୀ, ପୂର୍ବତନ ସଭାପତି ଚୈତନ୍ୟ ରେଡ୍ଡୀ, ପୂର୍ବତନ ସମ୍ପାଦକ ଦୀପକ କୁମାର ସାହୁ, ବାଳକୃଷ୍ଣ ସାହୁ ଓ କୁନି ସ୍ୱେଚ୍ଛାସେବୀ ଡି ବ୍ରିଶାଙ୍କ ରେଡ୍ଡୀ ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧନା ଗ୍ରହଣ କରିଛନ୍ତି। ଏହି ସମ୍ବର୍ଦ୍ଧନା ପାଇବା ପରେ ସିଆର୍‌ପିଏଫ କମାଣ୍ଡାଣ୍ଟ ଯୁଗଳ କିଶୋର ମହାପାତ୍ର, ଓଡ଼ିଶା ସାମ୍ବାଦିକ ସଂଘ ଗଞ୍ଜାମ ଜିଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା, ଭରୋସା ସମ୍ପାଦକ ଦୁର୍ଗାମାଧବ ପାଣିଗ୍ରାହୀ, ବ୍ରହ୍ମପୁର ସମବାୟ କେନ୍ଦ୍ରୀୟ ବ୍ୟାଙ୍କ କ୍ଷେତ୍ରୀୟ ଅଧିକାରୀ ଅମିତ୍ ବେହେରା, ଶିକ୍ଷାବିତ୍ ଭିଗ୍ନରାଜ୍ ଦାସ, ଋଷିକୁଲ୍ୟା ରୟତ ସଂଘ ସମ୍ପାଦକ ସୀମାଞ୍ଚଳ ନାହାକ, ସାମାଜିକ କର୍ମୀ ନିରାକାର ବିଷୋୟୀଙ୍କ ସମେତ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ଗ୍ରାମବାସୀ ସଂଗଠନକୁ ଅଭିନନ୍ଦନ ଜଣାଇଛନ୍ତି।

# ବେଦ ବିଦ୍ୟାଳୟରେ ଗୁରୁପୂର୍ଣ୍ଣିମା ପାଳିତ

**ଦଶପଲ୍ଲା,୨୧।୭(ପ୍ରକାଶ କୁମାର ପାଣି)**

ନୟାଗଡ଼ ଜିଲା ଦଶପଲ୍ଲା ସାତପାଟଣାସ୍ଥିତ ମହର୍ଷି ରାମରାଜ ଟ୍ରଷ୍ଟ ପକ୍ଷରୁ ରବିବାର ଗୁରୁ ପୂର୍ଣ୍ଣିମା ମହା ସମାରୋହରେ ପାଳିତ ହୋଇଯାଇଛି। ଟ୍ରଷ୍ଟ ଦ୍ୱାରା ପ୍ରାୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନ ଗୁରୁ ପଣ୍ଡିତ ପ୍ରସନ୍ନ କୁମାର ମିଶ୍ର, ପଣ୍ଡିତ ଅବଶେଷ ଶୁକ୍ଳା, ପଣ୍ଡିତ ନେତ୍ର ପ୍ରସାଦ ଡୁଙ୍ଗନା ପ୍ରମୁଖ ଯୋଗଦାନ କରି ଗୁରୁ ପୂର୍ଣ୍ଣିମାରେ ଗୁରୁଜୀଙ୍କୁ ନମନ କରି ବେଦ ପାଠ ଆରମ୍ଭ କରିଥିଲେ। ଅଧ୍ୟୟନରତ ଛାତ୍ରୀଛାତ୍ରମାନେ ଗୁରୁ ପୂଜନ କରିବା ପରେ ସାମୂହିକ ବେଦପାଠରେ ସାମିଲ ହୋଇଥିଲେ। ପରେ ସୃଷ୍ଟିର ମଙ୍ଗଳ କାମନା କରି ସାମୂହିକ ବେଦ ଉଚ୍ଚାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶତାଧିକ ଶ୍ରଦ୍ଧାଳୁ ଉପଭୋଗ କରିଥିଲେ। ଶେଷରେ ସମସ୍ତଙ୍କୁ ଶୁଦ୍ଧ ଶାକାହାରୀ ଭୋଜନରେ ଆପ୍ୟାୟିତ କରାଯାଇଥିଲା। ସନ୍ତୋଷ କୁମାର ମିଶ୍ର ଏଂ ତାରିଣୀ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# 'ମାଣେ ଛ' ଗୁଣ୍ଟର ଦୁଃଖ' ପୁସ୍ତକ ଉନ୍ମୋଚିତ

**ପାରଳାଖେମୁଣ୍ଡି, ୨୧।୭ (ଗିରିଧାରୀ ପରିଚ୍ଛା)**

ଗଜପତି ଜିଲାର ପୂର୍ବତନ ଅତିରିକ୍ତ ଜିଲାପାଳ ସ୍ୱର୍ଗତ ବୀରେନ୍ଦ୍ର କୁମାର ଦାସଙ୍କ ଏକଦଶାହ ଦିବସ ଉପଲକ୍ଷେ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଭଜନ ସମାରୋହରେ ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ କୁମାର, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ଡ଼.ଗୁଣନିଧି ନାୟକ, ଉପଜିଲାପାଳ ଅନୁପ ପଣ୍ଡା, ଜିଲାର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ରହି ସ୍ୱର୍ଗତ ଦାସଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ। ଏହି ଅବସରରେ ସ୍ୱର୍ଗତ ଦାସଙ୍କ ଲିଖିତ ଅଣୁ ଗଳ୍ପ 'ମାଣେ ଛଅ ଗୁଣ୍ଟର ଦୁଃଖ' ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଏହି ପୁସ୍ତକ ତାଙ୍କ ଜୀବନରେ ଶିକ୍ଷା ପ୍ରତି ସମର୍ପଣ ଭାବର ପରିଚୟ ଦିଏ।



ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି।

# କୁର୍ମି କ୍ଷତ୍ରିୟ ରାଜ୍ୟ ସଂସ୍ଥାର ବୈଠକ

**ଭଞ୍ଜନଗର,୨୧।୭ (ବାବୁଲା ପ୍ରଧାନ)**



ଦେବଦତ୍ତ ପ୍ରଧାନ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ନିଖିଳ ଉତ୍କଳ କୁର୍ମି କ୍ଷତ୍ରିୟ ପ୍ରଦେଶ ସଂସ୍ଥାର ଏକ ବୈଠକ ରବିବାର ଜିଲୁଣ୍ଡି ଅଞ୍ଚଳର ସଭାଗୃହ ବାଉଁଶଲୁଣ୍ଡିଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନବ ନିର୍ବାଚିତ କୁଳର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ କୁଳର ଅନ୍ୟ କର୍ମକର୍ତ୍ତାମାନଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ। ବିଧାୟକ ଶ୍ରୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ କୁର୍ମୀ କ୍ଷତ୍ରିୟ ସଂସ୍ଥାର ବିକାଶ ପାଇଁ ଯାହା କିଛି ସହଯୋଗ ଲୋଡ଼ା ତାହା ଆଗାମୀ ଦିନରେ ଯୋଗାଇ ଦେବି। ଭୁବନେଶ୍ୱରରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ନାମରେ ଏକ ଭବନ ନିର୍ମାଣ କରିବା। ଆଗାମୀ ଦିନରେ ଭୁବନେଶର କୂଳ ଘର ପାଇଁ ଜମି କିଭଳି ମିଳିବ ଏବଂ ତାହା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ନାମରେ କିଭଳି ନାମିତ ହେବ ସେ ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବି। ଏଥିସହ ଭଞ୍ଜନଗରଠାରେ ମଧ୍ୟ ପ୍ରଦେଶ କାର୍ଯ୍ୟାଳୟ କରାଯିବ। ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏବଂ ଛତ୍ରପତି ଶିବାଜି ମହାରାଜଙ୍କ ପ୍ରଚାର ପ୍ରସାର କିଭଳି ଅଧିକ ହେବ ସେଥିପାଇଁ ମଧ୍ୟ ପଦକ୍ଷେପ ନିଆଯିବ। କୂଳର ଯୁବ ପ୍ରତିଭାମାନଙ୍କୁ ଆଗାମୀ ବାରୁଡ଼ା ଅଧିବେଶନରେ ସମ୍ବର୍ଦ୍ଧିତ କରାଯିବ। ଦଳୀୟ ଚିନ୍ତାଧାରାରୁ ଉର୍ଦ୍ଧ୍ୱରେ ରହି କୂଳର ଉନ୍ନତି ପାଇଁ ସମସ୍ତେ ମିଳିମିଶି କାମ କରିବାକୁ ଶ୍ରୀ ନାୟକ ଉପସ୍ଥିତ କର୍ମକର୍ତ୍ତାମାନଙ୍କୁ ଆହ୍ୱାନ କରିଥିଲେ। ବୈଠକରେ ଉପ ସଭାପତି କଂଗ୍ରେସ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ବିଶନାଥ ରାଉତ ବିବରଣୀ ପଠନ କରିବା ସହ ସଭାକୁ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ସଙ୍ଗଠନ ସମ୍ପାଦକ ଭବାନୀ ଶଙ୍କର ପ୍ରଧାନ, ସହ ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, କୋଷାଧ୍ୟକ୍ଷ ବିପିନ ଚନ୍ଦ୍ର ନାୟକ, ପୂର୍ବତନ ପ୍ରଦେଶ ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପ୍ରଚାରମନ୍ତ୍ରୀ ପଠାଣ ଭଞ୍ଜ, ପ୍ରଦେଶ ସଭ୍ୟ ବଂଶୀଧର ନାୟକ, ଜିଲୁଣ୍ଡି ଅଞ୍ଚଳ ସଭାପତି ସରୋଜ ରାଉଳ, ବାରୁଡ଼ା ଅଞ୍ଚଳ କର୍ମକର୍ତ୍ତା ଧବଳେଶ୍ୱର ମାଝୀ, ନେତାଜୀ ବିଷୋୟୀ, ଲେମ୍ବେଇ ସମିତି ସଭ୍ୟ ଦେବଦତ୍ତ ପ୍ରଧାନ, ଶେରଗଡ଼ ବ୍ଲକ ଅଧ୍ୟକ୍ଷ କେ ସି ନାୟକ, ସମୀର ପ୍ରଧାନ, ଗଙ୍ଗାଧର ନାୟକ ପ୍ରମୁଖ ଯୋଗଦେଇ କୂଳର ବିକାଶ କିଭଳି ହେବ ସେ ନେଇ କହିଥିଲେ।

# ଷ୍ଟ୍ରେଚରରେ ବୁହା ହେଲେ ଗର୍ଭବତୀ

■ଗାଁକୁ ରାସ୍ତା ନ ଥିବାରୁ ୨ କିମି ଦୂରରେ ଅଟକିଲା ଆମ୍ବୁଲାନ୍ସ
■ଆମ୍ବୁଲାନ୍ସ କର୍ମଚାରୀ ଓ ପରିବାର ସଦସ୍ୟ ବୋହିଲେ

ନୟାଗଡ଼,୨୧।୭(ଲୋକନାଥ ମିଶ୍ର)


ଗର୍ଭବତୀଙ୍କୁ ଷ୍ଟ୍ରେଚରରେ ଆମ୍ବୁଲାନ୍ସକୁ ନିଆଯାଉଛି ।

ଷ୍ଟ୍ରେଚରରେ ୨କିମି ବୁହାହେଲେ ଗର୍ଭବତୀ । ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଟାକେରା ପଞ୍ଚାୟତର ଗୋପାଳପୁର ମଠସାହିକୁ ରାସ୍ତା ନ ଥିବାରୁ ଏଭଳି ଘଟଣା ରବିବାର ପୂର୍ବାହ୍ନରେ ଘଟିଛି।ଗାଁଠାରୁ ୨ କିମି ଦୂରରେ ଆମ୍ବୁଲାନ୍ସ ଅଟକି ରହିଲା ଆମ୍ବୁଲାନ୍ସ କର୍ମଚାରୀ ଓ ପରିବାର ସଦସ୍ୟ ଷ୍ଟ୍ରେଚର ଯୋଗେ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ୨କିମି ଗର୍ଭବତୀ ମହିଳାଙ୍କୁ ଆଣିଥିଲେ। ପରେ ମହିଳାଙ୍କୁ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ନୟାଗଡ଼ ସ୍ଥାନାନ୍ତର କରାଯାଇଥିଲା। ସୂଚନା ଅନୁଯାୟୀ, ଗୋପାଳପୁର ମଠସାହିର ସରୋଜିନୀ ପ୍ରଧାନ(୨୮)ଙ୍କର ଗର୍ଭ ବେଦନା ବଢ଼ି ଚାଲିଥିଲା। ପରିବାର ଲୋକ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ଆମ୍ବୁଲାନ୍ସ ୨କିମି ଦୂରରେ ରହିଥିଲା। ପରେ ଷ୍ଟ୍ରେଚରରେ ମହିଳାଙ୍କୁ ନେବାକୁ ପଡିଥିଲା। ଦଶପଲ୍ଲା ବ୍ଲକର ଅଧିକାଂଶ ଦୁର୍ଗମ ଅଞ୍ଚଳକୁ ଯିବାକୁ ରାସ୍ତା ନାହିଁ । ସରକାରଙ୍କ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ପରି ଅନେକ ଯୋଜନା ରହିଥିବାବେଳେ ରାସ୍ତା ନ ଥିବା ଗାଁକୁ କାହିଁକି ଚିହ୍ନଟ କରାଯାଇ ତାର ସମାଧାନ କରାଯାଉନି ତାହା ବୁଝାପଡୁନ। ବିଭିନ୍ନ ସମୟରେ ଦଶପଲ୍ଲା ବ୍ଲକରେ ଗୁରୁତର ରୋଗୀ ଓ ଗର୍ଭବତୀ ଦୋଳା, ଖଟ ଓ ଷ୍ଟ୍ରେଚରରେ ବୁହା ହେଉଥିବାର ଅଭିଯୋଗ ହୋଇ ଆସୁଛି। ଗାଁକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଗାଁଠାରୁ ୧ କମି, ୨କିମି ଓ ୩ କମି ଦୂରରେ ଅଟକି ରହୁଛି । ଆମ୍ବୁଲାନ୍ସ ପର୍ଯ୍ୟନ୍ତ ରୋଗୀଙ୍କୁ ବୋହିବାକୁ ପଡୁଛି । ଏନେଇ ବିଭିନ୍ନ ସମୟରେ ଖବର ପ୍ରକାଶ ପାଉଥିଲେ ମଧ୍ୟ ସୁଫଳ ମିଳୁନି ।

ଗୋପାଳପୁର ମଠସାହିରେ ୧୫ ପରିବାର ୧୫୦ ଲୋକ ବାସ କରନ୍ତି । ଗାଁକୁ ଯିବାକୁ ହେଲେ ଏକ ନାଳ ଅତିକ୍ରମ କରିବାକୁ ପଡେ। ବର୍ଷା ଋତୁ ଯୋଗୁ ନାଳରେ ପାଣି ଯାଉଛି। ପୁଣି ରାସ୍ତା ଅବସ୍ଥା ଭଲ ନୁହେଁ । ଏଣୁ ଗାଁକୁ ଆମ୍ବୁଲାନ୍ସ ଯାଇ ପାରୁ ନ ଥିବା ଅଭିଯୋଗ ହୋଇଛି। ଏନେଇ ଗୋପାଳପୁର ମଠସାହିର ସରୋଜିନୀ ପ୍ରଧାନ କୁହନ୍ତି, ପ୍ରଥମେ ରାସ୍ତା ନ ଥିବା ଗାଁଗୁଡିକୁ ଚିହ୍ନଟ କରାଯିବା ଦରକାର। ଏହାପରେ ସରକାର ରାସ୍ତା ନିର୍ମାଣ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବା ଉଚିତ୍। ମୋ ପରି ଗର୍ଭବତୀ ମହିଳା ଓ ଗୁରୁତର ରୋଗୀ ସବୁବେଳେ ହଇରାଣ ହୋଇ ଆସୁଛନ୍ତି । ସରକାର ପରେ ସରକାର ବଦଳି ଚାଲିଥିଲେ ମଧ୍ୟ ଦଶପଲ୍ଲା ବ୍ଲକରେ ଥିବା ଦୁର୍ଗମ ଅଞ୍ଚଳର ଗାଁଗୁଡିକର ଚିତ୍ର ବଦଳୁନି । ଗାଁକୁ ସବୁଦିନିଆ ରାସ୍ତା ହୋଇ ପାରୁନି । ସରକାର ଓ ଜିଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେବା ଦରକାର ବୋଲି ସେ କହିଛନ୍ତି ।

# ଜେଇ ଓ ପିଇଓଙ୍କ ବଦଳିକୁ ନେଇ କେଁ

ନୟାଗଡ଼/ରଣପୁର,୨୧।୭(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

■ଅଧ୍ୟକ୍ଷାଙ୍କୁ ନ ଜଣାଇ ରଣପୁର ବିଡିଓ କରିଛନ୍ତି ବଦଳି
■ପଞ୍ଚାୟତିରାଜ ବିଭାଗର ନିର୍ଦ୍ଦେଶକୁ ଅଣଦେଖା ଅଭିଯୋଗ

ନୟାଗଡ଼ ଜିଲା ରଣପୁର ବ୍ଲକରେ କନିଷ୍ଠଯନ୍ତ୍ରୀ(ଜେଇ) ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ଙ୍କ ବଦଳିକୁ ନେଇ ବିବାଦ ଦେଖା ଦେଇଛି। ରଣପୁର ବ୍ଲକ ଅଧ୍ୟକ୍ଷାଙ୍କୁ ଅବଗତ ନ କରାଇ ବିଡିଓ ବଦଳି କରିଥିବାରୁ ଏଭଳି ଅସୁବିଧା ହୋଇଛି। ପଞ୍ଚାୟତିରାଜ ବିଭାଗର ନିର୍ଦ୍ଦେଶକୁ ବିଡିଓ ଅଣଦେଖା କରି ବିଡିଓ ବଦଳି କରିଥିବା ଅଭିଯୋଗ ରହିଛି। ପଞ୍ଚାୟତିରାଜ ବିଭାଗର ପତ୍ରାଙ୍କ ନଂ ୩୮୯୭୯/୨୩।୧୦।୨୦୦୯ଟିଠି ଅନୁସାରେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଚିଠି/ ସର୍କୁଲାର/ ଅର୍ଥ ମଞ୍ଜୁରୀ ଆଦେଶ ସବୁ ଅଧ୍ୟକ୍ଷଙ୍କ ପାଖକୁ ପ୍ରତିଦିନ ବିଡିଓ ପଠାଇବେ। ଜେଇ/ଭିଏଲଡବ୍ଲ୍ୟୁମାନଙ୍କର କାର୍ଯ୍ୟ ପୁନଃ ଆବଣ୍ଟନ କରିବାକୁ ହେଲେ ଅଧ୍ୟକ୍ଷଙ୍କ ମଞ୍ଜୁରୀ ନେବାକୁ ପଡିବ। ଅଧ୍ୟକ୍ଷଙ୍କ ମଞ୍ଜୁରୀ ପରେ ବିଡିଓ ଛୁଟିରେ ଯିବେ। ବିଡିଓ ତାଙ୍କର ଗସ୍ତ କାର୍ଯ୍ୟକ୍ରମ ଅଧ୍ୟକ୍ଷଙ୍କ ଅନୁମୋଦନ ନିମନ୍ତେ ପ୍ରେରଣ କରିବେ। ପଞ୍ଚାୟତ ସମିତିର ସାଧାରଣ ବୈଠକ ଅଧ୍ୟକ୍ଷଙ୍କ ଅନୁମୋଦନ କ୍ରମେ ଅନୁଷ୍ଠିତ କରାଯିବ ବୋଲି ରହିଛି। ନିର୍ଦ୍ଦେଶନାମାକୁ ଅଣଦେଖା କରାଗଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ନିର୍ଦ୍ଦେଶ ରହିଛି। ଏଭଳିସ୍ଥଳେ ଅଧ୍ୟକ୍ଷାଙ୍କୁ ଅଣଦେଖା କରିଥିବାର ଅଭିଯୋଗ ଉଠିଛି। ଏନେଇ ରଣପୁର ବ୍ଲକ ଅଧ୍ୟକ୍ଷା ନିର୍ମଳା ବେହେରା କୁହନ୍ତି, ପଞ୍ଚାୟତରାଜ ବିଭାଗର ନିର୍ଦ୍ଦେଶକୁ ବିଡିଓ ଅଣଦେଖା କରି ଜେଇ ଓ ପିଇଓଙ୍କର ବଦଳି କରିଛନ୍ତି। ଲୋକ ପ୍ରତିନିଧିଙ୍କୁ ଅଣଦେଖା କରିବା ଠିକ୍ ନୁହେଁ। ଅଧ୍ୟକ୍ଷଙ୍କ ପାୱାରକୁ ହାଇଜାକ୍ କରି ବିଡିଓ ଠିକ୍ କରିନାହାନ୍ତି ବୋଲି କହିଛନ୍ତି। ବିଡିଓ ସୁଧିର ନାୟକ କୁହନ୍ତି, ୭ଜଣ ପିଇଓ ଓ ୨ଜଣ ଜେଇ ରଣପୁର ବ୍ଲକକୁ ବଦଳି ହୋଇ ଆସିବା ପରେ ପିଇଓ ଓ ଜେଇଙ୍କ ପାଇଁ ଅଦଳବଦଳ କରାଯାଇଛି।

# ସେବା ଉତ୍ସବ ସମିତି ପକ୍ଷରୁ ଭଜନ ସନ୍ଧ୍ୟା

ନୂଆଗାଁ,୨୧।୭ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ସେବା ଉତ୍ସବ ସମିତି ପକ୍ଷରୁ ରବିବାର ନୂଆଗାଁ ମା'ପିତାବଳୀ ମାର୍କେଟଠାରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇ ଯାଇଛି। ନୟାଗଡ଼ ଜିଲା ସେବା ଉତ୍ସବ ସମିତି ପକ୍ଷରୁ ଜିଲାର ବିଭିନ୍ନ ସ୍ଥାନରେ ଦୀର୍ଘ ଦିନ ହେଲା ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସେବା ସମିତିର ସଦସ୍ୟମାନେ ଜିଲାର ଅନେକ ଅପନ୍ତରିଆ ଆଦିବାସୀ ଗ୍ରାମକୁ ଯାଇ ଗରିବ ଅଭାବୀ ଲୋକମାନଙ୍କୁ ବସ୍ତ୍ର , ଅନ୍ନ , ମାଗଣାରେ ସ୍ୱାସ୍ଥ୍ୟ ସେବା ସହ ମାଗଣାରେ ଔଷଧ ଆଦି ଯୋଗାଇ ଦେଉଛନ୍ତି। ତତ୍ ସହିତ ସେବା କାର୍ଯ୍ୟ ପ୍ରତି ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ସନ୍ଧ୍ୟାରେ ସେବା ଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରୁଛନ୍ତି । ସେବା ଉତ୍ସବ ସମିତି ଓ ସ୍ୱାମୀ ବିବେକାନନ୍ଦ ୟୁଥ କ୍ଲବର ମିଳିତ ଆନୁକୂଲ୍ୟରେ ମା'କଳାପାଟ ଭଜନ ସନ୍ଧ୍ୟାର କଳାକାରମାନଙ୍କୁ ନେଇ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେବା ଉତ୍ସବ ସମିତିର ଅଧ୍ୟକ୍ଷ ଶିବରାମ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ପତିତପାବନ ସାହୁ, ଦେବରାଜ ଖଣ୍ଡୁଆଳ, ରମେଶ ଚନ୍ଦ୍ର ପ୍ରଧାନଙ୍କ ସମେତ ସେବା ଉତ୍ସବ ସମିତିର ସଦସ୍ୟ ଆଶୁତୋଷ ସାହୁ , ବାପୁନି ପ୍ରଧାନ , କୃପାସିନ୍ଧୁ ରାଉତ , ପ୍ରଶାନ୍ତ କୁମାର ସାହୁ , ସୌମ୍ୟା ସ୍ୱୟଂପ୍ରଭା , ବର୍ଷା ପ୍ରିୟଦର୍ଶିନୀ , ସଞ୍ଜୟ କୁମାର ସ୍ୱାଇଁ , ଶୁଭାଶିଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଜ୍ୱରରେ ଆକ୍ରାନ୍ତ ନାବାଳିକା ମୃତ

ଓଡ଼ଗାଁ,୨୧।୭(ଆଦର୍ଶ କୁମାର ପଟ୍ଟନାୟକ)

**ଝଡ଼ା,ଫୁଙ୍କା ଯୋଗୁ ଚିକିତ୍ସାରେ ବିଳମ୍ବ ହୋଇଥିଲା**

ନୟାଗଡ଼ ଜିଲା ଓଡ଼ଗାଁ ଥାନା, ବାହାଡାଖୋଲା ଫାଣ୍ଡି, ନୂଆଗାଁ ବ୍ଲକ୍ କାପ୍ତାପଲ୍ଲୀ ପଞ୍ଚାୟତ ସୀମା ଗାଁର ଜଣେ ନାବାଳିକାଙ୍କ ଜ୍ୱରରେ ମୃତ୍ୟୁ ଘଟିଛି । ନୟାଗଡ଼ ଜିଲା ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ଏହି ଖବର ଜଣାପଡିବା ପରେ ସୀମା ଗାଁର ଆତଙ୍କ ପ୍ରକାଶ ପାଇଥିଲା । ଆବଶ୍ୟକ ଚିକିତ୍ସା ବଦଳରେ ନାବାଳିକାଙ୍କ ପରିବାର ଲୋକେ ଝଡ଼ା ଫୁଙ୍କା ଉପରେ ଗୁରୁତ୍ୱ ଦେଇଥିଲେ । ସେଥିପାଇଁ ସେହି ଝିଅର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିଥିଲା । ଶେଷରେ ତାଙ୍କୁ ନୟାଗଡ଼ ଡାକ୍ତରଖାନରେ ଭର୍ତ୍ତି କରାଯାଇଥିଲା ବୋଲି ଗ୍ରାମବାସୀ କହିଛନ୍ତି। ବଣ ପାହାଡ ଘେରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବସବାସ କରୁଥିବା ବନବାସୀ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ପାଇ ପାରୁ ନ ଥିବାରୁ ଏପରି ଘଟଣା ଘଟିଛି ବୋଲି ଗ୍ରାମବାସୀ କହିଛନ୍ତି ।

ନାବାଳିକାଙ୍କ ବାପା ପୀତବାସ ମଲିକଙ୍କ କହିଛନ୍ତି, ୩ ଦିନ ହେଲା ଝିଅର ଜ୍ୱର ହେଉଥିଲା। ଗୁରୁତର ହେବାରୁ ତାକୁ ଓଡ଼ଗାଁ ଡାକ୍ତରଖାନାକୁ ଅଣାଯାଇଥିଲା।ଝିଅର ଜଣ୍ଡିସ ହୋଇଥିବା ସୂଚନା ମିଳିବା ପରେ ତାକୁ ନୟାଗଡ଼ ଜିଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଝିଅର ମୃତ୍ୟୁ ଘଟିଥିଲା। ଏନେଇ ପୀତବାସ ଓଡ଼ଗାଁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୮/୨୪) ରୁଜୁ କରି ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

ତେବେ ନାବାଳିକାର ମୃତ୍ୟୁକୁ ନେଇ ସୀମା ଗାଁରେ ଆତଙ୍କ ଖେଳିଯାଇଛି। ଏବେ ସେଠାରେ ଜଣ୍ଡିସ ରୋଗର ଭୟ ଘାରିଛି। ଅନ୍ଧବିଶ୍ୱାସ ଓ ଗୁଣିଗାରେଡ଼ିକୁ ବିଶ୍ୱାସ କରୁଥିବା ଲୋକମାନେ ଝଡା ଫୁଙ୍କାକୁ ଗୁରୁତ୍ୱ ଦେଉଛନ୍ତି। ଗାଁର ପ୍ରତ୍ୟେକ ଲୋକଙ୍କ ରକ୍ତ ପରୀକ୍ଷା କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଓଡ଼ଗାଁ ବ୍ଲକ ବାଣ୍ଡପୁର ପଞ୍ଚାୟତ ଓସ୍ତିଆମାଳ ଆଶ୍ରମ ସ୍କୁଲର ଷଷ୍ଠ ଶ୍ରେଣୀ ଛାତ୍ରର ମୃତ୍ୟୁ ଘଟଣା ଏବେ ବି ସନ୍ଦେହ ଘେରରେ ଥିବା ବେଳେ ରବିବାର ଏହି ନାବାଳିକାଙ୍କ ମୃତ୍ୟୁ ଘଟଣା ସ୍ଥାନୀୟ ଅଞ୍ଚଳରେ ଭୟ ସୃଷ୍ଟି କରିଛି।

# ଜେଲ ଗଲେ ୫ ମୁଖ୍ୟ ଅଭିଯୁକ୍ତ


ଗିରଫ ହୋଇଥିବା ୫ ଅଭିଯୁକ୍ତ ।

ନୟାଗଡ଼,୨୧।୭(ଲୋକନାଥ ମିଶ୍ର)

**ବଉଳସାହି ମରଣାନ୍ତକ ଆକ୍ରମଣ ଘଟଣା**

ଇଟାମାଟି ଥାନା ନୋତର ପଞ୍ଚାୟତ ବଉଳସାହି ଗାଁରେ ମରଣାନ୍ତକ ଆକ୍ରମଣ, ଗୁଳିମାଡ଼ ଓ ବୋମାମାଡ଼ ଘଟଣାରେ ପୋଲିସ ୫ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ବଉଳସାହି ଗାଁର କାଶୀନାଥ ନାୟକ, ସନ୍ତୋଷ ନାୟକ, ବନମାଳୀ ନାୟକ, ଦୁର୍ଗା ଗୁମାନ ସିଂ, ହାଲୁରି ବେହେରାଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଯାଇଛି। ବଉଳସାହି ଗାଁରେ ବୁଧବାର ମେ ୧ ତାରିଖରେ ମରଣାନ୍ତକ ଆକ୍ରମଣ, ଗୁଳିମାଡ଼ ଓ ବୋମାମାଡ ଘଟଣାରେ ପୃଥ୍ୱିରାଜ ଦଳବେହେରା, ରାକେଶ ଓ ଆଶିଷ ଗୁମାନ ସିଂଙ୍କ ସମେତ ୪ ଯୁବକ ଗୁରୁତର ହୋଇଥିଲେ। ଏହି ଘଟଣାରେ ପୃଥ୍ୱିରାଜ ଦଳବେହେରାଙ୍କ ମା'ରୀନା ଦଳବେହେରାଙ୍କ ଅଭିଯୋଗ କ୍ରମେ ପୋଲିସ ୧୧ ଜଣଙ୍କ ସମେତ ୨୬ଜଣଙ୍କ ନାମରେ ଏକ ମାମଲା(ନଂ.୧୦୪/୨୪) ରୁଜୁ କରିଥିଲା। ଜ୍ୟୋତି ରଞ୍ଜନ ପଟ୍ଟନାୟକ ଓ ମହେଶ୍ୱର ଜେନାଙ୍କୁ ଗିରଫ କରିଥିଲା। ପରେ ୫ଜଣଙ୍କୁ ଗିରଫ କରିଛି।

# କ୍ଲଷ୍ଟରସ୍ତରୀୟ ସମ୍ବର୍ଦ୍ଧନା ସଭା

ଦଶପଲ୍ଲା,୨୧।୭(ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକରୁ ଜୁଲାଇ ମାସରେ ଗୋଟିଏ କ୍ଲଷ୍ଟରରୁ ଏକକାଳୀନ ୫ଜଣ ଶିକ୍ଷକ ଅବସର ଗ୍ରହଣ କରିଥିଲେ। କ୍ଲଷ୍ଟର ଶିକ୍ଷକମାନଙ୍କ ପକ୍ଷରୁ ସମ୍ପୃକ୍ତ ଶିକ୍ଷକମାନଙ୍କୁ ଏକା ସାଙ୍ଗରେ ବିଦାୟକାଳୀନ ସମ୍ବର୍ଦ୍ଧନା ଦେବାପାଇଁ କଇମ ବିଦ୍ୟାଳୟଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରତାପ କୁମାର ରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥି ଭାବେ ଏବିଓ ଗୋପବନ୍ଧୁ ଦେହୁରୀ, ସିଆରସିସି ସରୋଜ କୁମାର ସାହୁ ଏବଂ ଅବସରପ୍ରାପ୍ତ ଶିକ୍ଷକ ରଶ୍ମିରଞ୍ଜନ ପଟ୍ଟନାୟକ, ଅନ୍ତର୍ଯ୍ୟାମୀ ବାରିକ, ପ୍ରଫୁଲ୍ଲ କୁମାର ପ୍ରଧାନ, ଶ୍ୱେତ କୁମାର ମହାକୁଡ଼, ତ୍ରିନାଥ ସାହୁଙ୍କ ସମେତ ୪୦ଜଣ ଶିକ୍ଷୟିତ୍ରୀ,ଶିକ୍ଷକ ଯୋଗ ଦେଇଥିଲେ। ସ୍ୱାଗତ ଭାଷଣ ପରେ ଶିକ୍ଷୟିତ୍ରୀ ତଥା କବୟିତ୍ରୀ ମଧୁସ୍ମିତା ରାୟ 'ମନେପଡେ' ଶୀର୍ଷକ ଏକ କବିତା ପାଠ କରିଥିଲେ। ପରେ ଶିକ୍ଷକମାନେ ନିଜ ନିଜର ଅଭିଜ୍ଞତା ବାଣ୍ଟିଥିଲେ। ଶେଷରେ ସମସ୍ତଙ୍କୁ ଉପଢ଼ୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷକ ମନୋରଞ୍ଜନ ବରାଡ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସୂର୍ଯ୍ୟମଣି ମହାପାତ୍ର,ବିଜୟ କୁମାର ଘଡ଼େଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନୂଆଗାଁ ଅଞ୍ଚଳବାସୀଙ୍କ ସମସ୍ୟା ଶୁଣିଲେ ଥାନାଧିକାରୀ

ନୂଆଗାଁ,୨୧।୭(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ଥାନାଧିକାରୀ ରବିବାର ଥାନା ଅଞ୍ଚଳବାସୀଙ୍କ ସମସ୍ୟା ଶୁଣିବା ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ନୂଆଗାଁ ଥାନା ଅଞ୍ଚଳରେ ପୋଲିସ ସର୍ବଦା ଜନସାଧାରଣଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରି ଆସୁଛି। ତେବେ ପୋଲିସ ଆହୁରି ଜନସାଧାରଣଙ୍କ ନିକଟତର ହୋଇ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ନୂଆଗାଁ ଅଞ୍ଚଳବାସୀଙ୍କ ସହ ନୂଆଗାଁ ଥାନାଧିକାରୀ ଶରତ ଚନ୍ଦ୍ର ସେଠୀ ଆଲୋଚନା କରିଛନ୍ତି। ନୂଆଗାଁରେ କେଉଁ ସମସ୍ୟା ରହିଛି , ସେଗୁଡିକ ଦୂର କରିବାରେ ପୋଲିସର କି ଭୂମିକା ଅଛି ସେ ବାବଦରେ ସେ ପଚାରି ବୁଝିଛନ୍ତି। ନୂଆଗାଁ ଥାନାଧିକାରୀ ବରିଷ୍ଠ ନାଗରିକମାନଙ୍କ ଉପରେ ସ୍ୱତନ୍ତ୍ର ନଜର ରଖିବାର ପ୍ରୟାସ କରିଛନ୍ତି। ନୂଆଗାଁ ଥାନା ଅଞ୍ଚଳରେ ରହୁଥିବା ବରିଷ୍ଠ ନାଗରିକମାନଙ୍କ ପରିବାର ବିଷୟରେ ଜାଣିବା ସହ ସେମାନଙ୍କ ଚାଲିଚଳନ କିପରି ରହିଛି , ସେମାନେ କିଭଳି ଜୀବନ ଅତିବାହିତ କରୁଛନ୍ତି, ସେମାନଙ୍କ ଦୁଃଖସୁଖରେ ଭାଗୀଦାର ହେବା ପାଇଁ ଥାନାଧିକାରୀ ପ୍ରୟାସ କରିଛନ୍ତି । ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ରେଜିଷ୍ଟର ଖୋଲି ସେଥିରେ ସମସ୍ତ ତଥ୍ୟ ରଖିବାକୁ ସେ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି । ନୂଆଗାଁ ଥାନା ଏକ ଏକ ଶାନ୍ତିପ୍ରିୟ ଅଞ୍ଚଳ। ତେବେ ଜନସାଧାରଣଙ୍କ ସହଯୋଗ ମିଳିଲେ ଅଞ୍ଚଳର ସମସ୍ୟା ସୁବିଧାରେ ସମାଧାନ କରିହେବ ବୋଲି ଥାନାଧିକାରୀ ସେଠୀ ଆଶା ପ୍ରକଟ କରିଥିବା କହିଛନ୍ତି। ଏହି ଆଲୋଚନାରେ ନୂଆଗାଁ ଥାନାର ସମସ୍ତ କର୍ମଚାରୀ, ମହିପୁର ଫାଣ୍ଡି ଅଧିକାରୀ , ବରିଷ୍ଠ ନାଗରିକ ଓ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

# ବୈଦିକ ବ୍ରାହ୍ମଣ ସମାଜର ନୂତନ କର୍ମକର୍ତ୍ତା

ଦଶପଲ୍ଲା,୨୧।୭(ପ୍ରକାଶ କୁମାର ପାଣି)

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକର ବୈଦିକ ବ୍ରାହ୍ମଣ ସମାଜ କର୍ମକର୍ତ୍ତା ଚୟନ ରବିବାର ଖୋଲ ମହାବୀରଙ୍କ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସଭାପତି ଲଳିତ ମୋହନ ଦାସଙ୍କ ବିୟୋଗ ପରେ ନୂତନ ସଭାପତି ତଥା କର୍ମକର୍ତ୍ତା ଚୟନ କରାଯାଇଛି। ସର୍ବସମ୍ମତି କ୍ରମେ ନୂତନ ସଭାପତି ଭାବେ ବିରଞ୍ଚି ନାରାୟଣ ମିଶ୍ରଙ୍କୁ ଚୟନ କରାଯାଇଥିଲା। ଉପସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ମିଶ୍ର,ସମ୍ପାଦକ ରାସବିହାରୀ ମିଶ୍ର, କୋଷାଧ୍ୟକ୍ଷ ଭାବେ ଗଙ୍ଗାଧର ଦାସ ଓ ଉପଦେଷ୍ଟା ମଣ୍ଡଳୀରେ ନନ୍ଦ କିଶୋର ମିଶ୍ର,ଲକ୍ଷ୍ମୀଧର ଦାସ, ବିଜୟ କୁମାର ମିଶ୍ର ଓ ବାଞ୍ଛାନିଧି ମିଶ୍ରଙ୍କୁ ଚୟନ କରାଯାଇଛି।

# ଦଶପଲ୍ଲାରେ ସେବା ଉତ୍ସବ,ମାଗଣା ସ୍ୱାସ୍ଥ୍ୟ ଶିବିର

ଦଶପଲ୍ଲା,୨୧।୭(ପ୍ରକାଶ କୁମାର ପାଣି)

ଅଷ୍ଟମ ବାର୍ଷିକ ସେବା ମହୋତ୍ସବ ରବିବାର ସୀତାରାମ ୟୁଥ କ୍ଲବ ଓ ସେବା ଉତ୍ସବ ସମିତି ମିଳିତ ସହଭାଗିତାରେ ଦଶପଲ୍ଲା ବ୍ଲକ ଘୁଗୁଡିପଡା ପଞ୍ଚାୟତ ଦୁର୍ଗମ ଅଞ୍ଚଳ ମର୍ଦ୍ଦାବାଡ଼ିଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୨୬୦ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣା ଔଷଧ ଓ ଚଷମା ବଣ୍ଟନ କରାଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମରୁ ଆସିଥିବା ରୋଗୀ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ଔଷଧ ସୁବିଧା ପାଇଥିଲେ। ସେବା ଉତ୍ସବ ସମିତି ପକ୍ଷରୁ ପ୍ରତିବର୍ଷ ଦଶପଲ୍ଲା ବ୍ଲକର ବିଭିନ୍ନ ଅପହଞ୍ଚ ଅଞ୍ଚଳରେ ଲୋକଙ୍କୁ ସେବା ଯୋଗାଇ ଦିଆଯାଉଥିବା ବେଳେ ଚଳିତ ଥର ଏହି ସେବା ଉତ୍ସବରେ ବିଭିନ୍ନ ବର୍ଗର ଲୋକ ସାମିଲ ହୋଇଥିଲେ। ସେବା ଉତ୍ସବ ସମିତିର ଅଧ୍ୟକ୍ଷ ଶିବରାମ ମହାପାତ୍ର ଓ ସୀତାରାମ ୟୁଥ କ୍ଲବ ସଭାପତି ସୁଜିତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅରବିନ୍ଦ ଦାସ ଏବଂ ଡାକ୍ତର ସ୍ପନ୍ଦନ ମିଶ୍ର ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଫାର୍ମାସିଷ୍ଟ ବଂଶୀଧର ସାହୁ, ରଞ୍ଜନ ନନ୍ଦ, ବସନ୍ତ କୁମାର, ସରୋଜ ସାହୁ ଉପସ୍ଥିତ ରହି ସ୍ୱାସ୍ଥ୍ୟ ଶିବିର କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ସାମାଜିକ କର୍ମୀ ଦାମୋଦର ସାହୁ, ବ୍ରଜେନ୍ଦ୍ର ପ୍ରସାଦ ଧଳ, ସୁନୀଲ ପାତ୍ର,ସେବା ସମିତି ସଦସ୍ୟ ଗୁଲସନ କୁମାର ଦାସ, ବିଭୁପ୍ରସାଦ ଦାଶ,ଗୋପାଳ ଚନ୍ଦ୍ର ସାହୁ, ରଞ୍ଜନ କୁମାର ବେହେରା, ରାଜେନ୍ଦ୍ର ଜେନା, ଅଂଶୁମାନ ସେଠୀ, କାହ୍ନା ସାହୁ, ସାଇଶ୍ରୀ ପୃଷ୍ଟି, ସଞ୍ଜୟ ସ୍ୱାଇଁ, ସିଦ୍ଧାନ୍ତ କୁମାର ପ୍ରଧାନ, ଆସିଫ ଖାନ, ମଧୁଶ୍ରୀ ମହାଖୁଡ଼, କଲ୍ୟାଣୀ ପରିଡା ପ୍ରମୁଖ ସାମିଲ ହୋଇଥିଲେ। ସେବା ଉତ୍ସବ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଆସନ୍ତା ୨୫ ତାରିଖରେ ଓଡ଼ଗାଁ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣରେ ଉଦ୍‌ଯାପନୀ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



ସେବା ଉତ୍ସବ କାର୍ଯକ୍ରମରେ ଯୋଗ ଦେଇଥିବା ଅନୁଷ୍ଠାନର କର୍ମକର୍ତ୍ତା।

# କୃଷ୍ଣ ଦ୍ୱୈପାୟନ ବେଦ ପାଠଶାଳାରେ ବ୍ୟାସଦେବଙ୍କ ଜୟନ୍ତୀ

ରଣପୁର,୨୧।୭(ସୁକାନ୍ତ କିଶୋର ଡାକୁଆ)



ବ୍ୟାସଦେବ ଜୟନ୍ତୀ ଉତ୍ସବରେ ଯୋଗ ଦେଇଥିବା ନିମନ୍ତ୍ରିତ ବ୍ୟକ୍ତିମାନେ।

ରବିବାର ଆଷାଢ ପୂର୍ଣ୍ଣିମା, ମହର୍ଷି ବ୍ୟାସଦେବଙ୍କ ଜୟନ୍ତୀ , ପବିତ୍ର ଗୁରୁ ପୂର୍ଣ୍ଣିମା। ଏହି ଅବସରରେ କୃଷ୍ଣ ଦ୍ୱୈପାୟନ ବେଦ ପାଠଶାଳା , ରଣପୁରରେ ବ୍ୟାସଦେବଙ୍କ ଜୟନ୍ତୀ ତଥା ବେଦ ପାଠଶାଳାର ୧୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କୃଷ୍ଣ ଦ୍ୱୈପାୟନ ବେଦ ପାଠଶାଳା ପରିସରରେ ଡ. ସତ୍ୟ ନାରାୟଣ ମିଶ୍ରଙ୍କ ପୌରୋହିତ୍ୟରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ସର୍ବ ପ୍ରଥମେ ଅତିଥିମାନଙ୍କ ଦ୍ୱାରା ଶ୍ରୀଜଗନ୍ନାଥଙ୍କୁ ପୁଷ୍ପମାଲ୍ୟ ଅର୍ପଣ ଓ ପୂଜାର୍ଚ୍ଚନା କରାଯାଇ ବିଦ୍ୟାର୍ଥୀ ଓ ଗୁରୁଜୀ ଜଗନ୍ନାଥ ମହାପାତ୍ର ଓ ଗୁରୁଜୀ ରାକେଶ କୁମାର ଆଚାର୍ଯ୍ୟଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ଅଷ୍ଟକମ, ବ୍ୟାସ ବନ୍ଦନା, ବେଦ ପାଠ କରାଯାଇଥିଲା। ପରେ ଅନୁଷ୍ଠାନର ସମ୍ପାଦକ ଅଶୋକ କୁମାର ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ସମ୍ଭାଷଣ କରିଥିଲେ। ଶୋଭା ସାମାଜିକ ଅନୁଷ୍ଠାନର ସମ୍ପାଦିକା ରଞ୍ଜୁବାଳା ନନ୍ଦ , ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟ ବକ୍ତା ସୁଧାକର ପଣ୍ଡା ମହର୍ଷି ବ୍ୟାସଙ୍କର ଜନ୍ମ ତିଥି ପାଳନର ତାତ୍ପର୍ଯ୍ୟ ଓ ଆବଶ୍ୟକତା, ବେଦ , ଅଷ୍ଟାଦଶ ପୁରାଣର ରଚନା, ସମସ୍ତ ସଂହିତାର ରଚନା, ବ୍ରହ୍ମସୂତ୍ର, ମୀମାଂସା, ମନ୍ତ୍ର ଦ୍ରଷ୍ଟା ରୂପେ ଜଗତେ ବିଦିତ ସମ୍ବନ୍ଧରେ ଆଲୋଚନା କରିଥିଲେ। ମହାଭାରତର ରଚନା , ଶ୍ରୀମଦ ଭାଗବତ , ଶ୍ରୀମଦ ଭଗବତ ଗୀତାର ରଚନା ଓ ସମାଜ ଉପରେ ଏହାର ପ୍ରଭାବ ବିଷୟରେ ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଓକିଲ ସୂର୍ଯ୍ୟକାନ୍ତ ମହାପାତ୍ର ବିଦ୍ୟାର୍ଥୀମାନଙ୍କୁ ଛୋଟ ଗପ ମାଧ୍ୟମରେ ବ୍ୟାସଦେବଙ୍କ ଗୁରୁଭକ୍ତି , ଗୁରୁ ପୂଜନ ଉପରେ ବିଷଦ ଭାବେ ବୁଝାଇଥିଲେ। ମୁଖ୍ୟ ଅତିଥି ରଣପୁର କଲେଜର ପ୍ରାକ୍ତନ ସଂସ୍କୃତ ବିଭାଗ ମୁଖ୍ୟ ପ୍ରମୋଦ କୁମାର ନନ୍ଦ ସତ୍ୟବତୀ-ପରାଶର ନନ୍ଦନ ଭଗବାନ ବ୍ୟାସଙ୍କର ଜନ୍ମ ବୃତ୍ତାନ୍ତ, ତାଙ୍କ ନାମ କୃଷ୍ଣ ଦ୍ୱୈପାୟନ ହେବାର ରହସ୍ୟ, ବେଦ ପରି ବୃହତ୍ ଗ୍ରନ୍ଥକୁ ଋଗ ବେଦ-ପୈଲ୍ୟ, ଯଜୁର୍ବେଦ -ଜୈମିନି , ସାମବେଦ- ବୈଶମ୍ପାୟନ ଓ ଅଥର୍ବ ବେଦ- ସୁମନ୍ତ ଆଦି ଋଷିମାନଙ୍କୁ ଯଥାକ୍ରମେ ଚାରୋଟି ଭାଗ ବା ବ୍ୟାସ କରି ସେମାନଙ୍କୁ ପ୍ରଚାର ପ୍ରସାର ପାଇଁ ଦାୟିତ୍ୱ ଦେଇଥିବାରୁ ମହର୍ଷି ବ୍ୟାସଙ୍କ ନାମ ବେଦବ୍ୟାସ ମଧ୍ୟ କୁହାଯାଏ ବୋଲି କହିଥିଲେ । କୃଷ୍ଣ ଦ୍ୱୈପାୟନ ବେଦ ପାଠଶାଳାର କୃତି ବିଦ୍ୟାର୍ଥୀମାନଙ୍କୁ ବିଭିନ୍ନ ପ୍ରତିଯୋଗିତା ପାଇଁ ପୁରସ୍କୃତ କରାଯାଇଥିଲା । ଶେଷରେ କୃଷ୍ଣ ଦ୍ୱୈପାୟନ ବେଦ ପାଠଶାଳାର ପରିଚାଳନା ସମିତିର ବରିଷ୍ଠ ସଦସ୍ୟ ବିଜୟ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ମୂଳ ଖରସ୍ରୋତା ଚିରସ୍ରୋତା ହେବା ଆଶା

## ବର୍ଷାଋତୁ ଆସିଲେ ମନେପଡ଼େ ମୂଳ ଖରସ୍ରୋତା ଦୁଃଖ

**ରସୁଲପୁର,୨୧।୭(ରଞ୍ଜିତ ରାଉତ):**



ମୂଳ ଖରସ୍ରୋତା ନଦୀ।

ରସୁଲପୁର ବ୍ଲକ୍ ଦେଇ ପ୍ରବାହିତ ମୂଳ ଖରସ୍ରୋତା ନଦୀ ମୃତ ଅବସ୍ଥାରେ ପଡ଼ିରହିଛି। ବନ୍ୟା ନିୟନ୍ତ୍ରଣ ଆଳରେ ଏକ ଜୀବନ୍ତ ନଦୀକୁ ମାରିଦେଇଛନ୍ତି କେତେଜଣ ରାଜନେତା ଓ ପ୍ରଶାସନିକ ଅଧିକାରୀ, ଯାହାକି ଅଞ୍ଚଳବାସୀଙ୍କ ମନରେ ଗଭୀର ଆଘାତ ଦେଇଛି। ବର୍ଷାଋତୁ ଆସିଲେ ମୂଳ ଖରସ୍ରୋତାକୁ ହତ୍ୟା କରିବାର ଦୁଃଖ ଅଞ୍ଚଳବାସୀଙ୍କ ମନେ ପଡ଼ିଯାଏ। ନଦୀ ଅଛି, ମାତ୍ର ସେଥିରେ ନଦୀବଢି ସମୟରେ ପାଣି ଆସୁନାହିଁ। ବର୍ଷସାରା ନଦୀଗର୍ଭ ଶୁଷ୍କ ହୋଇ ପଡ଼ିରହୁଛି। ଏହି ଦୁଃଖରେ ଭାଙ୍ଗି ପଡ଼ିଛନ୍ତି ୮ ପଞ୍ଚାୟତର ନଦୀକୂଳବାସୀ। ଉକ୍ତ ନଦୀକୁ ସଚଳ କରିବା ସହ ଉପର ମୁଣ୍ଡରେ ଏକ ସ୍ଲୁଇସ୍ ଗେଟ୍ ନିର୍ମାଣ କରି ପାଣି ଛାଡ଼ିଲେ ନଦୀ ପୁଣି ବଞ୍ଚିଉଠିବ। ନଦୀକୂଳବାସୀଙ୍କ ସେ ଦୁଃଖ ଦୂରେଇ ଯିବ ବୋଲି ୧୫ବର୍ଷ ଧରି ଦାବି କରିଆସୁଛନ୍ତି ଅଞ୍ଚଳବାସୀ। ଏହାଛଡ଼ା ମୂଳ ଖରସ୍ରୋତା ପୁନରୁଦ୍ଧାର ସମିତି ପକ୍ଷରୁ ଦୀର୍ଘବର୍ଷଧରି ନଦୀ ବଞ୍ଚାଅ ଆନ୍ଦୋଳନ କରାଯାଇ ଆସୁଛି। ହେଲେ ଫଳ କିଛି ମିଳୁନାହିଁ। ଏବେ ମୃତ ନଦୀକୁ ଚୀରସ୍ରୋତା କରିବା ପାଇଁ ସରକାରୀସ୍ତରରେ ପଦକ୍ଷେପ ନିଆଯିବ ବୋଲି ଆଶାବାଦୀ ଅଛନ୍ତି ସ୍ଥାନୀୟ ଜନସାଧାରଣ।

ସୂଚନା ମୁତାବକ, ରସୁଲପୁର ବ୍ଲକ୍ କୋରେଇ ନିର୍ବାଚନମଣ୍ଡଳୀର ଟିକରପଡ଼ାଠାରୁ ମୂଳ ଖରସ୍ରୋତା ବାହାରି ଜନବସତି ଅର୍ଥାତ ଧର୍ମଶାଳା ନିର୍ବାଚନମଣ୍ଡଳୀର ଶ୍ରୀବନ୍ତପୁର, ନଠୁଆବର, ରାହାମ୍ବା, ରସୁଲପୁର ଓ କୋରେଇ ନିର୍ବାଚନମଣ୍ଡଳୀର ବଡ଼କଇଞ୍ଚି, ଗନ୍ଧଣ, ଭୋଟକା ଆଦି ପଞ୍ଚାୟତ ଦେଇ ପ୍ରବାହିତ ହୋଇଛି। ୧୪କି.ମି. ଲମ୍ବର ଏହି ନଦୀରେ ବର୍ଷାଦିନରେ ବନ୍ୟାଜଳ ପ୍ରବାହିତ ହୋଇଆସୁଥିଲା। ହେଲେ ୧୫ବର୍ଷରୁ ଅଧିକ ହେବ ଆଉ ସେମିତି କିଛି ଘଟୁନାହିଁ। ବନ୍ୟା ଯୋଗୁ ବର୍ଷରେ ୨ମାସ ନଦୀକଳବାସୀଙ୍କୁ କଷ୍ଟ ଅନୁଭବ ହୋଇଥାଏ। ଅପରପକ୍ଷରେ ବନ୍ୟାଜଳ ଚାଷ ଜମିରେ ମାଡ଼ିଯିବାରୁ ଜମିର ଉର୍ବରତା ବଢ଼ି ଯାଏ ଓ ଭଲ ଫସଲ ଉତ୍ପାଦନ ହୋଇଥାଏ। ବର୍ଷସାରା ନଦୀରେ ଜଳଧାରା ଚାଲୁ ରହୁଥିବାରୁ ଭୂତଳ ଜଳସ୍ତରରେ ବୃଦ୍ଧି ଘଟିବା ସହ ଚାଷ ଜମିକୁ ଜଳସେଚନ ସୁବିଧା ମିଳିଥାଏ। ନଦୀକୂଳରେ ବସବାସ କରୁଥିବା ଧିବର ପରିବାରଙ୍କୁ ରୋଜଗାର ମିଳିଥାଏ। ଏହି ଭଳି ଅନେକ କାର୍ଯ୍ୟରେ ନଦୀ ସାହାଯ୍ୟ କରୁଥିଲା। ତେବେ ନଦୀ ମରିଯିବା ଦିନଠାରୁ ବର୍ଷାଦିନ ଆସିଲେ ପୁରୁଣା ଦିନର ସ୍ମୃତି ମନେ ପକାଉଛନ୍ତି ନଦୀକୂଳବାସୀ। ନଦୀରେ ବନ୍ୟା ନିୟନ୍ତ୍ରଣ ପାଇଁ ଉପରମୁଣ୍ଡରେ ବନ୍ଧ ବାନ୍ଧି ଦିଆଯାଇଛି। ହେଲେ ବନ୍ୟା ନୟନ୍ତ୍ରଣ ହେଉନାହିଁ। ବର୍ଷାଜଳ ନିଷ୍କାସନ ପାଇଁ ନଦୀ ତଳମୁଣ୍ଡରେ ନିର୍ମାଣ ହୋଇଥିବା ସ୍ଲୁଇସ୍ ଗେଟ୍ ନିର୍ମାଣରେ ତ୍ରୁଟି ଯୋଗୁ ବର୍ଷାଜଳ ପ୍ରବାହିତ ହୋଇପାରୁନାହିଁ ବରଂ ଏହି ବାଟଦେଇ ତଳମୁଣ୍ଡ ନଦୀଜଳ ମୃତ ନଦୀରେ ପ୍ରବେଶକରି ବନ୍ୟା ସୃଷ୍ଟି କରୁଛି। ତଳ ଆଡୁ ଆସୁଥିବା ଠେଲା ଓ ସ୍ରୋତବିହୀନ ପାଣିରେ ପଟୁମାଟି ଆସୁନାହିଁ। କେବଳ ଅଳିଆଆବର୍ଜନାରେ ନଦୀ ସହ ସଂଯୋଗ ହୋଇଥିବା ନାଳଗୁଡ଼ିକର ମୁହଁ ପୋତି ହୋଇପଡୁଛି। ବର୍ଷାଦିନ ଆସିଲେ ନଦୀକୁ ମାରିଦେବାର ଦୁଃଖରେ ଭାଙ୍ଗି ପଡୁଛନ୍ତି ଅଞ୍ଚଳବାସୀ। ତେବେ ଲୋକଙ୍କ ଦୁଃଖ ବୁଝିବାକୁ ସରକାର ଓ ଜନପ୍ରତିନିଧି କେବେ ଅଣ୍ଟାଭିଡୁଛନ୍ତି ଏବଂ କେବେ ନଦୀ ଚିରସ୍ରୋତାରେ ପରିଣତ ହେଉଛି ତା' ଉପରେ ସମସ୍ତଙ୍କର ନଜର ରହିଛି।

## ସଂକ୍ଷେପରେ

### ନୂତନ ଥାନା ଅଧିକାରୀଙ୍କ ଯୋଗଦାନ

**ବିଞ୍ଝାରପୁର,୨୧।୭(ରାମକୃଷ୍ଣ ଦାସ):** ବିଞ୍ଝାରପୁର ଥାନାରେ ରବିବାର ନୂତନ ଥାନା ଅଧିକାରୀ ଭାବେ ବାମଦେବ ନନ୍ଦ ଯୋଗ ଦେଇଛନ୍ତି। ଏଠାରେ ଥିବା ଥାନା ଅଧିକାରୀ ଅଂଶୁବାଳା ଦାସଙ୍କ ବ୍ରହ୍ମବରଦା ଥାନାକୁ ବଦଳି ହୋଇଛି। ନୂତନ ଅଧିକାରୀ ନନ୍ଦ ପୂର୍ବରୁ ଏହି ଜିଲାର ମଙ୍ଗଳପୁର, ସୁକିନ୍ଦା ଥାନାରେ କାର୍ଯ୍ୟରତ ଥିଲେ। ସେ ଥାନାରେ ଯୋଗଦେବାପରେ ଅଞ୍ଚଳବାସୀ ବେଶ ଖୁସିବ୍ୟକ୍ତ କରିଛନ୍ତି।

### ସଦାବ୍ରତ ମଠରେ ବ୍ୟାସପୂର୍ଣ୍ଣିମା, ଗୁରୁ ପୂଜନ

**ଯାଜପୁରରୋଡ୍,୨୧।୭(ପବିତ୍ର ରଞ୍ଜନ ମହାନ୍ତି)** ଭିକିପୁରସ୍ଥିତ ସଦାବ୍ରତ ମଠରେ ବ୍ୟାସ ପୂର୍ଣ୍ଣିମା ଓ ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ମଠର ମଠାଧିଶ ସୀତାରାମ ଦାସଙ୍କ ୭ମ ବ୍ରହ୍ମଲୀନ ଦିବସ ପାଳିତ ହୋଇଛି। ବହୁ ଶିଷ୍ୟ ଓ ଅନୁଗାମୀ ଯୋଗଦେଇ ଗୁରୁ ବନ୍ଦନା କରିଥିଲେ। ମଠର ଗୁରୁଜୀ ବାବଜୀ ଦିନଦୟାଲ ସରସ୍ୱତୀ ଏବଂ ପୁରୀ କରମଳାର ବାବାଜୀ ନୀଳାମ୍ବର ଦାସ ଓ ବାଙ୍କବିହାରୀ ମଠର ବାବାଜୀ ଜଗନ୍ନାଥ ଦାସଙ୍କୁ ଅନୁଗାମୀମାନେ ପୂଜା କରିଥିଲେ।

### ବାଲିପଡ଼ିଆରେ ସ୍ୱାସ୍ଥ୍ୟସେବା ଶିବିର

**ଚଣ୍ଡିଖୋଲ,୨୧।୭(ପ୍ରଦୀପ୍ତ କୁମାର ପୃଷ୍ଟି):** ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିପଡ଼ିଆ ପଞ୍ଚାୟତର ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ରବିବାର ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ହାଇଟେକ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ଡାକ୍ତର ଦେବାଶିଷ ଧଳ, ଡାକ୍ତର ଆର୍‌ଏସ ମୟୂରୀ, ଡାକ୍ତର ଅଂଶୁମାନ ଦାସ ପ୍ରମୁଖ ବିଭିନ୍ନ ବିଭାଗ ଡାକ୍ତର ଯୋଗଦେଇ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥିଲେ। ଏଥିରେ ୧୭୬ ଜଣ ରୋଗୀଙ୍କୁ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ବାଲିପଡ଼ିଆ ଗ୍ରାମର ଆଲୋକ ପ୍ରଧାନ, କୁଳମଣି ମହାନ୍ତି, ନରେନ୍ଦ୍ର କୁମାର ଜେନା, ବ୍ରଜକିଶୋର ପ୍ରଧାନ, ଅଶୋକ ସାମଲ, ପାର୍ଥସାରଥୀ ଓଝା, କାଳନ୍ଦୀ ମଲ୍ଲିକ ଓ ନାରାୟଣ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

### ଜେନାପୁର କଲେଜ କର୍ମଚାରୀଙ୍କ ବିୟୋଗ

**ଜେନାପୁର,୨୧।୭(ଅଶୋକ ଦାସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର କଲେଜରେ କାର୍ଯ୍ୟରତ ଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀ ସୁଶାନ୍ତ ସାହୁ(୫୫)ଙ୍କ ଶନିବାର ରାତିରେ ହୃଦ୍‌ଘାତରେ ଅକାଳ ବିୟୋଗ ହୋଇଛି। ତାଙ୍କ ବିୟୋଗରେ ରବିବାର ଜେନାପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ରତ୍ନାକର ନାୟକଙ୍କ ତତ୍ତ୍ୱାବଧାନରେ କଲେଜ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜର ଅଧାପିକା,ଅଧାପକ କାର୍ତ୍ତିକେଶ୍ୱର ଦାସ, ଚିନ୍ମୟୀ ନାୟକ, ମୋନାଲିସା ସାହୁ, ରାଜକିଶୋର ଚୌଧୁରୀ, ଅଶୋକ ବରାଳ, ସୁରେନ୍ଦ୍ର ଦ୍ୱିବେଦୀ, ରିତେଶ ବେହେରା ଓ କିରାଣି ଗୌରାଙ୍ଗ ଚରଣ ସାହୁଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ରହି ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ।

# ଧର୍ମଶାଳା ପ୍ରେସ୍ କ୍ଲବ, ଜାରକା ରୋଟାରି କ୍ଲବ ପକ୍ଷରୁ ସଫେଇ

**ଧର୍ମଶାଳା,୨୧।୭(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ପ୍ରେସ୍ କ୍ଲବ ଓ ଜାରକା ରୋଟାରି କ୍ଲବ୍ ପକ୍ଷରୁ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରେସ୍‌କ୍ଲବର ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀଙ୍କ ତତ୍ତ୍ୱାବଧାନରେ ପ୍ରେସ୍‌କ୍ଲବର ସଦସ୍ୟ ଓ ରୋଟାରି କ୍ଲବର ସଦସ୍ୟମାନେ ଏକତ୍ରିତ ହୋଇ ପ୍ରେସ୍ କ୍ଲବ ସମ୍ମୁଖ ରାସ୍ତା ଓ କ୍ଲବ ପରିସରରେ ଥିବା ଅଳିଆ ଆବର୍ଜନାକୁ ସଫେଇ କରିଛନ୍ତି। ରୋଟାରି କ୍ଲବ ପକ୍ଷରୁ ପ୍ରଦୀପ ବରାଳ, ପରମାନନ୍ଦ ସାମଲ, ପ୍ରଶାନ୍ତ କୁମାର ପୃଷ୍ଟି, ପ୍ରେସ୍‌କ୍ଲବର ସଦସ୍ୟ ଅଖିଳ ସ୍ୱାଇଁ, ମାନସ ରଞ୍ଜନ ଜେନା, ସୁବ୍ରତ ଜେନା, କିଶୋର ରାଉତ, ଗିରିଧାରୀ ବେହେରା ଓ ସାମାଜିକ କର୍ମୀ ପ୍ରସନ୍ନ ପ୍ରଧାନ ପ୍ରମୁଖ ଏଥିରେ ସାମିଲ ହୋଇ ସଫେଇ କାର୍ଯ୍ୟରେ ସହଯୋଗ କରିଥିଲେ।



ଧର୍ମଶାଳା ପ୍ରେସ୍ କ୍ଲବ ଓ ଜାରକା ରୋଟାରି କ୍ଲବ୍‌ର କର୍ମକର୍ତ୍ତା ସଫେଇ କରୁଛନ୍ତି।

# ହାଇଟେକ୍ କଲେଜରେ ନବାଗତଙ୍କୁ ସ୍ୱାଗତ ସମ୍ମାନ



ସ୍ୱାଗତ ସମ୍ମାନ ଉତ୍ସବରେ ଯୋଗଦେଇଥିବା ଅତିଥି।

**ରସୁଲପୁର,୨୧।୭(ରଂଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାରସ୍ଥିତ ହାଇଟେକ୍ ଆବାସିକ କଲେଜରେ ରବିବାର ଗୁରୁପୂର୍ଣ୍ଣିମା ଅବସରରେ ନବାଗତମାନଙ୍କୁ ସ୍ୱାଗତ ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ନିର୍ଦ୍ଦେଶକ ଡ. ସନ୍ତୋଷ ଚୌଧୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୁରୁ ଓ ବିଦ୍ୟାର୍ଥୀଙ୍କ ମଧ୍ୟରେ ସମ୍ପର୍କର ପରମ୍ପରାକୁ ମନେ ପକାଯାଇଛି। ପ୍ରତ୍ୟେକ ଛତ୍ରୀଛାତ୍ର ନିଜ ଲକ୍ଷ୍ୟ ପଛରେ ନିଷ୍ଠାପର ସହ ଦୌଡିଲେ ଲକ୍ଷ୍ୟ ପଥରେ ପହଞ୍ଚି ପାରିବେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି।

ଏଠାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରା, ମୁଖ୍ୟବକ୍ତା ଭାବରେ ନିଳାଞ୍ଚଳ ଇସ୍ପାତର ପରିଚାଳକ ବରୁଣ ବାନଛୋର, ସମ୍ମାନିତ ଅତିଥି ଭାବରେ ପ୍ରାଧାପକ ଡ. ବିଜୁଳି ଚରଣ ସୂତାର, କପିଳ ଚରଣ ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କଲେଜର ଡିନ୍ ଡ. ଅଲେଖ ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧକ୍ଷ ସନ୍ଦୀପ ବିଶ୍ୱାଳ ସ୍ୱାଗତ ଭାଷଣ ଓ କଲେଜର ସଫଳତା ଏବଂ ଅଭିଭାବମାନଙ୍କ ସହଯୋଗ କାମନା କରିଥିଲେ। କଲେଜ ପକ୍ଷରୁ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତାଙ୍କୁ ସମ୍ମାନିତ କରାଯାଇଥିଲା। ଚଳିତବର୍ଷ ଯୁକ୍ତଦୁଇ ପରୀକ୍ଷାରେ ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ଛାତ୍ର ପ୍ରିୟରଞ୍ଜନ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। କୃତୀ ଛାତ୍ର ଓ ଅଭିଭାବକଙ୍କୁ ମଞ୍ଚରେ ସମ୍ମାନିତ କରାଯିବା ସହ ପୁରସ୍କାର ସ୍ୱରୂପ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। ସନ୍ଧ୍ୟାରେ କଲେଜର ବିଦ୍ୟାର୍ଥୀମାନଙ୍କ ଦ୍ୱାରା ନୃତ୍ୟ, ସଂଗୀତ, ଏକକ ଅଭିନୟ ଓ ନାଟକ ପରିବେଷଣ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ କଲେଜର ଅଧାପିକାଅଧାପକମାନେ ସହଯୋଗ କରିଥିଲେ। ଅଧାପିକା ପୂର୍ଣ୍ଣିମା ସାହୁ ଧନ୍ୟବାଦ ଦେଇଥିଲେ।

# ନାରୀ ସମାଜର ମେରୁଦଣ୍ଡ: ବିଧାୟକ



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା ବ୍ୟକ୍ତିବିଶେଷ।

**ଯାଜପୁରରୋଡ୍,୨୧।୭(ପବିତ୍ର ରଞ୍ଜନ ମହାନ୍ତି):**

## କଳିଙ୍ଗନଗର ବୁଲେଟିନ ପକ୍ଷରୁ ଆଲୋଚନାଚକ୍ର

କଳିଙ୍ଗନଗର ବୁଲେଟିନ ପକ୍ଷରୁ 'ପ୍ରଗତିଶୀଳ ନାରୀ ଓ ସମ୍ଭାବନା ଶୀର୍ଷକ' ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବ୍ୟାସନଗରସ୍ଥିତ କେଏନ୍‌ଡିଏ ସେଲିବ୍ରେସନ ମଣ୍ଡପଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବୁଲେଟିନର ସମ୍ପାଦକ ହାରାଧନ ବାନାର୍ଜୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ନାରୀମାନେ ସମାଜର ମେରୁଦଣ୍ଡ, ପ୍ରତ୍ୟେକ କ୍ଷେତ୍ରରେ ନାରୀମାନଙ୍କ ଭୂମିକା ଅତୁଳନୀୟ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ କଳିଙ୍ଗନଗର ଅତିରକ୍ତ ଜିଲାପାଳ ଲଙ୍କେଶ୍ୱର ଅମାତ ଯୋଗଦେଇ ନାରୀଙ୍କୁ ସ୍ୱାଧୀନତା ଓ ପ୍ରୋତ୍ସାହନ ମିଳିଲେ ପ୍ରଗତିଶୀଳ ସମାଜ ଗଢିବା ସମ୍ଭବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧାପିକା ଝରଣା ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରାଧାପିକା ରାଧାରାଣୀ ମହାପାତ୍ର, ପୂର୍ବତନ ନଗରପାଳ ରସାନନ୍ଦ ମହାନ୍ତି ଯୋଗଦେଇ ସୁସ୍ଥ ସମାଜ ଗଠନରେ ନାରୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ।

ବୁଲେଟିନର ସହଯୋଗୀ ସମ୍ପାଦକ ଶରତ ପଥାଳ ଅତିଥିଙ୍କୁ ନିମନ୍ତ୍ରଣ କରିଥିବାବେଳେ, ସହସମ୍ପାଦକ ରବିନାରାୟଣ କର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଟାଟା ଷ୍ଟିଲର ଆଞ୍ଚଳିକ ପ୍ରବନ୍ଧକ ଆଶିଷ ଆଚାର୍ଯ୍ୟ, ଶ୍ରେଷ୍ଠ ଛାତ୍ରଭାବେ ବାଣିଜ୍ୟ ସ୍ନାତକର ଧ୍ରୁବ୍ ମସ୍କରା ଓ ଶ୍ରେଷ୍ଠ ଦମ୍ପତି ଭାବେ ଓମ୍‌ପ୍ରକାଶ ସ୍ୱାଇଁ ଏବଂ ରଞ୍ଜିତା ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଚିକିତ୍ସକ ଗୌରୀ ଶଙ୍କର ଷଡ଼ଙ୍ଗୀ, ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡା, ନବ ଉତ୍କଳ ମହିଳା ସମିତି ସମ୍ପାଦିକା ଡ. ଜୟନ୍ତୀ ଜେନା, ଭାଗିରଥି ଆଚାର୍ଯ୍ୟ, ଶିଶିର ରାଉତ, ସିପିଏମ୍ ନେତା ପ୍ରଫୁଲ୍ଲ ନାୟକ, ଖବରଦାତା ପୀତବାସ ଭୂୟାଁ, ଦାମୋଦର ପଣ୍ଡା, ମହେଶ୍ୱର ନାୟକ, ନାରୀନେତ୍ରୀ ଅମୂଲୀ ପହି ଓ କୁନି ଓଝା ପ୍ରମୁଖ ସହରର ବହୁ ବୁଦ୍ଧିଜୀବୀ ଏଥିରେ ଯୋଗଦେଇଥିଲେ। ଖବରଦାତା ମଦନ ପାଣି ଧନ୍ୟବାଦ ଦେଇଥିଲେ।

# ଦିବ୍ୟାଙ୍ଗ ଉପକରଣ ବଣ୍ଟନ ପାଇଁ ହିତାଧିକାରୀ ଚୟନ

**ବିଞ୍ଝାରପୁର,୨୧।୭(ରାମକୃଷ୍ଣ ଦାସ):**

ଦିବ୍ୟାଙ୍ଗମାନଙ୍କୁ ଆବଶ୍ୟକ ସହାୟକ ଉପକରଣ ଯଥା ଘୂର୍ଣ୍ଣନ ଚୌକି, ଶ୍ରବଣ ଯନ୍ତ୍ର, କୃତ୍ରିମ ଅଙ୍ଗ, ଆଶାବାଡି ଏବଂ ସ୍ମାର୍ଟ ଫୋନ ଯୋଗାଣ ନିମନ୍ତେ ହିତାଧିକାରୀ ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଅଲିମକୋ ଓ ଜିଲା ସାମାଜିକ ସୁରକ୍ଷା ବିଭାଗ ମିଳିତ ସହଯୋଗରେ ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ ରଞ୍ଜିତା କୁମାରୀ ଦାସ, ଅନ୍ୟତମ ଅତିଥି ଭାବେ ଉପାଧକ୍ଷ ସେକ ଇର୍ସାଦ, ବିଡିଓ ଦିବ୍ୟେନ୍ଦୁ ଦାସ ଓ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଧର୍ମେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ଅଧକ୍ଷା ଦାସ ନିଜ ବକ୍ତବ୍ୟରେ ଭିନ୍ନକ୍ଷମମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସମସ୍ତଙ୍କ ପ୍ରଚେଷ୍ଟାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ସାହୁ କାର୍ଯ୍ୟକ୍ରମ ଆୟୋଜନ ସଂପର୍କରେ ବିବରଣୀ ପ୍ରଦାନ କରିଥିଲେ। ଏଥିରେ ବ୍ଲକ୍‌ର ୧୭୯ ଦିବ୍ୟାଙ୍ଗଙ୍କୁ ଉପକରଣ ପ୍ରଦାନ କରାଯିବା ପାଇଁ ଚିହ୍ନଟ କରାଯାଇଛି।

# 'ବ୍ରଜସୁନ୍ଦରଙ୍କ ଅବଦାନ ଅବିସ୍ମରଣୀୟ'



ଓଡ଼ିଶାର ଅନ୍ୟତମ ବରପୁତ୍ର ଉତ୍କଳ ପ୍ରାଣ ବ୍ରଜସୁନ୍ଦର ଦାସଙ୍କ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି।

**ବିଞ୍ଝାରପୁର,୨୧।୭(ରାମକୃଷ୍ଣ ଦାସ):**

ଓଡ଼ିଶାର ଅନ୍ୟତମ ବରପୁତ୍ର ଉତ୍କଳ ପ୍ରାଣ ବ୍ରଜସୁନ୍ଦର ଦାସଙ୍କ ଜୟନ୍ତୀ ଉତ୍ସବ ବିଞ୍ଝାରପୁର ବ୍ଲକ ସୟଦପୁରସ୍ଥିତ ବ୍ରଜସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ପ୍ରାଣ ବ୍ରଜ ସୁନ୍ଦର ସ୍ମୃତି ସଂସଦ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନ ସଭାପତି ପୀତାମ୍ବର ସ୍ୱାଇଁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧାପକ ଡ. ହରିଶଚନ୍ଦ୍ର ପଣ୍ଡା, ବିଶିଷ୍ଟ ଅତିଥିଭାବେ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ରାୟ ଏବଂ ମୁଖ୍ୟବକ୍ତା ଭାବେ ପ୍ରାଧାପକ ଦାମୋଦର ବେହେରା ଯୋଗଦେଇ ବ୍ରଜସୁନ୍ଦରଙ୍କ ଓଡ଼ିଶା ପ୍ରତି ତଥା ଓଡ଼ିଆ ଭାଷା ପ୍ରତି ଥିବା ଅବଦାନକୁ ମନେ ପକାଇବା ସହିତ ତାଙ୍କ ବିରତ୍ୱକୁ ପ୍ରଶଂସା କରିଥିଲେ। ସେ ଓଡ଼ିଆଙ୍କ ପାଇଁ ଯାହା ସବୁ କରିଯାଇଛନ୍ତି, ତାହା ଅବିସ୍ମରଣୀୟ ହୋଇରହିଛି। କିନ୍ତୁ ଆଜି ଏ ଓଡ଼ିଆ ଜାତି ତାଙ୍କୁ ଭୁଲି ଯାଉଛି। ଅର୍ଥାତ ଉତ୍କଳ ପ୍ରାଣଙ୍କୁ ଉପେକ୍ଷିତ କରାଯାଉଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଉତ୍କଳପ୍ରାଣ, ସମ୍ମାନରେ ରାଧା ରମଣ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମେ ବ୍ରଜ ସୁନ୍ଦରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଅନୁଷ୍ଠାନ ସମ୍ପାଦକ ମଧୁସୂଦନ ଜେନା ଅତିଥି ପରିଚୟ ପ୍ରଦାନ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ଟିଙ୍କିଲତା ବେହେରା, ପୂର୍ବତନ ଏମ୍‌ପି ଅଞ୍ଚଳ ଦାସ, ମନୋରଞ୍ଜନ ନାଥ, ଶ୍ରୀକାନ୍ତ ପ୍ରଧାନ, ରବି ଶତପଥୀ, ସୁବୋଧ ଧଳ, ଭୁବନାନନ୍ଦ ସାମଲ, ପ୍ରଦୀପ ମଲ୍ଲିକ, ଘନଶ୍ୟାମ ସାମଲ, କିରଣ ଜେନା ଓ ବାବାଜୀ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

# ୩ ପର୍ଯ୍ୟଟନ ଅଭ୍ୟର୍ଥନା କେନ୍ଦ୍ରର ନବୀକରଣ ଆରମ୍ଭ

- ଖର୍ଚ୍ଚ କରାଯିବ ୯ କୋଟି
- ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ

**ଚଣ୍ଡିଖୋଲ,୨୧।୭ (ପ୍ରଦୀପ୍ତ କୁମାର ପୃଷ୍ଟି):**

ଓଡ଼ିଶାର ପ୍ରମୁଖ ବୌଦ୍ଧ କୀର୍ତ୍ତିରାଜିପୂର୍ଣ୍ଣ ପର୍ଯ୍ୟଟନସ୍ଥଳୀ ଭାବରେ ମାନ୍ୟତା ଲାଭ କରିଛି ହୀରକ ତ୍ରିଭୁଜ। ଏହା ଅଧିନରେ ରହିଛି ରତ୍ନଗିରି, ଉଦୟଗିରି ଓ ଲଳିତଗିରି। ଏବେ ଯାଜପୁର ଜିଲାର ଆଉ ୨ ବୌଦ୍ଧ ପୀଠ ଲାଙ୍ଗୁଡ଼ି ଓ କାଏମା ଏଥିରେ ଯୋଡ଼ି ହୋଇଛି। ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହି ବୌଦ୍ଧ ପୀଠ ନିକଟରେ ଥିବା ପର୍ଯ୍ୟଟନ ଅଭ୍ୟର୍ଥନା କେନ୍ଦ୍ରଗୁଡ଼ିକର ନବୀକରଣ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିପାଇଁ ୯ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ପର୍ଯ୍ୟଟନ ବିଭାଗ ଉପନିର୍ଦ୍ଦେଶକ ହିମାଳୟ ତ୍ରିପାଠୀ ସୂଚନା ଦେଇଛନ୍ତି।



ପର୍ଯ୍ୟଟନ ଅଭ୍ୟର୍ଥନା କେନ୍ଦ୍ର।

ରତ୍ନଗିରି ଅଭ୍ୟର୍ଥନା କେନ୍ଦ୍ର ପାଇଁ ୪ କୋଟି ୫୭ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇ ଥିବାବେଳେ ଉଦୟଗିରି ପାଇଁ ୧ କୋଟି ୭୫ ଓ ଲାଙ୍ଗୁଡ଼ି ପର୍ଯ୍ୟଟନ ଅଭ୍ୟର୍ଥନା କେନ୍ଦ୍ର ଲାଗି ୨ କୋଟି ୬୨ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି।

ମାତ୍ର ଏବେ ନବୀକରଣ ନାମରେ କେବଳ ଟାଇଲ ପକାଇ ରଙ୍ଗ ବୋଳି ଠିକା ସଂସ୍ଥା କାର୍ଯ୍ୟ ସାରି ଦେବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ଏପରିକି ବିଭାଗୀୟ ଅଧିକାରୀ ଉପସ୍ଥିତ ରହୁ ନ ଥିବା ଯୋଗୁ କାର୍ଯ୍ୟ ନିମ୍ନମାନର ହେଉଥିବା ଉଦୟଗିରି ବୁଦ୍ଧ ମହୋତ୍ସବ ସମିତି ଅଭିଯୋଗ କରିଛି। ବୌଦ୍ଧ କୀର୍ତ୍ତିରାଜିରେ ପରିପୂର୍ଣ୍ଣ ରତ୍ନଗିରିକୁ ଏଏସ୍‌ଆଇ ପକ୍ଷରୁ ୧୯୬୨ରେ ଖନନ କରାଯାଇ ବହୁ ପ୍ରାଚୀନ ବୌଦ୍ଧ କୀର୍ତ୍ତିରାଜି ଆବିଷ୍କୃତ କରାଯାଇଛି। ସେହିପରି ଉଦୟଗିରିକୁ ୧୯୮୫ରେ ଖନନ କରାଯାଇଥିବାବେଳେ ଲାଙ୍ଗୁଡ଼ିକୁ ୧୯୯୬ରେ ଖନନ କରାଯାଇ ଅନେକ କୀର୍ତ୍ତିରାଜି ଆବିଷ୍କାର କରାଯାଇଛି। ଖ୍ରୀଷ୍ଟୀୟ ୭ମ ଶତାବ୍ଦୀରୁ ଆରମ୍ଭ କରି ୧୧ଶ ଶତାବ୍ଦୀ ପର୍ଯ୍ୟନ୍ତ ବହୁ ପ୍ରାଚୀନ କୀର୍ତ୍ତିରାଜି ଏଠାରୁ ମିଳିଛି। ପର୍ଯ୍ୟଟକମାନଙ୍କ ପାଇଁ ମ୍ୟୁଜିୟମରେ ଏହା ସ୍ଥାନିତ ହୋଇଛି। ତେଣୁ ପର୍ଯ୍ୟଟକଙ୍କ ସୁବିଧା ନିମନ୍ତେ ଏହାର ଉନ୍ନତୀକରଣର ଆବଶ୍ୟକତା ରହିଛି। କାର୍ଯ୍ୟ ନିମ୍ନମାନ ସମ୍ପର୍କରେ ପର୍ଯ୍ୟଟନ ବିଭାଗ ଉପନିର୍ଦ୍ଦେଶକ ତ୍ରିପାଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହିତ ଆଲୋଚନା କରି କାର୍ଯ୍ୟ ତଦାରଖ ପାଇଁ ପଠାଇବି।

# ସରକାରୀ ହସ୍ପିଟାଲରେ ଡାକ୍ତର ଅଭାବ

- ନକଲି ଡାକ୍ତରଙ୍କ ପ୍ରାଦୁର୍ଭାବ
- ରୋଗୀ ମୌଳିକ ସୁବିଧାରୁ ବଞ୍ଚିତ



ପଟ୍ଟାମୁଣ୍ଡାଇ, ୨୧।୭ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳର ଲୋକେ ଗୁଣାତ୍ମକ ଚିକିତ୍ସା ସେବା ପାଇ ପାରୁନାହାନ୍ତି। ବିଶେଷକରି ସରକାରୀ ହସ୍ପିଟାଲରେ ଡାକ୍ତର ଅଭାବ ଥିବା ଯୋଗୁ ଗ୍ରାମାଞ୍ଚଳର ନିରୀହ, ନିରକ୍ଷର, ଗରିବ ରୋଗୀମାନେ ଏହି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏହି ଅଭାବ ମଧ୍ୟରେ ନକଲି ଡାକ୍ତରଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବା ସହ ନକଲି ଔଷଧ ଓ ନକଲି ସ୍ୱାସ୍ଥ୍ୟ କର୍ମଚାରୀ, ଦଲାଲଙ୍କ ଦୌରାତ୍ମ୍ୟ ଏହି ସମସ୍ୟାକୁ ଆହୁରି ଦ୍ୱିଗୁଣିତ କରିଦେଇଛି। ନକଲି ଡାକ୍ତର ଦେଉଥିବା ଔଷଧ ରୋଗରୁ ଉପଶମ ନ ହୋଇ ପାର୍ଶ୍ୱ ପ୍ରତିକ୍ରିୟାରେ ମୃତ୍ୟୁ ମଧ୍ୟ ଘଟୁଛି। ୨୦୨୩ ଜୁଲାଇ ୧୫ରେ ଏମିତି ଜଣେ ନକଲି ଡାକ୍ତରଙ୍କଠାରୁ ଔଷଧ ଖାଇ ରାଜନଗର ବିଲିକଣା ଶାସନର ଅଷ୍ଟମ ଶ୍ରେଣୀ ଛାତ୍ର ସୁବ୍ରତ କୁମାର ବାରିକଙ୍କ ମୃତ୍ୟୁ ଘଟିଥିଲା। ଘଟଣା ପରେ ସ୍ଥାନୀୟ ପ୍ରଶାସନ କ୍ଲିନିକ୍ ବନ୍ଦ କରି ଚୁପ ହୋଇ ବସି ପଡିଥିଲା। ପରେ ଚଳିତ ମାସ ୧୮ ତାରିଖରେ ପଟ୍ଟାମୁଣ୍ଡାଇରେ ଥିବା ଏକ ବେଆଇନ ପାଥୋଲାବ୍‌କୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ବୈଧ ଡିଗ୍ରୀ ଓ ପ୍ରମାଣପତ୍ର ନ ଥାଇ ଜଣେ ବ୍ୟକ୍ତି ନିଜକୁ ଡାକ୍ତର ବୋଲି ଦର୍ଶାଇ ରୋଗୀଙ୍କୁ ଠକିବା ନାଗରିକ ସୁରକ୍ଷା ସଂହିତାରେ ଏହା ଏକ ଅପରାଧ। ଏଭଳି ସମସ୍ୟାକୁ ଦେଖି ନ ଦେଖିବା ପରି ସେମାନଙ୍କୁ ପ୍ରଶ୍ରୟ ଦେଉଥିବା ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଉଦାସୀନତା ତା'ଠାରୁ ଅଧିକ ଦୁର୍ଭାଗ୍ୟଜନକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଏ ସମ୍ପର୍କରେ ଶିକ୍ଷାବିତ୍ ପ୍ରେମାନନ୍ଦ ପଣ୍ଡା କହିଛନ୍ତି, ନକଲି ଡାକ୍ତରଙ୍କ ଯୋଗୁ ରାଜ୍ୟରେ ନିରୀହ ଲୋକ ଯେପରି ହଇରାଣ ନ ହୁଅନ୍ତି ସେନେଇ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ଦାଏର ଜନସ୍ୱାର୍ଥ ମାମଲାର ଶୁଣାଣି ସରିଛି। ଗୋଟିଏ କମିଟି ଗଢ଼ାଯାଇ ତାହାର ସଦସ୍ୟମାନେ ଛଦ୍ମବେଶରେ ଗାଁରୁ ସହର ବୁଲି ନକଲି ଡାକ୍ତରଙ୍କୁ ଧରିବାକୁ ପଡ଼ିବ। ଅଧିକାଂଶ ହୋମିଓପାଥି ଓ ଆୟୁର୍ବେଦ ଡାକ୍ତର ଏଲୋପାଥିକ ଚିକିତ୍ସା କରି ରୋଗୀଙ୍କୁ ଠକୁଛନ୍ତି। ବହୁ ଔଷଧ ଦୋକାନୀ, ସ୍ୱାସ୍ଥ୍ୟକର୍ମୀ, ଫାର୍ମାସିଷ୍ଟ ମଧ୍ୟ ରୋଗୀ ଚିକିତ୍ସା କରୁଛନ୍ତି। କେତେଜଣ ଡାକ୍ତର ନିଜ ଯୋଗ୍ୟତାକୁ ମିଥ୍ୟାରେ ବଢ଼େଇ ଲେଖୁଛନ୍ତି। ନକଲିଙ୍କୁ ଧରାଇବାକୁ ଉଦ୍ୟମ କରୁଥିବା ବ୍ୟକ୍ତିବିଶେଷ ଓ ଅନୁଷ୍ଠାନକୁ ସରକାର ସହଯୋଗ କରୁ ନ ଥିବା ଅଭିଯୋଗ ହେଉଛି। ଏପରି କି ସୂଚନାଦାତା ଆକ୍ରୋଶର ଶିକାର ହେଉଥିବା ଦେଖିବାକୁ ମିଳୁଛି। ସ୍ୱାସ୍ଥ୍ୟସେବା ବ୍ୟବସାୟିକ ନୁହେଁ, ଏହା ଏକ ପବିତ୍ର କାର୍ଯ୍ୟ। ଏହା ସବୁସ୍ତରରେ ଉପଲବ୍ଧି ହେଲେ ନକଲି ଡାକ୍ତର ଓ ନକଲି ଔଷଧ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ। ଆଇନଜୀବୀ ଭବାନୀ ଶଙ୍କର ପଣ୍ଡା କହିଛନ୍ତି, ରାଜ୍ୟର ବିଭିନ୍ନ ସ୍ଥାନରେ ନିଜକୁ ଡାକ୍ତର ବୋଲାଇ କ୍ୱାକ୍ ଓ କେତେଜଣ ବିନା ଡିଗ୍ରିଧାରୀ ବ୍ୟକ୍ତି ଉଭୟ ଏଲୋପାଥି ଓ ହୋମିଓପାଥି ଚିକିତ୍ସା ଚଳାଇ ଆସୁଛନ୍ତି। ନକଲି ଡାକ୍ତରଙ୍କ ଚିହ୍ନଟ ପାଇଁ ସବୁ ଡାକ୍ତରଙ୍କ ଅନ୍‌ଲାଇନ ଡାଟାବେସ୍ ପ୍ରସ୍ତୁତ କରାଯିବାର ଆବଶ୍ୟକତା ରହିଛି। ଅନ୍‌ଲାଇନ ଡାଟା ବେସ୍‌ରେ ଉପଲବ୍ଧ ତଥ୍ୟକୁ ସାଧାରଣ ଲୋକ ଦେଖି ଡାକ୍ତରୀ ପେସାରେ ଥିବା ବ୍ୟକ୍ତିଙ୍କ ସତ୍ୟାସତ୍ୟ ଯାଞ୍ଚ କରିପାରିବେ। ସେହିଭଳି ପୂର୍ବରୁ ନକଲି ଡାକ୍ତରଙ୍କୁ ଚିହ୍ନଟ କରିବାକୁ କ'ଣ କୌଶଳ ରହିଛି ଓ ରାଜ୍ୟରେ ଏପରି କିଛି ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି କି ନାହିଁ ସେ ନେଇ ଅବଗତ କରିବାକୁ ଅତୀତରେ ଓଡ଼ିଶା ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସାମାଜିକ କର୍ମୀ ପ୍ରବୀର ନାୟକ କହିଛନ୍ତି, ଗ୍ରାମାଞ୍ଚଳରେ ରୋଗୀମାନେ ସଚେତନତା ଅଭାବରୁ ନକଲି ଡାକ୍ତରଙ୍କ ପରାମର୍ଶ ନେଉଛନ୍ତି। ସରକାରଙ୍କ ପକ୍ଷରୁ ପ୍ରତି ଗ୍ରାମରେ ଆଶା, ଅଙ୍ଗନୱାଡି, ଏଏନ୍‌ଏମ୍ ଓ ମହିଳା ସଙ୍ଗଠନ ନିଯୁକ୍ତ ହୋଇଥିଲେ ମଧ୍ୟ ଏମାନଙ୍କ ନଜର ଏହି ନକଲି ଡାକ୍ତରଙ୍କ ଉପରେ ପଡୁନାହିଁ କାହିଁକି ବୋଲି ପ୍ରଶ୍ନ ଉଠୁଛି। ଏମାନେ ଜାଣୁଛନ୍ତି ଯେ ଗାଁ ଗହଳିରେ ନକଲି ଡାକ୍ତର ରୋଗୀଙ୍କୁ ଚିକିତ୍ସା କରୁଛନ୍ତି। ତେବେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କାହିଁକି କରୁନାହାନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ ଉଠାଉଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡା. ଅନିତା ପଟ୍ଟନାୟକଙ୍କୁ ପଚାରିବାରେ ଜିଲାର ସମସ୍ତ ଅଞ୍ଚଳରେ ଜନସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଲୋକେ ସଚେତନ ହେବା ଆବଶ୍ୟକ ବୋଲି ସେ କହିଛନ୍ତି।

# ଖରିଫ ଧାନ ମଣ୍ଡିରେ ବିକ୍ରି ପାଇଁ ଫର୍ମ ବିତରଣ



ଖରିଫ ଧାନ ବିକ୍ରି କରିବା ଲାଗି ଚାଷୀଙ୍କ ପଞ୍ଜୀକରଣ ଲାଗି ଫର୍ମ ଦିଆଯାଉଛି।

ରାଜନଗର, ୨୧।୭ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ବାଲିସାହିପାଟଣା ପ୍ରାଥମିକ କୃଷି ସମବାୟ ସମିତି ଅଧୀନ ମଣ୍ଡିରେ ଆଗାମୀ ଖରିଫ ଧାନ ୨୦୨୪-୨୫ ବର୍ଷ ବିକ୍ରି ପାଇଁ ଚାଷୀଙ୍କୁ ପଞ୍ଜୀକରଣ ଫର୍ମ ବିତରଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାଷୀମାନଙ୍କୁ ଫର୍ମ ବିତରଣ କରିଛନ୍ତି। ଏ ସମ୍ପର୍କରେ ସମିତିର ସମ୍ପାଦକ ଅମର କୁମାର ବଳ ସୂଚନା ଦେଇଛନ୍ତି, ଚଳିତମାସ ୧୫ରୁ ୩୧ ତାରିଖ ପର୍ଯ୍ୟନ୍ତ ଏହି ଫର୍ମ ଚାଷୀମାନଙ୍କୁ ପ୍ରଦାନ କରାଯିବ। ଚାଷୀମାନେ ଅଗଷ୍ଟ ୧୬ ତାରିଖ ସୁଦ୍ଧା ଫର୍ମ ସହିତ ଆଧାର କାର୍ଡ, ବ୍ୟାଙ୍କ ପାସ୍ ବୁକ, ଜମିର ପଟ୍ଟା ପରି ଆବଶ୍ୟକ କାଗଜପତ୍ର ଅବିକଳ ନକଲ ସମିତିରେ ଦାଖଲ କରିବା ପାଇଁ ସମୟ ନିର୍ଦ୍ଧାରିତ ହୋଇଛି। ଚଳିତଥର ଖରଫ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ସରକାର ୩୧୦୦ ଟଙ୍କା ଧାର୍ଯ୍ୟ କରିଛନ୍ତି। ଏହି ପ୍ରାଥମିକ ସମିତି ଅଧୀନ କେରେଡାଗଡ, ରାଜପୁର, ବାଲିସାହିପାଟଣା ପଞ୍ଚାୟତର ଚାଷୀମାନେ ଆଗ୍ରହ ଅଧିକ ପ୍ରକାଶ ପାଇଛି। ଏହି କାର୍ଯ୍ୟକ୍ରମରେ ସେବା ସମବାୟ ସମିତିର ସଭାପତି ବଂଶୀଧର ବରାଳ, ନିର୍ଦ୍ଦେଶକ ନବ କିଶୋର ପାତ୍ର, ସଚ୍ଚିଦାନନ୍ଦ ବଳ, ବୈକୁଣ୍ଠ ପରିଡା, ମୃତ୍ୟୁଞ୍ଜୟ ମିଶ୍ର, ଦୁର୍ଯ୍ୟୋଧନ ରାଉତ, କୈଳାସ ଜେନା, ନରହରି ମଲିକ, ସର୍ବେଶ୍ୱର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ରାଜନଗର ପ୍ରାଥମିକ କୃଷି ସେବା ସମବାୟ ସମିତି, ନୋଧାବସନ୍ତ ପ୍ରାଥମିକ କୃଷି ସେବା ସମବାୟ ସମିତି, କୁରୁଣ୍ଟି ପ୍ରାଥମିକ କୃଷି ସେବା ସମବାୟ ସମିତିରେ ମଧ୍ୟ ଚାଷୀମାନଙ୍କୁ ଖରିଫ ଧାନ ବିକ୍ରି ପାଇଁ ଫର୍ମ ବିତରଣ କରାଯାଇଥିବା ନେଇ ସମ୍ପାଦକ ଜ୍ଞାନ ରଞ୍ଜନ ନାୟକ, ଗୋବିନ୍ଦ ଚନ୍ଦ୍ର ଜେନା ସୂଚନା ଦେଇଛନ୍ତି।

# ରାଜନଗର ବ୍ଲକ କଳାକାର ସଂଘ ବୈଠକ

ରାଜନଗର, ୨୦।୭ (ଭାସ୍କର ରାଉତରାୟ)

ସ୍ଥାନୀୟ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ରାଜନଗର ବ୍ଲକ କଳାକାର ସଂଘର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କଳାକାର ବାସୁଦେବ ପାଣିଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ନାଟ୍ୟ ନିର୍ଦ୍ଦେଶକ, ଶିକ୍ଷାବିତ୍ ଶରତ ଚନ୍ଦ୍ର ମହାପାତ୍ର ଉଦ୍‌ଘାଟକ ଭାବେ ଯୋଗଦେଇ ରାଜନଗର ମାଟି କଳା, ସଂସ୍କୃତି କ୍ଷେତ୍ରରେ ଯୁଗଜୟୀ ଭୂମିକା ସମ୍ପର୍କରେ ଆଲୋକତା କରିଥିଲେ। ମୁଖ୍ୟ ଅତିଥି ଭାବେ ଖବରଦାତା ଭାସ୍କର ରାଉତରାୟ, ମୁଖ୍ୟବକ୍ତା ଭାବେ କବି ଅଭିରାମ ସାହୁ, ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିକ୍ରମାଦିତ୍ୟ ଦାସ, ଜଗନ୍ନାଥ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସଂଘର ଆବାହକ ନାଟ୍ୟକାର ଚନ୍ଦ୍ର ଦାସ ପ୍ରଥମେ ସୂଚନା ଦେବା ସହ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ କଳାକାର ପ୍ରଫୁଲ୍ଲ ଦାସ, ବୈକୁଣ୍ଠ ବିଶ୍ୱାଳ, ପୁରୁଷୋତ୍ତମ ସାହୁ, ଅଭିରାମ ପତି, ନିରଞ୍ଜନ ପରିଡା ପ୍ରମୁଖ ସେମାନଙ୍କର କଳାକାର ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। କୁନି କୁନି ଶିଶୁ କଳାକାରଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ବ୍ଲକର ବିଭିନ୍ନ ପଞ୍ଚାୟତର କଳାକାରମାନେ ଯୋଗଦେଇଥିଲେ।



ବୈଠକରେ କଳାକାରଙ୍କ ଗହଣରେ କୁନି କଳାକାରମାନେ।

# ଆଗକୁ ଅଧିକ ଜଙ୍ଗଲ ସୃଷ୍ଟି ପାଇଁ ଉଦ୍ୟମ ହେବ




ଜମ୍ବୁଠାରେ ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଓ ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ ଚାରା ରୋପଣ କରୁଛନ୍ତି।

ମହାକାଳପଡ଼ା, ୨୧।୭ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

## ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

ଜଳବାୟୁ ପରିବର୍ତ୍ତନ ଯୋଗୁ ପ୍ରାକୃତିକ ବିପର୍ଯ୍ୟୟ ବୃଦ୍ଧି ପାଇବାରେ ଲାଗିଛି। ଏହା ଫଳରେ ପରିବେଶ ସନ୍ତୁଳନ ରକ୍ଷା ପ୍ରତି ବିପଦ ସୃଷ୍ଟି କରିଛି। ପୂର୍ବ ଅପେକ୍ଷା ଏବେ ପ୍ରାକୃତିକ ବିପର୍ଯ୍ୟୟ ଦିନକୁଦିନ ବୃଦ୍ଧିପାଉଛି। ଫଳରେ ଋତୁଚକ୍ରରେ ପରିବର୍ତ୍ତନ ଓ ଅନିୟମିତ ଭାବେ ଶୀତ, ବର୍ଷା ଓ ଖରା ବଢ଼ି ଚାଲିଛି। ଏହାର ସଫଳ ମୁକାବିଲା ପାଇଁ ପ୍ରଚୁର ପରିମାଣରେ ଜଙ୍ଗଲ ସୃଷ୍ଟି କରିବାକୁ ସବୁସ୍ତରରେ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ଅବସରରେ ରବିବାର ମହାକାଳପଡ଼ା ବ୍ଲକ ଜମ୍ବୁ ଦୁଃଶାସନ ରାମ ପ୍ରସାଦ ଉଚ୍ଚ ବିଦ୍ୟାଳୟଠାରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ସ୍ଥାନୀୟ ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ ଯୋଗଦେଇ ମା' ପାଇଁ ଗଛଟିଏ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସ୍ଲୋଗାନରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମହାକାଳପଡ଼ା ଉପକୂଳ ଅଞ୍ଚଳରେ ଆଗକୁ ସବୁଜ ବନାନୀ, ବିସ୍ତୀର୍ଣ୍ଣ ପ୍ରାକୃତିକ ପରିବେଶ ସୃଷ୍ଟି କରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ଉପସ୍ଥିତ ଲୋକମାନଙ୍କୁ ସେ ଆହ୍ୱାନ ଦେଇଥିଲେ। ପ୍ରତି ଗାଁରେ ସରକାରୀ ଜମି, ନଦୀବନ୍ଧ, ପଡ଼ିଆ, ବିଦ୍ୟାଳୟ ପରିସର ଓ ବାଡ଼ି ବଗିଚାରେ ବିଭିନ୍ନ କିସମର ଚାରା ରୋପଣ ଉପରେ ବିଧାୟକ ଗୁରୁତ୍ୱ ଆରୋପ କରିଥିଲେ। ଚାରା ରୋପଣ ହେଲେ ପ୍ରାକୃତିକ ପରିବେଶ ସୃଷ୍ଟି ହେବ ବୋଲି କୁହାଯାଇଛି। ରାଜନଗର ବନଖଣ୍ଡ ପକ୍ଷରୁ ଚଳିତବର୍ଷ ୬୦ ହଜାର ବିଭିନ୍ନ କିସମର ଶାଳ, ଆକାଶିଆ ଓ ଔଷଧୀୟ ବୃକ୍ଷ ଭଳି ଚାରା ବଣ୍ଟନ କରାଯାଇଛି ବୋଲି ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ କହିଛନ୍ତି। ସେହିପରି କିଛିବର୍ଷ ମଧ୍ୟରେ ନୂଆ ଜଙ୍ଗଲ ସୃଷ୍ଟି କରିବା ପାଇଁ ଲୁଣା ଜାତୀୟ ଚାରା ମଧ୍ୟରେ ବନି, ରାଇ, ସୁନ୍ଦରୀ, କାଳିଆ ଚୁଆଁ, ସିଙ୍ଗଡ଼ା, ଓରୁଅ, ସିନ୍ଦୁକ, ଝାଉଁ ଆଦି ଚାରା ପଡ଼ିଆ ଓ ଜଙ୍ଗଲ ଜମିରେ ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ତରାଇ, ରେଞ୍ଜ ଅଧିକାରୀ ନଳିନୀକାନ୍ତ ବେହେରା, ଭାଜପା ଯୁବନେତା ପ୍ରଶାନ୍ତ କୁମାର ସେଠୀ, ସରୋଜକାନ୍ତ ସାହୁ, ଶରତ କୁମାର ମହାନ୍ତି, ଅର୍ଜୁନ ବୈଦ, ସମିତିସଭ୍ୟ ରାମଚନ୍ଦ୍ର ରାଉତ, ପ୍ରତାପ ଚନ୍ଦ୍ର ଦାସ, ବଣ୍ଟି ଦେବନାଥଙ୍କ ସମେତ ବିଦ୍ୟାଳୟ ଛାତ୍ରୀଛାତ୍ର, ବହୁସଂଖ୍ୟାରେ ମହିଳା ଓ ଯୁବକମାନେ ଉପସ୍ଥିତ ଥିଲେ।

# ପଟ୍ଟାମୁଣ୍ଡାଇଠାରେ ଏଡିଜେ କୋର୍ଟ ସ୍ଥାପନ ପାଇଁ ବିଜ୍ଞପ୍ତି ଜାରି

ପଟ୍ଟାମୁଣ୍ଡାଇ, ୨୧।୭ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇଠାରେ ନୂତନ ଏଡିଜେ କୋର୍ଟ ସ୍ଥାପନ ପାଇଁ ଶନିବାର ରାଜ୍ୟ ଆଇନ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କାରାଯାଇଛି। ରାଜ୍ୟ ସରକରାଙ୍କ ଏଫଏ-କମ ଅତିରିକ୍ତ ସଚିବ ଓଏଫଏସ୍ (ସାଗ୍) ବାସନ୍ତୀମଣୀ ସିଂ ଚିଠି ନଂ. ୧୦୫୫୦/୨୦।୭।୨୦୨୪ରେ ବିଜ୍ଞାପନ ଜାରି କରି ପ୍ରିନ୍ସପାଲ ଆକାଉଣ୍ଟାଣ୍ଟ ଜେନେରାଲଙ୍କୁ ଜଣାଇଛନ୍ତି। ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟ ପରିସରରେ ଅତିରିକ୍ତ ଜିଲା ଦୌରାଜଜ୍ କୋର୍ଟ ସ୍ଥାପନ ପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଥିଲା। ରାଜ୍ୟ ସରକାରଙ୍କ ଏଭଳି ପଦେକ୍ଷପ ପାଇଁ ଆଇନଜୀବୀ ପ୍ରମୋଦ ସାହୁ, କ୍ଷୀରୋଦ ପ୍ରଧାନ, ପ୍ରଭାତ ବେରା, ଭବାନୀ ଶଙ୍କର ପଣ୍ଡା, ଶରତ ମଲିକ, ମନୋଜ ନାୟକ, ସୌମ୍ୟରଞ୍ଜନ ଧଳ, ବିଦ୍ୟାଧର ଦାଶ, ପ୍ରଣତୀ ଦାସ, ସୁଶୀଳ ଦାଶ, ସୁଧୀର ଦାସ, ଶୁଭଲକ୍ଷ୍ମୀ ସ୍ୱାଇଁ, ଗୋଲେଖ ବେହେରା, ବାଣୀକଣ୍ଠ ମିଶ୍ର, ପ୍ରମୋଦ ପଣ୍ଡା, ଭୀମସେନ ପ୍ରଧାନ, ଭୀମସେନ ପରିଡା, ଅନନ୍ତ ଚରଣ ଦାଶ, ଜିତେନ୍ଦ୍ର ନନ୍ଦୀ ପ୍ରମୁଖ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଦିବ୍ୟାଙ୍ଗ ଉପକରଣ ବଣ୍ଟନ ପାଇଁ ହିତାଧିକାରୀ ଚୟନ

ବିଞ୍ଝାରପୁର, ୨୧।୭ (ରାମକୃଷ୍ଣ ଦାସ):

ଦିବ୍ୟାଙ୍ଗମାନଙ୍କୁ ଆବଶ୍ୟକ ସହାୟକ ଉପକରଣ ଯଥା ଘୂର୍ଣ୍ଣନ ଚୌକି, ଶ୍ରବଣ ଯନ୍ତ୍ର, କୃତ୍ରିମ ଅଙ୍ଗ, ଆଶାବାଡି ଏବଂ ସ୍ମାର୍ଟ ଫୋନ ଯୋଗାଣ ନିମନ୍ତେ ହିତାଧିକାରୀ ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଅଲିମକୋ ଓ ଜିଲା ସାମାଜିକ ସୁରକ୍ଷା ବିଭାଗ ମିଳିତ ସହଯୋଗରେ ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରଞ୍ଜିତା କୁମାରୀ ଦାସ, ଅନ୍ୟତମ ଅତିଥି ଭାବେ ଉପାଧ୍ୟକ୍ଷ ସେକ ଇର୍ସାଦ, ବିଡିଓ ଦିବ୍ୟେନ୍ଦୁ ଦାସ ଓ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଧର୍ମେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟକ୍ଷା ଦାସ ନିଜ ବକ୍ତବ୍ୟରେ ଭିନ୍ନକ୍ଷମମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସମସ୍ତଙ୍କ ପ୍ରଚେଷ୍ଟାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ସାହୁ କାର୍ଯ୍ୟକ୍ରମ ଆୟୋଜନ ସଂପର୍କରେ ବିବରଣୀ ପ୍ରଦାନ କରିଥିଲେ। ଏଥିରେ ବ୍ଲକ୍‌ର ୧୭୯ ଦିବ୍ୟାଙ୍ଗଙ୍କୁ ଉପକରଣ ପ୍ରଦାନ କରାଯିବା ପାଇଁ ଚିହ୍ନଟ କରାଯାଇଛି।

# ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବାଙ୍କ ଜନ୍ମମାଟିରେ ଗୁରୁପୂର୍ଣ୍ଣିମା

ରାଜନଗର, ୨୧।୭ (ଭାସ୍କର ରାଉତରାୟ)

ବିଶ୍ୱଗୁରୁ ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବାଙ୍କ ଜନ୍ମମାଟି ରାଜନଗର ବ୍ଲକ କେରେଡାଗଡସ୍ଥିତ ବାୟାବାବାଙ୍କ ଆଶ୍ରମରେ ପବିତ୍ର ଗୁରୁପୂର୍ଣ୍ଣିମା ଉତ୍ସବ ରବିବାର ପାଳିତ ହୋଇଯାଇଛି। ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବା ଭାରତୀୟ ସଂସ୍କୃତି ପରମ୍ପରା ଓ ସନାତନ ଧର୍ମକୁ ସମଗ୍ର ଭାରତ ବର୍ଷରେ ନାମ ସଂକୀର୍ତ୍ତନ ମାଧ୍ୟମରେ ପ୍ରଚାର ପ୍ରସାର କରି ଅମର ହୋଇ ରହିଛନ୍ତି। ଗୁରୁପୂର୍ଣ୍ଣିମା ତିଥିରେ ଆଶ୍ରମରେ ଶ୍ରୀମଦ୍ ବାୟାବାବାଙ୍କ ପ୍ରତିମୂର୍ତ୍ତିକୁ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରତ୍ୟୁଷରୁ ମଙ୍ଗଳ ଆଳତି, ବାଲଧୂପ, ଆଶ୍ରମ ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀରୁ ୧୦୮ କଳସ ଜଳ ଦ୍ୱାରା ଶ୍ରୀମଦ୍ ବାୟାବାବାଙ୍କ ମହାଭିଷେକ କରାଯାଇଥିଲା। ପରେ ଶ୍ରୀମଦ୍ ବାୟାବାବାଙ୍କ ଜୀବନ ଆଦର୍ଶ ଓ ଦିଗଦର୍ଶନ ଏବଂ ବାବାଙ୍କ ମୁଖନିଃସୃତ ଭଜନ ଓ କଥାମୃତ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଆଶ୍ରମର ସଭାପତି ବ୍ରହ୍ମାନନ୍ଦ ତ୍ରିପାଠୀ, ସମ୍ପାଦକ କପିଳ ଚନ୍ଦ୍ର ଦାସ, ପ୍ରଦୀପ କୁମାର ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ। କେରେଡାଗଡ, ବାଲିସାହିପାଟଣା, ରାଜପୁର, ବାଲିଚନ୍ଦନପୁର, ରାଜନଗର, ମହିଁଷାସୁର, ଗୁଲୁଦିଆ, ସମେତ ଆଖପାଖ ଅଞ୍ଚଳରେ ଶ୍ରଦ୍ଧାଳୁ ଭକ୍ତ ଓ ଗୁରୁଭାଇ ଏହି ଉତ୍ସବରେ ଯୋଗଦେଇ ଥିଲେ।



ରାଜନଗରରେ ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବାଙ୍କ ପ୍ରତିମୂର୍ତ୍ତିକୁ ପୂଜାର୍ଚ୍ଚନା କରାଯାଉଛି।

# ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ପାଇଁ ପରିବାର ଲୋକଙ୍କ ଦାବି

ଆଳି, ୨୧।୭ (ବନମାଳୀ ସେନାପତି)



କୀର୍ତ୍ତନଙ୍କ ପରିବାର ଲୋକ ଥାନାରେ ଅଭିଯୁକ୍ତଙ୍କୁ ଗିରଫ ଲାଗି ଦାବି ଜଣାଇବାକୁ ଆସିଛନ୍ତି।

## ଜମିବାଡ଼ି ବିବାଦରୁ ହତ୍ୟା ଘଟଣା

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ବାଲକାଟି ଗ୍ରାମରେ ଜମିବାଡ଼ି ବିବାଦରୁ ଜୁନ୍ ୨୯ ତାରିଖ ରାତିରେ ଘଟିଥିବା ହତ୍ୟାକାଣ୍ଡରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରୁ ନାହିଁ। ପରିବାର ଲୋକ ରବିବାର ଅପରାହ୍ନରେ ଥାନାରେ ପହଞ୍ଚି ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଆଇଆଇସିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ବାଲକାଟି ଗ୍ରାମର କୀର୍ତ୍ତନ ମଳିକଙ୍କୁ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଜୁନ୍ ୨୯ ରାତିରେ ଅଲେଖ ମଳିକ, ପ୍ରିୟତମା ମଳିକ, ଜହ୍ନ ମଳିକ, ଯୋଗୀ ମଳିକ, ଚିନା ମଳିକ, ରାହୁଲ ମଳିକ, ଗିରିଧାରୀ ମଳିକ ପ୍ରମୁଖ କୋଦାଳ, ବେଣ୍ଟ, ଲୁହାରଡ଼, ଠେଙ୍ଗା ବାଡ଼ିରେ ଆକ୍ରମଣ କରିଥିଲେ। କୀର୍ତ୍ତନଙ୍କୁ ଗୁରୁତର ଅବସ୍ଥାରେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଗତ ୪ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ କୀର୍ତ୍ତନଙ୍କ ସ୍ତ୍ରୀ ଆଳି ଥାନାରେ ଏହି ହତ୍ୟାକାଣ୍ଡରେ ସାମିଲ ଥିବା ୭ ଜଣଙ୍କ ନାମରେ ଅଭିଯୋଗ କରିଥିଲେ। ଆଳି ପୋଲିସ ଚିନା ମଳିକ ଓ ପ୍ରିୟତମା ମଳିକଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନେ ବାହାରେ ବୁଲି ମୃତକଙ୍କ ପରିବାରକୁ ଧମକ ଦେଉଛନ୍ତି। ତୁରନ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ନିମନ୍ତେ ମୃତକଙ୍କ ପରିବାର ଲୋକ ଦାବି କରିଛନ୍ତି। ଏ ସମ୍ପର୍କରେ ଆଇଆଇସି ସବ୍ୟସାଚି ଶତପଥୀଙ୍କୁ ପଚାରିବାରୁ ହତ୍ୟାକାଣ୍ଡରେ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅନ୍ୟମାନଙ୍କୁ ଗିରଫ କରାଯିବା ନିମନ୍ତେ ଚେଷ୍ଟା ଜାରି ରହିଛି ବୋଲି ସେ କହିଛନ୍ତି।

# ୩୦ଲକ୍ଷ ଖର୍ଚ୍ଚ ସତ୍ତ୍ୱେ ବନ୍ଦ ପଡ଼ିଛି ମିଶନ ଶକ୍ତି କାଫେ

ରାଜକନିକା, ୨୧।୭ (ସଞ୍ଜୟ କୁମାର ଦାଶ)

ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ମିଶନ ଶକ୍ତି ଗଢିଉଠିଛି। କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ପରିସରରେ ପ୍ରାୟ ୩୦ ଲକ୍ଷ ଟଙ୍କା ବ୍ୟୟରେ ମିଶନ ଶକ୍ତି କାଫେ ନିର୍ମାଣ କରଯାଇଥିଲା। ସେତେବେଳେ ଏହି କାଫେର ଦାୟିତ୍ୱ ବ୍ଲକସ୍ତରୀୟ ମହିଳା ମହାସଂଘ ନେଉଥିଲେ। ହେଲେ ଏହି କାଫେ ବନ୍ଦ ହୋଇପଡିଛି।

ସୂଚନାଯୋଗ୍ୟ, ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ ନେଇ ଦୈନନ୍ଦିନ ବ୍ଲକକୁ ଆସୁଥିବା ଶତାଧିକ ଲୋକ ସୁବିଧା ଓ ସହଜରେ କିପରି ଖାଇ ପାରିବେ ସେ ଦିଗରେ ବ୍ଲକ ମିଶନ ଶକ୍ତି ବିଭାଗ ଓ ମହିଳାମାନଙ୍କ ମିଳିତ ଉଦ୍ୟମରେ ଆରମ୍ଭ ହୋଇଥିଲା କାଫେ। ୨୦୨୧ ସେପ୍ଟେମ୍ବରରେ ଏହି କାଫେ ବ୍ଲକ ପ୍ରଶାସନ ପକ୍ଷରୁ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ କରଯାଇ ନିର୍ମାଣ କରାଯାଇଥିଲା। ଏହି କାଫେର ଦାୟିତ୍ୱ ବ୍ଲକସ୍ତରୀୟ ମହିଳା ମହାସଂଘକୁ ଦିଆଯାଇଥିଲା। କିଛିଦିନ ଭଲ ଚାଲିଥିଲେ ବି ପର ମୁହୂର୍ତ୍ତରେ ବ୍ୟବସାୟ କମ୍ ହୋଇ ଚାଲିଲା। ତା'ର ପାଖାପାଖି ୬ ମାସ ପରେ କାଫେ ବନ୍ଦ ହୋଇପଡିଛି। ଏପଟେ ବ୍ଲକକୁ ଦୈନନ୍ଦିନ ଆସୁଥିବା ସାଧାରଣ ଲୋକ ଖାଇବାକୁ ଅସୁବିଧା ଭୋଗୁଛନ୍ତି। କାଫେକୁ ଶୀଘ୍ର ଖୋଲିବାକୁ ବିଡିଓ ଓ ମିଶନ ଶକ୍ତି ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ମିଶନ ଶକ୍ତି ବ୍ଲକ ସଂଯୋଜକ ସୁଶାନ୍ତ ମଳିକଙ୍କୁ ପଚାରିବାରେ ମିଶନ ଶକ୍ତି କାଫେ ଆରମ୍ଭରୁ ବ୍ଲକସ୍ତରୀୟ ମହିଳା ମହାସଂଘ ଦାୟିତ୍ୱ ନେଇଥିଲେ। ଆରମ୍ଭରୁ ଠିକ୍‌ଠାକ ଚାଲୁଥିଲା। ହେଲେ ଏବେ କୌଣସି କାରଣ ବଶତଃ ବନ୍ଦ ପଡିଛି। ମହାସଂଘକୁ ବାରମ୍ବାର ଖୋଲିବା ପାଇଁ ତାଗିଦ୍ କକରାଯାଉଥିଲେ ମଧ୍ୟ ଆଜିକାଲି କହି କର୍ମକର୍ତ୍ତା ସମୟ ଗଡ଼ାଇ ଚାଲୁଛନ୍ତି। ଏ ନେଇ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛି। ଏ ସମ୍ପର୍କରେ ବିଡିଓ ପୃଥ୍ୱୀରାଜ ପରିଡାଙ୍କୁ ପଚାରିବାରେ ତୁରନ୍ତ କାଫେ ଖୋଲିବାକୁ ବିଭାଗୀୟ ଅଧିକାରୀଙ୍କୁ କୁହିଯାଇଛି ବୋଲି ସେ କହିଛନ୍ତି।




ରାଜକନିକାରେ ବନ୍ଦ ହୋଇପଡିଥିବା ମିଶନଶକ୍ତି କାଫେ।

# ଅବହେଳିତ ତୁମୁଣି, ଗୁହିଆଶାଳ ଗାଁ

ଯାଜପୁର,୨୧।୭(ହର୍ଷବର୍ଦ୍ଧନ ବେହେରା):



ପାହାଡ଼ ଶୀର୍ଷରେ ଥିବା ତୁମୁଡ଼ି ଗାଁ।

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଚିଙ୍ଗୁଡିପାଳ ଗ୍ରାମ ପଞ୍ଚାୟତର ପାହାଡ଼ ଶୀର୍ଷରେ ଥିବା ତୁମୁଣି ଓ ଗୁହିଆଶାଳ ଗ୍ରାମଦ୍ୱୟକୁ ଏଯାଏ ବିକାଶ ଚଢ଼ି ପାରିନାହିଁ। ଏହି ଦୁଇ ଗ୍ରାମର ଲୋକେ ଏବେ ନୂଆ ସରକାରଙ୍କ ଠାରୁ ବିକାଶର ଆଶା ବାନ୍ଧିଛନ୍ତି। ଜଙ୍ଗଲ ଜମି ଦେଇ ଖାଲଖମା ଅଙ୍କାବଙ୍କା ପଥରେ ସରକାର ନିଶ୍ଚିତ ଭାବେ ପକ୍କା ରାସ୍ତା ନିର୍ମାଣ କରି ଜୁଆଙ୍ଗ ଆଦିବାସୀଙ୍କ ଦୁଃଖ ବୁଝିବେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

ଯେତେବେଳେ ସୁକିନ୍ଦା ଉପତ୍ୟକାରେ ଖଣି ଖନନ ଆରମ୍ଭ ହୋଇଥିଲା ସେତେବେଳେ ଅଞ୍ଚଳବାସୀ ପାରିପାର୍ଶ୍ୱିକ ଉନ୍ନୟନର ଅନେକ ସ୍ୱପ୍ନ ଦେଖିଥିଲେ । ସବୁ ଗାଁକୁ ରାସ୍ତା, ପାନୀୟ ଜଳ, ସ୍ୱାସ୍ଥ୍ୟସେବା, ଶିକ୍ଷା ଆଦି ବ୍ୟବସ୍ଥା ହେବ ବୋଲି ସେତେବେଳେ ଖଣି କମ୍ପାନୀମାନେ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଇତିମଧ୍ୟରେ ଖଣି ଅର୍ଥରେ ଜିଲା ଖଣିଜ ନ୍ୟାସ ପ୍ରତିଷ୍ଠାନ(ଡିଏମ୍ଏଫ୍)ପାଣ୍ଠି ଏବଂ ଓଡିଶା ମାଇନିଂ ବିୟରିଂ ଡେଭଲପମେଣ୍ଟ କାର୍ପୋରେଶନ(ଓଏମ୍‌ବିଏଡିସି)ଗଠିତ ହୋଇଛି। କିନ୍ତୁ ଏହି ଅର୍ଥରେ ଅଞ୍ଚଳର ବିକାଶରେ କେତେ ଖର୍ଚ୍ଚ କରିଛନ୍ତି ତାହା ତୁମୁଣି ଓ ଗୁହିଆଶାଳ ଗ୍ରାମର ଚିତ୍ରରୁ ଜଳଜଳ ହୋଇ ଦିଶୁଛି । ଯେଉଁ ଅଞ୍ଚଳରେ ଖଣିଜ ସମ୍ପଦ ଭରପୁର ସେଠାକାର ପାରିପାର୍ଶ୍ୱିକ ଅଞ୍ଚଳ କେବେ ବି ଅନୁନ୍ନତ ହୋଇ ନ ପାରେ ବୋଲି ସମସ୍ତଙ୍କ ଧାରଣା । କିନ୍ତୁ ଚିଙ୍ଗୁଡିପାଳ ଗ୍ରାମ ପଞ୍ଚାୟତର ନଗଡ଼ା, ଗୁହିଆଶାଳ, ତୁମୁଣି, ନାଲିଆଡାବ ଆଦି ଗ୍ରାମର ବିକାଶକୁ ଦେଖିଲେ ଏହି ଧାରଣା ସମ୍ପୂର୍ଣ୍ଣ ଭୁଲ ସାବ୍ୟସ୍ତ ହୋଇଛି । ଖଣିଜ ସମ୍ପଦକୁ ଉତ୍ତୋଳନ କରି ଖଣିସଂସ୍ଥାମାନେ କେବଳ ଲାଭବାନ ହୋଇଛନ୍ତି । ଅନ୍ୟପକ୍ଷେ ଡିଏମ୍ଏଫ୍ ପାଣ୍ଠି ଅନ୍ୟତ୍ର ଖର୍ଚ୍ଚ କରି ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ହେଲେ ଖଣି ପାଇଁ କ୍ଷତିଗ୍ରସ୍ତ ହୋଇଥିବା ଲୋକେ ଯାହା ଆଶା କରିଥିଲେ ତାହା ବହୁ ଦୂରରେ ରହି ଯାଇଛି। ଚିଙ୍ଗୁଡିପାଳ ଗ୍ରାମ ପଞ୍ଚାୟତର କୌଣସି ଆଖିଦୃଶିଆ ପରିବର୍ତ୍ତନ ହୋଇ ପାରିନାହିଁ । ଯଦି କୌଣସି ଖଣିସଂସ୍ଥା ପୂର୍ବରୁ ନଗଡା, ତୁମୁଣି ଓ ଗୁହିଆଶାଳ ଗ୍ରାମ ଅଞ୍ଚଳକୁ ରାସ୍ତାଟିଏ କରି ପାରିଥାନ୍ତେ, ତେବେ ଆଜି ଶିଶୁ ମୃତ୍ୟୁ ଘଟଣା ଘଟି ନ ଥାଆନ୍ତା ବୋଲି ମତପ୍ରକାଶ ପାଉଛି।

- ରାସ୍ତା ନ ଥିବାରୁ ବିକାଶ ଅପହଞ୍ଚ
- ଡିଏମ୍ଏଫ୍, ଓଏମ୍‌ବିଏଡିସି ଅର୍ଥ ବିନିଯୋଗ ସ୍ୱପ୍ନ

ନଗଡା ଠାରୁ ୨.୭୦୦ କିମି ଦୂର ବାମ ପାର୍ଶ୍ୱରେ ଥିବା ତୁମୁଣି ଗ୍ରାମକୁ ଏଯାଏ ରାସ୍ତା ନିର୍ମାଣ ହୋଇ ପାରିନାହିଁ। ତୁମୁଣୀ ଗାଁଟି ପାହାଡ଼ ଶିଖରର ସମତଳ ଭୂମିରେ ରହିଛି। ପାହାଡ଼ ଉପରେ ନିଜ ପରିବାର ଚଳାଇବା ପାଇଁ ଗ୍ରାମବାସୀ ଜଙ୍ଗଲରୁ ଫଳମୂଳ, ମହୁ ସଂଗ୍ରହ କରି ସାପ୍ତାହିକ ହାଟରେ ବିକ୍ରି କରି କିରୋସିନି ଓ ଲୁଣ କିଣି ଆଣନ୍ତି। ରାଶନ ନେବାକୁ ଚିଙ୍ଗୁଡିପାଳ କିମ୍ବା ନାଲିଆଡାବାକୁ ଆସିବାକୁ ପଡେ। ଏହି ଗ୍ରାମବାସୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅପହଞ୍ଚ ହୋଇଛି । ଏବେ ବି ଗର୍ଭବତୀ ମାତୃ ମୃତ୍ୟୁହାର ଓ ଶିଶୁ ଅପପୃଷ୍ଟିରେ ଲଗାମ ଲାଗି ପାରିନାହିଁ। ସ୍ୱାସ୍ଥ୍ୟ କର୍ମୀମାନେ ପକ୍କା ରାସ୍ତାରେ ଯାଇ ନଗଡ଼ାବାସୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଥିବା ବେଳେ ରାସ୍ତା ନ ଥିବାରୁ ତୁମୁଣୀ ଗାଁକୁ ପହଞ୍ଚିବାକୁ କଷ୍ଟକର ହେଉଛି। ପାହାଡ଼ କଡରେ ବଡବଡ ପଥର ଉପରେ ପାଦ ଚଲା ରାସ୍ତା ରହିଛି। ତେଣୁ ସରକାରୀ କର୍ମଚାରୀମାନେ ସେଠାକୁ ଯିବାକୁ ଅମଙ୍ଗ ହେଉଛନ୍ତି । ପ୍ରାୟ ୨୫ ଘର ବସବାସ କରୁଥିବା ଏହି ତୁମୁଣି ଗ୍ରାମରେ ବିଜୁଳି ଆଲୁଅ ସ୍ୱପ୍ନ ହୋଇଛି।

ଅନୁରୂପ ପରିସ୍ଥିତି ଦେଖା ଦେଇଛି ନଗଡ଼ା ଡାହାଣ ପାର୍ଶ୍ୱ ୩ କି.ମି.ଦୂରବର୍ତ୍ତୀ ଗୁହିଆଶାଳ ଗ୍ରାମରେ। ଏଠାରେ ପ୍ରାୟ ୪୦ପରିବାର ବସବାସ କରୁଥିବାବେଳେ ତୁମୁଣି ଭଳି ସରକାରୀ ଅବହେଳା ଜଳଜଳ ହୋଇ ଦିଶୁଛି। ସରକାରଙ୍କ ବହୁସୂତ୍ରୀ କାର୍ଯ୍ୟକ୍ରମ ଏଠାରେ କାଗଜ କଲମରେ ସୀମିତ ରହିଛି। ସାମାଜିକ କର୍ମୀ ମଣ୍ଟୁଦାସ ତୁମୁଣୀ ଗ୍ରାମବାସୀଙ୍କ ମୌଳିକ ଅଧିକାର, ପାନୀୟଜଳ ଓ ଗମନାଗମନ ସୁବିଧାସୁଯୋଗ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସେତେବେଳେ କେତେକ ଅଧିକାରୀ ତୁମୁଣି ଗ୍ରାମକୁ ଯାଇ ବଡ ପ୍ରତିଶ୍ରୁତି ଦେଇ ଏବେ ପୁଣି ନୀରବି ଯାଇଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ଏଯାଏ ନୂତନ ସରକାରଙ୍କ ପକ୍ଷରୁ କୌଣସି ଜନ ପ୍ରତିନିଧି ଏହି ସମସ୍ୟା ସମ୍ପର୍କରେ ପଦକ୍ଷେପ ନେଇ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ କାହ୍ନା



@ ମଣ୍ଟୁ



@ ପ୍ରଦୀପ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଧର୍ମଶାଳାର ସାହିତ୍ୟ, ସଂସ୍କୃତି ଦିଗ୍‌ଦର୍ଶନ ଦିଏ: ବିଧାୟକ

**ସାହିତ୍ୟ ଦର୍ପଣ ପତ୍ରିକାର ରାଜ୍ୟସ୍ତରୀୟ ମହାବିନାୟକ କବିତା ପାଠୋତ୍ସବ**

ଧର୍ମଶାଳା/କାଏମା,୨୧।୭
(ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି):





ସାହିତ୍ୟ ଦର୍ପଣ ପତ୍ରିକାର ରାଜ୍ୟସ୍ତରୀୟ ମହାବିନାୟକ କବିତା ପାଠୋତ୍ସବ ଉପସ୍ଥିତ ଅତିଥି।

ସାହିତ୍ୟ ଦର୍ପଣ ପତ୍ରିକାର ଷଷ୍ଠ ରାଜ୍ୟସ୍ତରୀୟ ମହାବିନାୟକ କବିତା ପାଠ ଉତ୍ସବ ରବିବାର ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପତ୍ରିକାର ମୁଖ୍ୟସମ୍ପାଦକ ତ୍ରିଲୋଚନ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଉଦ୍‌ଘାଟନ କରି ଧର୍ମଶାଳା ଏକ ଅନନ୍ୟ ମାଟି, ଏ ମାଟିର ସାହିତ୍ୟ, ସଂସ୍କୃତି ଅନ୍ୟକୁ ଦିଗଦର୍ଶନ ଦିଏ ବୋଲି କହିବା ସହ ସାହିତ୍ୟ ସଂସ୍କୃତିର ସୁରକ୍ଷା ପାଇଁ ସେ ଉଦ୍ୟମ କରିବେ ବୋଲି ପ୍ରକାଶ କରିଥିଲେ। ମୁଖ୍ୟ ଅତିଥି ଭାବେ ବଡ଼ଚଣାର ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଜନଜୀବନକୁ ଯେଉଁ ସାହିତ୍ୟ ଉଦବୁଦ୍ଧ କରେ ତାହା କାଳଜୟୀ ବୋଲି କହିଥିଲେ। ଏଥିରେ କଥା ସୃଜନର କଥା ଜୀବନର କାର୍ଯ୍ୟକ୍ରମରେ ଅତିଥିଭାବେ ଶାରଳା ପୁରସ୍କାର ବିଜେତା ବିଶିଷ୍ଟ ଗାଳ୍ପିକ ଭୀମ ପୃଷ୍ଟି, ବିଶିଷ୍ଟ କବି ଅଭୟ ନାୟକ ଯୋଗଦେଇ ନିଜ ସୃଜନ ଜୀବନର ଅନନ୍ୟ ଅନୁଭବକୁ ବ୍ୟକ୍ତ କରିଥିଲେ।

କାର୍ଯ୍ୟକ୍ରମକୁ କବି ଚିତ୍ତରଞ୍ଜନ ନାୟକ, କବି ଡକ୍ଟର ପ୍ରଜ୍ଞା ପ୍ରର୍ବର୍ତ୍ତିକା ଦାଶ ସଞ୍ଚାଳନ କରିଥଲେ। ଏହିଅବସରରେ ମୁଖ୍ୟଅତିଥିଙ୍କ ଦ୍ୱାରା ଧର୍ମଶାଳା ବିଧାୟକଙ୍କୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରିଯିବା ସହ ଗାଳ୍ପିକା ଗୁନିଲତା ବିଶ୍ୱାଳ, କବି ଲାବଣ୍ୟ ନାୟକ, ପ୍ରବୀଣ କବି, ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ଡ. ବିଜୟ କୁମାର ଶତପଥୀ ଓ ଶାନ୍ତିଲତା ଦାଶଙ୍କୁ ସମ୍ମାନିତ କରାଯାଇଥିଲା। ସମସ୍ତ ଅତିଥିଙ୍କ ଦ୍ୱାରା 'ହ୍ୟାଲୋ ମୁଁ ବାପା କହୁଛି' ପୁସ୍ତକ ଉନ୍ମୋଚିତ ହୋଇଥିଲା। ପତ୍ରିକାର ସମ୍ପାଦକ ବିମଳ ପତି ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ନରେନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ। ପୂର୍ବାହ୍ନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କବିତା ଉତ୍ସବରେ କବି ଡ. ରାଜକିଶୋର ପାଢ଼ୀ ଅଧ୍ୟକ୍ଷତା କରିଥିବାବେଳେ ଡ. ଉଷା ଶତପଥୀ, ସୁରଞ୍ଜନ ପାତ୍ର ଓ ଶୁଚେତା ନନ୍ଦ ସଂଯୋଜନା କରିଥିଲେ। କବିତା ପାଠ ଉତ୍ସବରେ ରାଜ୍ୟର ବିଭିନ୍ନ ଜିଲାର କବି ଯୋଗଦେଇ କବିତା ଆବୃତି କରିଥିଲେ। ପ୍ରିୟଦର୍ଶିନୀ ମିଶ୍ର ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିବାବେଳେ ମନୋରଞ୍ଜନ ମିଶ୍ର, ସୁଶାନ୍ତ ସାହୁ, ବ୍ରଜରାଜ ତ୍ରିପାଠୀ, ବରଦା ପ୍ରସନ୍ନ ତ୍ରିପାଠୀ ଓ ତରୁଣ ତୋଫାନ ତ୍ରିପାଠୀ ଉତ୍ସବ ପରିଚାଳନା କରିଥିଲେ।

# ଅଶୃଙ୍ଖଳା ପାଣିନାଳ ଉଦ୍ଧାର ପାଇଁ ଏନ୍‌ଜିଟିର ନିର୍ଦ୍ଦେଶ

କେନ୍ଦ୍ରାପଡ଼ା, ୨୧।୭ (ଜଗନ୍ନାଥ ଧଳ)

ମହାନଦୀ, ଚିତ୍ରୋତ୍ପଳା ଓ ପାଇକା ଦ୍ୱୀପାଞ୍ଚଳର ଅଶୃଙ୍ଖଳା ପାଣିନାଳ ଅବସ୍ଥା ଏବେ ମୃତପ୍ରାୟ ଅଛି। ଏହାର ପୁନରୁଦ୍ଧାର ପାଇଁ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛି। ଯାହା ଅଶୃଙ୍ଖଳା ଉନ୍ନୟନ ପରିଷଦକୁ ଆଶ୍ୱସ୍ତ କରିଛି। ପରିଷଦ ପକ୍ଷରୁ ଆଗତ ମାମଲାକୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ପରିଚାଳନା କରିଥିଲେ। ଏ ସମ୍ପର୍କରେ ଆଇନଜୀବୀ ପାଣି ସୂଚନା ଦେଇଛନ୍ତି, ଅଶୃଙ୍ଖଳା ପାଣିନାଳର ଲମ୍ବ ପ୍ରାୟ ୬୩ କିଲୋମିଟର। ବହୁ ପୁରାତନ ଏହି ପାଣିନାଳ ସମ୍ପ୍ରତି କଟକ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲା ମଧ୍ୟଦେଇ ଗତି କରୁଛି। ଶୁକପାଇକା ନଦୀ ଏହାର ପ୍ରାଥମିକ ଅବସ୍ଥାରେ ଉତ୍ପତ୍ତି ସ୍ଥଳ ଥିଲା। ୧୯୬୦ ମସିହାରେ ରାଜ୍ୟ ସରକାର ଏହାର ମୁହାଣକୁ ବନ୍ଦ କରିଦେଲେ। ୧୯୭୦ ମସିହାରେ ଚିତ୍ରୋତ୍ପଳା ନଦୀର ଦକ୍ଷିଣ ପାର୍ଶ୍ୱରେ ଏହା ପ୍ରବାହିତ ହେଲା। ପାରମ୍ପରିକ ଭାବେ ଏହି ପାଣିନାଳ ବନ୍ୟାଜଳ ନିୟନ୍ତ୍ରଣ କରୁଥିବା ବେଳେ ଏହାର ମୁହାଣ ବନ୍ଦ ଯୋଗୁ ଜଳ ନିଷ୍କାସନ ବ୍ୟବସ୍ଥା ଠପ୍ ହୋଇଗଲା। ମୃତ୍ତିକା କ୍ଷୟ ଓ ନାଳ ଶଯ୍ୟା ପୋତି ହେବା ଦ୍ୱାରା ୬ ଦଶନ୍ଧି ଧରି ଏହି ଦ୍ୱୀପାଞ୍ଚଳର ଆର୍ଦ୍ରଭୂମି ଏବେ ପରିବେଶ ପ୍ରତି ବିପଦ ହୋଇଛି। ସର୍ବଦା ଭରପୂର ଜଳ ପ୍ରବାହିତ ହେଉଥିବା ଏହି ପାଣିନାଳ ଏବେ ଏକ ସରୁଧାରରେ ପହଞ୍ଚିଛି। ଏଥିସହ ଏହି ପାଣିନାଳ ବିଲାତି ଦଳରେ ଭରପୂର ହୋଇଛି। ଏ ନେଇ ପରିଷଦ ପକ୍ଷରୁ ମାମଲା ପରେ ରାଜ୍ୟ ସରକାରଙ୍କୁ ଏହି ପାଣିନାଳର ପୁନରୁଦ୍ଧାର କରିବାକୁ ଏନ୍‌ଜିଟି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ଆଇନଜୀବୀ ପାଣି ସୂଚନା ଦେଇଛନ୍ତି।



# ଥାଇଲାଣ୍ଡରେ ଫସିଛନ୍ତି ୭ ଓଡ଼ିଆ ଶ୍ରମିକ

**ଫେରାଇ ଆଣିବାକୁ ଭିଡିଓରେ ଓଡ଼ିଶା, ଭାରତ ସରକାରଙ୍କୁ ନିବେଦନ**

ରାଜକନିକା,୨୧।୭(ସଞ୍ଜୟ କୁମାର ଦାଶ)



ଥାଇଲାଣ୍ଡରେ ଫସିରହିଥିବା ଶ୍ରମିକ।

କେନ୍ଦ୍ରାପଡ଼ା ଜିଲା ରାଜକନିକା, ରାଜନଗର ଓ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳର ୭ଜଣ ଶ୍ରମିକ ଥାଇଲାଣ୍ଡର ଆଙ୍ଗଥଙ୍ଗ ସହରରେ ଥିବା ସାନିଭ ଭିନିୟର ପ୍ଲାଏଉଡ୍ କମ୍ପାନୀରେ କାମ କରିବାକୁ ଯାଇଥିଲେ। ସେଠାରେ କାମ କରୁଥିବା କମ୍ପାନୀ ଚୁକ୍ତି ଅନୁସାରେ ଦରମା ଦେଉ ନ ଥିବା ବେଳେ ଭିଜାର ଅବଧି ସରିଯାଇଛି। ଫଳରେ ସେମାନେ ନିର୍ଯାତନାର ଶିକାର ହୋଇ ଭୋକ ଉପାସରେ ଦିନ କାଟୁଥିବା ନେଇ ଏକ ଭିଡିଓ ପରିବାର ଲୋକଙ୍କ ପାଖକୁ ପଠାଇଛନ୍ତି। ସେମାନଙ୍କୁ ଘରକୁ ଫେରାଇ ନେବାକୁ ଓଡ଼ିଶା ଓ ଭାରତ ସରକାରଙ୍କୁ ନିବେଦନ କରିଛନ୍ତି।

ଫସି ରହିଥିବା ଶ୍ରମିକମାନେ ହେଲେ ରାଜକନିକା ବ୍ଲକ ସିକୁଡି ଗାଁର ଦୁଇ ଭାଇ ଅମିୟ ନାୟକ, ଅଶୋକ ନାୟକ ଏବଂ ଶିଳପୋଖରୀ ଗାଁର ସଞ୍ଜୟ ପଲାଇ, ସଞ୍ଜୟ ପଲାଇ। ଏମାନଙ୍କ ବ୍ୟତୀତ ରାଜନଗର ବ୍ଲକର ପଞ୍ଚୁପଲ୍ଲୀ ଗାଁର ସନାତନ ରାଉତ, ଜଗନ୍ନାଥ ରାଉତ ଓ ପଟ୍ଟାମୁଣ୍ଡାଇ ବ୍ଲକର ଅଶୋକ ସେଠୀ। ୬ ମାସ ପୂର୍ବେ କମ୍ପାନୀ ମ୍ୟାନେଜର ଦେବେନ୍ଦ୍ର ସିଂଙ୍କ ସହ ୭ଜଣ ଓଡ଼ିଆ ଶ୍ରମିକ ଓ ୨ ଜଣ ବିହାରୀ ଶ୍ରମିକ ଯାଇଥିବା ଭିଡିଓରେ ସେମାନେ ଦର୍ଶାଇଛନ୍ତି। ୩ମାସର ଟୁରିଷ୍ଟ ଭିଜାରେ ଯାଇଥିବା କଥା ମଧ୍ୟ କହିଛନ୍ତି। ମ୍ୟାନେଜର ଦେବେନ୍ଦ୍ର ସିଂଙ୍କ କହିବା ଅନୁସାରେ, ଥାଇଲାଣ୍ଡରେ ପହଞ୍ଚିବା ପରେ ଭିଜାର ସମୟସୀମା ବୃଦ୍ଧି କରାଯାଇ ବାର୍ଷିକ କରିଦିଆଯିବ। ମ୍ୟାନେଜରଙ୍କ କଥା ଅନୁସାରେ ଆମେ ଆସି ଏଠାରେ କାମ କଲୁ। ମାସକ ପରେ ଆମମାନଙ୍କ ସହ ଚୁକ୍ତି ଅନୁଯାୟୀ ମାସକୁ ୩୦ ହଜାର ଟଙ୍କା ସହ ୨ ହଜାର ଟଙ୍କା ହାତଖର୍ଚ୍ଚ ଦେବାକୁ କୁହାଯାଇଥିଲା। ହେଲେ ମାସେ ପରେ କମ୍ପାନୀ ୨୪ ହଜାର ଟଙ୍କା ଦେଇ କୌଣସି ଖର୍ଚ୍ଚ ଦିଆଯିବ ନାହିଁ ବୋଲି ମନା କରିଦେଇଥିଲା। ଆମେମାନେ ଏହାର ପ୍ରତିବାଦ କରିବାରୁ ଆସନ୍ତା ମାସରେ ଦିଆଯିବ ବୋଲି କହିଥିଲେ। ଏମିତି କହି ସମୟ ଗଡ଼ାଇ ଚାଲିଥିଲେ। ଏହା ମଧ୍ୟରେ ଆମେମାନେ ଆସିଥିବା ଟୁରିଷ୍ଟ ଭିଜାର ଅବଧି ସରିଯାଇଥିଲା। ସେଠାକାର ପୋଲିସ ଆମକୁ ଖୋଜିବାକୁ ଲାଗିଛି। ଏମିତିକି ପୋଲିସ ଭୟରେ ଆମେମାନେ ପାଖ ଜଙ୍ଗଲରେ ଲୁଚୁଛୁ। ପୋଲିସ ଗଲା ପରେ କମ୍ପାନୀ ରୁମ୍‌କୁ ଆସୁଛୁ। ଭିଜା ଅବଧି ବଢାଇବା ପାଇଁ ନେହୁରା ହେଲେ ମଧ୍ୟ କମ୍ପାନୀ ପକ୍ଷରୁ କେହି ଶୁଣୁନାହାନ୍ତି। ୨ ମାସ ହେବ ଆମେମାନେ କମ୍ପାନୀରୁ କିଛି ବି ଟଙ୍କା ପାଇନୁ। ଭୋକ ଉପାସରେ ଦିନ କାଟୁଛୁ। କାମ ବନ୍ଦ କଲେ କମ୍ପାନୀ ମାଲିକ ପୋଲିସ ଓ ଜେଲ ପଠେଇବାର ଧମକ ଦେଉଛନ୍ତି। ଆମମାନଙ୍କ ପାଖରେ ଭିଜା ନାହିଁ। ଆମେମାନେ ଏଠି ଅସୁବିଧାର ସମ୍ମୁଖୀନ ହେଉଛୁ। ଏକଥା ପରିବାର ଲୋକେ ଜାଣିବା ପରେ ପୁଅମାନଙ୍କ ଫେରିବା ବାଟକୁ ଚାହିଁ ରହିଛନ୍ତି। ଏ ନେଇ ପରିବାର ପକ୍ଷରୁ ରାଜକନିକା ଥାନାରେ ଏତଲା ଦିଆଯାଇଛି। ଅପରପକ୍ଷେ ଶ୍ରମିକମାନେ ଭିଡିଓରେ ଘରକୁ ଫେରାଇ ନେବାକୁ ଆକୁଳ ନିବେଦନ କରିଛନ୍ତି। ଏଥିସହ ଖବର ପ୍ରକାଶ କଲେ ଜୀବନରୁ ମାରି ଦେବାକୁ କମ୍ପାନୀ ମାଲିକ ଧମକ ମଧ୍ୟ ଦେଇଥିବା ଶ୍ରମିକମାନେ କହିଛନ୍ତି।

# ଚିତ୍ରୋତ୍ପଳା ନଦୀରେ ନିଖୋଜ ଛାତ୍ରଙ୍କ ମୃତଦେହ ଜବତ

ପାଟକୁରା, ୨୧।୭(ରବୀନ୍ଦ୍ର ନାଥ ବାରିକ)

ପାଟକୁରା ଥାନା ଅନ୍ତର୍ଗତ ଗରଦପୁର ବ୍ଲକ ଜଗନ୍ନାଥପୁର ଗାଁର ବି.ଟେକ୍ ଛାତ୍ର କୌଶିକ ବାରିକ(୧୮) ଚିତ୍ରୋତ୍ପଳା ନଦୀରେ ସାଙ୍ଗମାନଙ୍କ ସହ ଗାଧୋଉଥିବାବେଳେ ଶନିବାର ବୁଡ଼ି ନିଖୋଜ ହୋଇଯାଇଥିଲେ। ତାଙ୍କ ମୃତଦେହକୁ ରବିବାର ନଦୀରୁ ଜବତ କରାଯାଇଛି। ସେ ହେଉଛନ୍ତି ଜଗନ୍ନାଥପୁର ଗାଁର ଧୀରେନ କୁମାର ବାରିକଙ୍କ ଏକମାତ୍ର ପୁଅ କୌଶିକ। ଶନିବାର ଅଗ୍ନିଶମ ବାହିନୀ ଓ ଓଡ୍ରାଫ ଟିମ୍ ନଦୀରେ ଖୋଜାଖୋଜି କରି ତାଙ୍କର ସନ୍ଧାନ ପାଇ ନ ଥିଲେ। ରବିବାର ଗରଦପୁର ତହସିଲଦାର ତୃପ୍ତିମୟୀ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଓଡ୍ରାଫ ଟିମ୍ ସକାଳୁ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଚିତ୍ରୋତ୍ପଳା ନଦୀର ସମସରା ନିକଟରୁ ନିଖୋଜ କୌଶିକଙ୍କ ମୃତଦେହ ସକାଳ ୭ଟାରେ ଜବତ କରିଥିଲେ। ଏହା ପରେ ପାଟକୁରା ପୋଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହକୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଚିତ୍ରୋତ୍ପଳା ନଦୀକୂଳ ଗ୍ରାମ ଶ୍ମଶାନରେ ଶୋକାକୁଳ ପରିବେଶରେ କୌଶିକଙ୍କ ସଂସ୍କାର ଅପରାହ୍ନରେ କରାଯାଇଛି।

# ରାଜ୍ୟର ପ୍ରଥମ ୱେରହାଉସ କଣ୍ଟେନର ସେବା ଆରମ୍ଭ

ପାରାଦୀପ,୨୧।୭(ଶରତ ରାଉତ)

**ଓଡ଼ିଶାର ରପ୍ତାନି, ଆମଦାନୀ କ୍ଷେତ୍ରରେ ସହାୟକ ହେବ**

ଜଗତ୍‌ସିଂହପୁର ଜିଲା ପାରାଦୀପ ରଙ୍ଗିଆଗଡ଼ସ୍ଥିତ କଙ୍କର ମଲ୍ଟି ମୋଡାଲ ଲଜିଷ୍ଟିକ୍ ପାର୍କ ମଧ୍ୟରେ ରବିବାର ୱେରହାଉସ ସେବା ଆରମ୍ଭ ହୋଇଛି। ଏଠାରେ ଏକାଧିକ ୱେରହାଉସ ରହିଛି। ସେଥିରୁ ଗୋଟିଏ ଘରୋଇ ସଂସ୍ଥା ଅଲଟ୍ରା କମର୍ସିଆଲ ଆଣ୍ଡ କୋ କମ୍ପାନୀ ଅଧିଗ୍ରହଣ କରିଛି। ଉକ୍ତ କମ୍ପାନୀ ରବିବାର ତା'ର ପ୍ରଥମ କଣ୍ଟେନର ସେବା ଆରମ୍ଭ କରିଛି। ଏହା ରାଜ୍ୟରେ ପ୍ରଥମ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ୱେରହାଉସ ଜରିଆରେ ବହୁମୁଖୀ ପଣ୍ୟ ସହଜରେ କାରବାର ହୋଇପାରିବ। ଏହାକୁ ପାରାଦୀପ ବନ୍ଦର ଟ୍ରାଫିକ ପରାମର୍ଶଦାତା ଆଶିଷ କୁମାର ବୋଷ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଏହା ଓଡ଼ିଶାର ରପ୍ତାନି ଓ ଆମଦାନୀ କ୍ଷେତ୍ରରେ ବିଶେଷ ସହାୟକ ହେବ। ନିବେଶକମାନେ ଉଚିତ ମୂଲ୍ୟରେ ତାଙ୍କର ପଣ୍ୟ କାରବାର କରିପାରିବେ। ୨୫ ହଜାର ସ୍କୋୟାର ଫୁଟ୍ ଅଞ୍ଚଳରେ ନିର୍ମିତ ଏହି ୱେରହାଉସ ମଧ୍ୟକୁ ଟ୍ରେନ୍ ଓ ଭାରିଯାନ ଚଳାଚଳ ପାଇଁ ବ୍ୟବସ୍ଥା କରାଯାଇଛି।

ପାରାଦୀପ ବନ୍ଦର ସମ୍ପ୍ରତି ଦେଶର ଏକ ନମ୍ବର ସ୍ଥାନ ହାସଲ କରିଥିଲେ ହେଁ କ୍ଲିନ୍ କାର୍ଗୋ ପାଇଁ ସେପରି କୌଣସି ବ୍ୟବସ୍ଥା ନ ଥିଲା। କେବଳ ବଲ୍କ (ଲଘୁ ଓ ଖଣିଜ ପଦାର୍ଥ)କାର୍ଗୋ ଓ ଅଏଲ କାରବାର ହେଉଥିଲା। ଯେକୌଣସି ନିବେଶକ କିମ୍ବା ବ୍ୟବସାୟୀ ଶୁଖିଲା ପଣ୍ୟ (ଔଷଧ, କପଡ଼ା, ମସଲା, ଖାଦ୍ୟସାମଗ୍ରୀ, ବୈଦ୍ୟୁତିକ ଉପକରଣ ଆଦି)କାରବାର ପାଇଁ ଭିତ୍ତିଭୂମି ନ ଥିଲା। ଏନେଇ ରେଲ୍‌ୱେ ସହଯୋଗୀ ସଂସ୍ଥା କଙ୍କର (କେନ୍ଦ୍ର ସରକାରଙ୍କ ଏକ ଉଦ୍ୟୋଗ)ଜରିଆରେ ରଙ୍ଗିଆଗଡ଼ଠାରେ ମଲ୍ଟି ମୋଡାଲ କରିଡର କରାଯାଇଛି। ସେଠାରେ ଏକାଧିକ ବଡ଼ ୱେରହାଉସ ନିର୍ମାଣ କରାଯାଇଛି। ଯେକୌଣସି କ୍ଲିନ କାର୍ଗୋ ସେଠାରେ ସୁରକ୍ଷିତ ଭାବେ ରହିପାରିବ। ଏହାଦ୍ୱାରା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପ ପାଇଁ ଆବଶ୍ୟକ କଞ୍ଚାମାଲ ଏବେ ପାରାଦୀପ ବନ୍ଦର ଜରିଆରେ ସହଜରେ କାରବାର କରିହେବ ବୋଲି ବୋଷ କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଅଲଟ୍ରା କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ପଟ୍ଟନାୟକ, ପାର୍ଟନର ଚିନ୍ମୟ ପଟ୍ଟନାୟକ, କଙ୍କର ଆସିଷ୍ଟାଣ୍ଟ ଅଫିସର ରୁଧିରଞ୍ଜନ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।



# ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀରେ ଅବ୍ୟବସ୍ଥା

**ଖଣ୍ଡପଡ଼ା,୨୧।୭**
**(ଅଜୟ କୁମାର ମହାରଣା)**



- ପାନୀୟ ଜଳ, ଆଲୋକ ବ୍ୟବସ୍ଥା ନାହିଁ
- ଅସାମାଜିକ ବ୍ୟକ୍ତିଙ୍କ ରାଜ୍ ବଢ଼ୁଛି

ଖଣ୍ଡପଡ଼ା ସହରର ଉପକଣ୍ଠରେ ଥିବା ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀ ପରିସରରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲକ୍ଷ୍ୟରେ, କ୍ଷୁଦ୍ର ଜଳସେଚନ ବିଭାଗ ଓ ଏନ୍‌ଏସି ପକ୍ଷରୁ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଛି। ଏବେ ପର୍ଯ୍ୟଟନସ୍ଥଳୀଟି ପୁନର୍ବାର ନୂଆ ରୂପରେ ଶୋଭା ପାଉଥିଲେ ହେଁ ପର୍ଯ୍ୟଟକଙ୍କ ନିମନ୍ତେ ଏଠାରେ ପାନୀୟ ଜଳ ବ୍ୟବସ୍ଥା ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ସୁରକ୍ଷା ବ୍ୟବସ୍ଥା ଢିଲା ଯୋଗୁ ସନ୍ଧ୍ୟା ନଇଁଲେ ପର୍ଯ୍ୟଟନ ସ୍ଥଳୀ ପରିସରରେ ଅସାମାଜିକ ବ୍ୟକ୍ତି, ମଦ୍ୟପ ଓ ଲୁଟେରାଙ୍କ ଭିଡ଼ ଜମୁଛି। ଅସାମାଜିକ ବ୍ୟକ୍ତି ଓ ଲୁଟେରାମାନେ ନିର୍ଜନତାର ସୁଯୋଗ ନେଇ ପର୍ଯ୍ୟଟନସ୍ଥଳୀ ପରିସରରୁ ମୂଲ୍ୟବାନ ସାମଗ୍ରୀ ଲୁଟପାଟ କରିବା ସହ ଭଙ୍ଗାରୁଜା କରୁଥିବାରୁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ପର୍ଯ୍ୟଟନସ୍ଥଳୀ ପରିସରରେ ପ୍ରଶାସନ ପକ୍ଷରୁ ଉଜ୍ଜ୍ୱଳ ଆଲୋକର ବ୍ୟବସ୍ଥା କରାଯାଇଥିଲା। ମାତ୍ର ଅଧିକାଂଶ ବିଦ୍ୟୁତ ଖୁଣ୍ଟରୁ ଲୁଟେରାମାନେ ଏଲଇଡି ବଲବ୍‌ଗୁଡିକ ଚୋରି କରି ନେଇଥିବା ଜଣାପଡିଛି। ଖଣ୍ଡପଡ଼ା କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ଏହି ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀଟି ରହିଛି। ପ୍ରାଥମିକ ପର୍ଯ୍ୟାୟରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ୧.୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇ ପର୍ଯ୍ୟଟନସ୍ଥଳୀର ବିକାଶ କରାଯାଇଥିଲା। ମାତ୍ର ରକ୍ଷଣାବେକ୍ଷଣ ଅଭାବ ସାଙ୍ଗକୁ ସୁରକ୍ଷା ବ୍ୟବସ୍ଥା ଢିଲା ଯୋଗୁ ପର୍ଯ୍ୟଟନସ୍ଥଳୀ ପରିସରରୁ ଅନେକ ମୂଲ୍ୟବାନ ସାମଗ୍ରୀ ଲୁଟେରାମାନେ ଲୁଟି ନେଇଥିଲେ। ପରବର୍ତ୍ତୀ ସମୟରେ ଖଣ୍ଡପଡ଼ା ଏନ୍‌ଏସି କର୍ତ୍ତୃପକ୍ଷ ମୁଖ୍ୟମନ୍ତ୍ରୀ କର୍ମତତ୍ପର(ମୁକ୍ତା) ଯୋଜନାରେ ଲକ୍ଷାଧିକ ଟଙ୍କା ବ୍ୟୟ କରି ପୁନର୍ବାର ପର୍ଯ୍ୟଟନସ୍ଥଳୀର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଏବେ ଚାଲୁ ରଖିଥିଲେ ହେଁ ଆନୁଷଙ୍ଗିକ ପାନୀୟ ଜଳ ବ୍ୟବସ୍ଥା ଓ ସୁରକ୍ଷା ବ୍ୟବସ୍ଥା ପ୍ରତି ପ୍ରଶାସନ ଦୃଷ୍ଟି ଦେଇନାହିଁ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ଖଣ୍ଡପଡ଼ା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ, ପୋଲିସ ଓ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଖଣ୍ଡପଡ଼ାର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ନୂଆଗାଁ ବ୍ଲକରେ ଡ୍ୟାନ୍ସ ନୟାଗଡ଼ ଡ୍ୟାନ୍ସ ଅଡିଶନ



ଡ୍ୟାନ୍ସ ନୟାଗଡ଼ ଡ୍ୟାନ୍ସ କାର୍ଯ୍ୟକ୍ରମର କର୍ମକର୍ତ୍ତାଙ୍କ ସହ କଳାକାର।

**ନୂଆଗାଁ,୨୧।୭(ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ଭାଷା ସାହିତ୍ୟ ଓ ସଂସ୍କୃତି ପରିଷଦ ସୃଜନିକା ତରଫରୁ ଡ୍ୟାନ୍ସ ନୟାଗଡ଼ ଡ୍ୟାନ୍ସ ପ୍ରତିଯୋଗିତା ଆୟୋଜନ କରାଯାଇଛି। ଏଥିପାଇଁ ନୟାଗଡ଼ ଜିଲାର ପ୍ରତି ବ୍ଲକରୁ ଅଡିଶନ ମାଧ୍ୟମରେ ପ୍ରତିଯୋଗୀ ଚୟନ କରାଯାଉଛି। ଏହି କ୍ରମରେ ନୂଆଗାଁ ବ୍ଲକରେ ରବିବାର ବିଜୁ ଭବନଠାରେ ଅଡିଶନ କରାଯାଇ ୫ ଜଣ ପ୍ରତିଯୋଗୀଙ୍କୁ ଚୟନ କରାଯାଇଛି। ନୂଆଗାଁ ବ୍ଲକରୁ ଚୟନ ହୋଇଥିବା ପ୍ରତିଯୋଗୀମାନେ ଜିଲାସ୍ତରରେ ହେବାକୁ ଥିବା ଡ୍ୟାନ୍ସ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ।

ନୟାଗଡ଼ ଜିଲାର କୁନି କୁନି ନୃତ୍ୟ କଳାକାରମାନଙ୍କ ନୃତ୍ୟ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ସୃଜନିକା ତରଫରୁ ପ୍ରୟାସ କରାଯାଉଛି। ଏପରି କି ନୟାଗଡ଼ ଜିଲାର କୃତୀ କଳାକାରମାନଙ୍କୁ ରାଜ୍ୟସ୍ତରରେ ପହଞ୍ଚାଇ ନିଜ ଜିଲାର ଶ୍ରେୟ ଆଣିବାର ଉଦ୍ୟମ ଜାରି ରହିଛି। ଜିଲାସ୍ତରରେ ପ୍ରତିଯୋଗିତା ପାଇଁ ନୂଆଗାଁ ବ୍ଲକରେ ଅଡିଶନ କରାଯାଇଥିଲା। ଏହି ଅଡିଶନରେ ୮ରୁ ୧୮ ବର୍ଷର ୩୩ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ବ୍ଲକସ୍ତରୀୟ ଅଡିଶନରେ ମନୋନୀତ ପ୍ରତିଯୋଗୀ ପ୍ରାଚୀ ବେହେରା, କରିସ୍ମା ବେହେରା, ନିରୁପିତା ଦାସ, ସାଇଶ୍ରୀ ପାତ୍ର ଓ ସୋନାଲି ବେହେରା ନୟାଗଡ଼ଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ଡ୍ୟାନ୍ସ ନୟାଗଡ଼ ଡ୍ୟାନ୍ସ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ସେଠାରେ ପ୍ରଥମ, ଦ୍ୱିତୀୟ ଓ ୩ୟ ଭାବେ ୩ ଜଣଙ୍କୁ ଚୟନ କରାଯିବ। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ମାନପତ୍ର ସହ ୧୦ ହଜାର, ଦ୍ୱିତୀୟଙ୍କୁ ମାନପତ୍ର ସହ ୫ ହଜାର ଓ ୩ୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ମାନପତ୍ର ସହ ୩ ହଜାର ଟଙ୍କା ଦେବା ସହ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ଦିଆଯିବ ବୋଲି ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଦଶପଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ସାମାଜିକ କର୍ମୀ ଦାମୋଦର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଚାରକ ଭାବେ ଅରବିନ୍ଦ ବାରିକ , ଶାବରୀ ପରମଗୁରୁ, ଧନେଶ୍ୱର ପ୍ରଧାନ କଳାକାରଙ୍କୁ ଚୟନ କରିଥିଲେ। ସୃଜନିକାର ସଭାପତି ପ୍ରଧାନୀ ବୃନ୍ଦାବନ ମହାପାତ୍ର, ଉପସଭାପତି ଅଧ୍ୟାପିକା ନୀଳିମା ନନ୍ଦ, ଟ୍ରଷ୍ଟି ଦେବେନ୍ଦ୍ର ପ୍ରସାଦ ପରମଗୁରୁ ଉପସ୍ଥିତ ରହିଥିବା ବେଳେ ପରିଷଦର ସଚିବ ନିର୍ମଳ ଚନ୍ଦ୍ର ଶୁରଦେଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କାଉଡ଼ି ଭଜନ 'ଲଡୁବାବା ପାର କରେଗା' ଲୋକାର୍ପିତ

**ଶରଣକୁଳ,୨୧।୭(ଦୀପକ କର)**

ରବିବାର ଶରଣକୁଳ ଶ୍ରୀ ଲଡୁବାବାଙ୍କ ପୀଠରେ ସୁଶାନ୍ତ ପାତ୍ର ଲିଖିତ 'ଲଡୁବାବା ପାର କରେଗା' କାଉଡ଼ି ଭଜନ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ମନ୍ଦିର ପରିସରରେ ଆୟୋଜିତ ଏହି ଲୋକାର୍ପଣ ଉତ୍ସବରେ ଲେଖକ ପାତ୍ରଙ୍କ ସହ ସାମାଜିକ କର୍ମୀ ଦାମୋଦର ସାହୁ, ଅଧ୍ୟାପିକା ନୀଳିମା ନନ୍ଦ, ଦେବେନ୍ଦ୍ର ପ୍ରସାଦ ପରମଗୁରୁ, ଶିକ୍ଷକ ପରମାନନ୍ଦ ସ୍ୱାଇଁ, ଯୋଗଗୁରୁ ବୈକୁଣ୍ଠ ନାଥ ପ୍ରଧାନ, ଖବରଦାତା ଦିଲୀପ କୁମାର ମିଶ୍ର, କବି ନୀଳମାଧବ ମିଶ୍ର, ବରିଷ୍ଠ ଖବରଦାତା ସତ୍ୟନାରାୟଣ ମିଶ୍ର, ବରିଷ୍ଠ ସାହିତ୍ୟିକ କବି କଲ୍ଲୋଳ ଗୋଦାବରୀ ବସନ୍ତିଆ, କବି କୁସୁମ ନିରାକାର ସ୍ୱାଇଁ, ବିଶିଷ୍ଟ ସାରସ୍ୱତ ସାଧକ ଡ.ସୁରେଶ ଚନ୍ଦ୍ର ବରାଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# ଅଭିଭାବକ, ଶିକ୍ଷକ ସମ୍ମିଳନୀ

**ନୟାଗଡ଼,୨୧।୭(ଲୋକନାଥ ମିଶ୍ର)**

ନୟାଗଡ଼ ବ୍ଲକ ଖୁଣ୍ଟୁବନ୍ଧ ପଞ୍ଚାୟତସ୍ଥିତ ଗୁପ୍ତପଲି ଜିତେନ୍ଦ୍ର ଫାଉଣ୍ଡେଶନ ମାନସିକ ଅନଗ୍ରସର ବିଦ୍ୟାଳୟରେ ନବଦର୍ଶନ ପ୍ରକଳ୍ପର ତୃତୀୟ ଅଭିଭାବକ ଓ ଶିକ୍ଷକ ସଭା ଅନୁଷ୍ଠିତ ହୋଇଯାଇଛି। ନବଦର୍ଶନ ପ୍ରକଳ୍ପର ସଫଳତାର ସ୍ଥିତି ଅନୁଧ୍ୟାନ ପାଇଁ ଏହି ଅଧିବେଶନ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ କାମଦେବ ନାୟକ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆକାଉଣ୍ଟ ଅଫିସର ଅମଳେନ୍ଦୁ ମିସ୍ତ୍ରୀ, ପ୍ରକଳ୍ପ ପରିଚାଳନା ଅଧିକାରୀ ସାଗରିକା ଚଇନି, କର୍ମକର୍ତ୍ତା ଆଲୋକ ପରିଚ୍ଛା, ଜିତେନ୍ଦ୍ର ଫାଉଣ୍ଡେଶନର ସମ୍ପାଦକ ଜିତେନ୍ଦ୍ର କୁମାର ଲେଙ୍କା ଓ ଉପସଭାପତି ପ୍ରଦୀପ୍ତ ମହାପାତ୍ରଙ୍କ ସମେତ ଅଭିଭାବକମାନେ ଉପସ୍ଥିତ ଥିଲେ।

# ମୁଖ୍ୟ ରାସ୍ତା ଉପରେ ରଥ, ଯାନବାହନ ଚଳାଚଳ ବାଧାପ୍ରାପ୍ତ

**ଖଣ୍ଡପଡ଼ା,୨୧।୭**
**(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ାରେ ମହାପ୍ରଭୁଙ୍କ ପବିତ୍ର ଘୋଷଯାତ୍ରା ଶେଷ ହୋଇଛି। ହେଲେ ଖଣ୍ଡପଡ଼ା ସହରର ରଥଗଡା ଛକ ଉପରେ ୨ଟି ରଥ ରାସ୍ତାକୁ ମାଡି ରହିଥିବାରୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେଉଛି। ବିକଳ୍ପ ରାସ୍ତା ଭାବେ ଯାତ୍ରୀବାହୀ ବସ୍‌ଗୁଡିକ ରଥଗଡ଼ା ଛକରୁ ଅଣଓସାରିଆ ଜନଗହଳିପୂର୍ଣ୍ଣ ରାସ୍ତା ଦେଇ ପୁରୁଣା ଡାକ୍ତରଖାନା ଛକରେ ବାହାରି ଚଳାଚଳ କରୁଥିବାରୁ ନାନା ସମସ୍ୟା ସୃଷ୍ଟି ହୋଇଛି। ଯାତ୍ରୀବାହୀ ବସ୍‌ରେ ଯାତାୟାତ ନିମନ୍ତେ ଖଣ୍ଡପଡ଼ା କୁମ୍ଭାରସାହି, ମଣିକର୍ଣ୍ଣିକା ସାହି, ବଜାର ସାହିର ବାସିନ୍ଦାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ସର୍ବସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୁଖ୍ୟ ରାସ୍ତା ଉପରୁ ୨ରଥକୁ ରାସ୍ତାର ଗୋଟିଏ ପାର୍ଶ୍ୱକୁ ସ୍ଥାନାନ୍ତର କରିବାକୁ ଦାବି ହୋଇଛି। ଏହାଦ୍ୱାରା ଯାତ୍ରୀବାହୀ ବସ୍‌ଗୁଡିକ ସୁବିଧାରେ ଯାତାୟାତ କରିପାରିବ। ସ୍ଥାନୀୟ ପୋଲିସ, ତହସିଲଦାର ଓ ଦେବୋତ୍ତର ବିଭାଗ ଅଧିକାରୀ ଏ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



ରାସ୍ତା ଉପରେ ରଥ ରହିଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ କାହ୍ନା



@ ମଞ୍ଜୁ



@ ପ୍ରଦୀପ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶୀତତାପ ନିୟନ୍ତ୍ରିତ ସରକାରୀ ବସ୍‌ସେବା ଆରମ୍ଭ

**ଖଣ୍ଡପଡ଼ା,୨୧।୭**
**(ଅଜୟ କୁମାର ମହାରଣା)**

ନୟାଗଡ଼ ସହରକୁ ଭାପୁରଠାରୁ ଖଣ୍ଡପଡ଼ା ସହର ଦେଇ ଶୀତତାପ ନିୟନ୍ତ୍ରିତ ସରକାରୀ ବସ ସେବା ଆରମ୍ଭ ହୋଇଛି। ସ୍ୱଳ୍ପ ମୂଲ୍ୟରେ ଯାତ୍ରୀମାନେ ଏହି ବସରେ ଯାତାୟାତ କରିପାରିବେ। ଏହି ବସଟି ସକାଳ ୭ଟାରୁ ଭାପୁରଠାରୁ ଯାତ୍ରା ଆରମ୍ଭ କରି ଖଣ୍ଡପଡ଼ା ସହରରେ ୭.୩୦ ମିନିଟ ସମୟରେ ପହଞ୍ଚିବ। ସେଠାରୁ ନୟାଗଡ ଅଭିମୁଖେ ଯାତ୍ରା କରୁଥିବା ଜଣାପଡିଛି। ସରକାରଙ୍କ ପକ୍ଷରୁ ଚାଲୁଥିବା ଏହି ବସ ସେବାକୁ ଘରୋଇ ବସ ମାଲିକମାନେ ବିରୋଧ କରୁଛନ୍ତି। ଏଥିପ୍ରତି ନୟାଗଡ଼ ଆଞ୍ଚଳିକ ପରିବହନ ଅଧିକାରୀ ଓ ପୋଲିସ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ନିଷ୍କାସନ ପଥ ବନ୍ଦ, ରାସ୍ତାରେ ଚାଲିଛି ଆବର୍ଜନା ପାଣି

**ଖଣ୍ଡପଡ଼ା,୨୧।୭**
**(ଅଜୟ କୁମାର ମହାରଣା)**

ବିପର୍ଯ୍ୟସ୍ତ ଡ୍ରେନେଜ ବ୍ୟବସ୍ଥା ଯୋଗୁ ଖଣ୍ଡପଡ଼ା ବ୍ଲକ୍ ବେଣାଗାଡିଆ ପଞ୍ଚାୟତ ଅଧୀନ ବେଣାଗାଡିଆ ଛକ ପୂର୍ତ୍ତ ବିଭାଗ ରାସ୍ତାଠାରୁ ତେନ୍ତୁଳାପଲ୍ଲୀ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ପରିତ୍ୟକ୍ତ ଅବସ୍ଥାରେ ରହିଛି। ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ଗ୍ରାମର ଉଦ୍‌ବୃତ୍ତ ପାଣି ଓ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ବହୁ ଦିନ ଧରି ରାସ୍ତା ଉପରେ ଲହଡି ମାରୁଛି। ଅପରପକ୍ଷେ ବେଣାଗାଡିଆ ଛକଠାରୁ ହାଇସ୍କୁଲ ରାସ୍ତା ଦେଇ ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପ୍ରାୟ ୪ ଶହ ମିଟର ରାସ୍ତାରେ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ଖାଲଖମା ସୃଷ୍ଟି ହୋଇଛି। ବର୍ଷାଜଳ ଜମା ହୋଇ ଗମନା ଗମନରେ ସମସ୍ୟା ସୃଷ୍ଟି କରୁଛି। ଫଳରେ ପ୍ରତ୍ୟହ ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ସାହି ବାସିନ୍ଦା, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ସହ ଜନସାଧାରଣ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି।

ବର୍ଷା ଜଳ ନିଷ୍କାସନ ପାଇଁ ବହୁ ବର୍ଷ ତଳେ ଉକ୍ତ ରାସ୍ତାରେ ୩ଟି କଲଭର୍ଟ ନିର୍ମାଣ କରାଯାଇଥିଲା। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ଉକ୍ତ କଲଭର୍ଟଗୁଡିକ ପୋତି ହୋଇଯିବା ସହ ସ୍ଥାନୀୟ କେତେକ ବ୍ୟକ୍ତିଙ୍କ କବ୍‌ଜାରେ ରହି ଗୃହ ସମ୍ପ୍ରସାରଣ କରାଯାଇଛି। ବହୁ ବର୍ଷ ଧରି ପଞ୍ଚାୟତ କର୍ତ୍ତୃପକ୍ଷ ଏ ଦିଗରେ ଧ୍ୟାନ ଦେଉ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ସେହିପରି ଖଣ୍ଡପଡା– ବାଣପୁର ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତା ବେଣାଗାଡିଆ ଛକରେ ଡ୍ରେନ ପାଣି ନିଷ୍କାସନ ହୋଇ ନ ପାରି ଦୂଷିତ ପରିବେଶ ସୃଷ୍ଟି ହୋଇଛି। ରାସ୍ତା କଡରେ ଥିବା ବିଭିନ୍ନ ଦୋକାନ ବଜାରର ବର୍ଜ୍ୟବସ୍ତୁ, ଜଳଖିଆ ଦୋକାନର ପତ୍ର, ଠୁଙ୍ଗା, ପଲିଥିନ ଜରି ଆଦି ସେହି ଡ୍ରେନରେ ଜମି ନିଷ୍କାସନ ପଥ ଅବରୋଧ କରିଛି। ଏହି ଦୂଷିତ ପରିବେଶରେ ମଶା ମାଛିଙ୍କ ବଂଶ ବୃଦ୍ଧି ଘଟି ଡେଙ୍ଗୁ ରୋଗ ବ୍ୟାପିବାର ଆଶଙ୍କା ପ୍ରକାଶ ପାଇଛି। ଏହି ସମସ୍ୟାର ସମାଧାନ ପାଇଁ ରାସ୍ତା ପାର୍ଶ୍ୱରେ ଡ୍ରେନ ନିର୍ମାଣ ଲାଗି ପଞ୍ଚାୟତ କର୍ତ୍ତୃପକ୍ଷ, ଖଣ୍ଡପଡ଼ା ବ୍ଲକ ପ୍ରଶାସନ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ଖୋଦ ଖଣ୍ଡପଡ଼ା ବିଧାୟକଙ୍କ ଘର ଏହି ଗ୍ରାମରେ ହୋଇଥିବାରୁ ସେ ଏଥିପ୍ରତି ଗୁରୁତ୍ୱ ଦେବା ଆବଶ୍ୟବ ବୋଲି ସାଧାରଣରେ ଆଲୋଚନା ହେଉଛି।



# ଆଜି ଶ୍ରାବଣ ମାସର ପ୍ରଥମ ସୋମବାର

**ଖଣ୍ଡପଡ଼ା,୨୧।୭**
**(ଅଜୟ କୁମାର ମହାରଣା)**

ଶାସ୍ତ୍ରରେ ଅଛି ଶିବ ହେଉଛନ୍ତି ଅଭିଷେକ ପ୍ରିୟ। ତେଣୁ ଶ୍ରାବଣ ମାସ ଆସିଗଲା ମାତ୍ରେ ବର୍ଷାର ଧାରା ସହିତ ତାଳ ଦେଇ ଆରମ୍ଭ ହୋଇଥାଏ କାଉଡିଆଙ୍କ ସୁଅ। ବିଭିନ୍ନ ଶୈବ ପୀଠରେ ଜଳଲାଗି କରିବା ପାଇଁ କାନ୍ଧରେ କାଉଡି ବୋହି ଖାଲି ପାଦରେ ବିଭିନ୍ନ ଧ୍ୱନି ଦେଇ ଭକ୍ତ ଚାଲନ୍ତି। ଏହି ଉପଲକ୍ଷେ ରାଜ୍ୟର ବିଭିନ୍ନ ସ୍ଥାନରୁ ଭକ୍ତମାନେ କଣ୍ଟିଲୋ ନୀଳମାଧବ ପୀଠସ୍ଥ ମହାନଦୀରୁ ଜଳ ଭାର ନେବାକୁ ଭିଡ଼ ଜମାଇ ଥାଆନ୍ତି। ଏହି ସୁଯୋଗର ଫାଇଦା ଉଠାଇବା ପାଇଁ କଣ୍ଟିଲୋ ନୀଳମାଧବ କ୍ଷେତ୍ରରେ ବୋଲବମ୍ ଭକ୍ତଙ୍କ ପାଇଁ ଅସ୍ଥାୟୀ ବଜାର ଖୋଲା ଯାଇଛି। ଏହି ଯାତ୍ରା ପ୍ରାୟ ଏକ ମାସ ଧରି ଚାଲିବ। ଏଥିପାଇଁ ଖୋଲିଥିବା ଦୋକାନରେ ପ୍ଲାଷ୍ଟିକ ନାଗ ସାପ, ଡମ୍ବରୁ, କାଉଡି, ଧାତୁ ଓ ମାଟି ପାତ୍ର, ଫୁଲମାଳ, କ୍ୟାସେଟ, ପୋଷାକ ତଥା ଅନ୍ୟାନ୍ୟ ସାମଗ୍ରୀ ବିକ୍ରି ବଢ଼ିଛି। ବୋଲବମ୍ ଭକ୍ତମାନଙ୍କୁ ଶୁଦ୍ଧ ନିରାମିଷ ଖାଦ୍ୟ ଯୋଗାଇବା ଦେବା ଉଦ୍ଦେଶ୍ୟରେ ହୋଟେଲ, ଜଳଖିଆ ଦୋକାନରେ ଭିଡ଼ ଜମିଛି। ବର୍ଷସାରା ନ ହେଲେ ବି ବର୍ଷକୁ ଗୋଟିଏ ମାସ କେତେଜଣ ଦୋକାନୀ ଏହାଦ୍ୱାରା ଭଲ ଦି ପଇସା ରୋଜଗାର କରିଥାଆନ୍ତି। ଏହି ଅବସରରେ ଜିଲା ତଥା ଜିଲା ବାହାରୁ କଣ୍ଟିଲୋ ନୀଳମାଧବ କ୍ଷେତ୍ର ମହାନଦୀ ଘାଟରୁ ଶନିବାର ଓ ରବିବାର ବହୁ ସଂଖ୍ୟକ ବୋଲବମ୍ ଭକ୍ତ ଜଳଭାର ନେବାକୁ ଆସିଥିଲେ। ଏଥିପାଇଁ ନୀଳମାଧବଙ୍କ ପୀଠ ଚଳଚଞ୍ଚଳ ହୋଇପଡିଥିଲା। ଅପରପକ୍ଷେ ଗତ ୮ବର୍ଷ ହେବ ନୀଳମାଧବ ମନ୍ଦିରରେ ଲାଗିଥିବା ସିସି ଟିଭି କ୍ୟାମେରା ଠିକ୍ ଭାବେ କାମ କରୁନାହିଁ। ମନ୍ଦିରରେ ପର୍ଯ୍ୟଟକଙ୍କ ସହ କାଉଡିଆଙ୍କ ଗହଳ ଲାଗି ରହିଥିବାରୁ କିଛି ଅଘଟଣ ଘଟିବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ସିସିଟିଭି କ୍ୟାମେରାକୁ ମରାମତି କରିବାକୁ ଦାବି ହୋଇଛି।



କାଉଡ଼ିଆମାନେ ନଦୀଘାଟରୁ ପାଣି ଉଠାଉଛନ୍ତି।

## ନୀଳମାଧବ ପୀଠ ଚଳଚଞ୍ଚଳ

